


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 144 | ଭାଗ ୩୩ | ସଂଖ୍ୟା ୧୪୪ | Bhubaneswar | Thursday 14 August 2025 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର ୧୪ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ୭ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# ଚାଷୀଙ୍କ ପାଇଁ ଖୋଲିବ ମଡେଲ୍ ମଣ୍ଡି

- ଖୋଲିବ ଆଉ ୭ ନର୍ସିଂ କଲେଜ
- ସବୁ ସହରରେ ଲାଗିବ ଏଲ୍ଇଡି
- ସଂଗ୍ରହାଳୟରେ ନିଯୁକ୍ତି ପାଇଁ ନୂଆ କ୍ୟାଡରକୁ ମଞ୍ଜୁରୀ
- ଓଡ଼ିଶା ହେବ ବିମାନସେବା ହବ୍
- ପ୍ରତିଷ୍ଠା ହେବ ଆହୁରି ୩୯ଟି ସଂଗ୍ରହାଳୟ





**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ଆଜି ରାଜ୍ୟ କ୍ୟାବିନେଟ୍ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୬ଟି ବିଭାଗର ୭ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ରାଜ୍ୟ ସରକାର ଚଳିତ ଖରିଫ ଋତୁରେ ବିଭିନ୍ନ ଜିଲ୍ଲାରେ ୩୮ଟି ଆଧୁନିକ ମଣ୍ଡି ଖୋଲିବେ। ଏହି ମଣ୍ଡିଗୁଡ଼ିକରେ ଚାଷୀଙ୍କ ପାଇଁ ବିଭିନ୍ନ ପ୍ରକାରର ସୁବିଧା ରହିବ। ବିଶ୍ରାମ, ପାନୀୟଜଳ, ଶୌଚାଳୟ, ପାର୍କିଂ ଇତ୍ୟାଦି ଏଥିରେ ସାମିଲ ରହିଛି। ଏହାଦ୍ୱାରା ଚାଷୀମାନଙ୍କୁ ଭଲ ସୁବିଧା ମିଳିବ। ଏହି ପ୍ରକଳ୍ପରେ ମୋଟ୍ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ଆରଏମ୍‌ସି ଓ ରାଜ୍ୟ ସରକାର ୧୫୦ କୋଟି ଟଙ୍କା ଲେଖାଏଁ ଖର୍ଚ୍ଚ କରିବେ।

ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ସରକାର କୃଷି, ଅର୍ଥ, ସ୍ୱାସ୍ଥ୍ୟ, ପରିବହନ, ସଂସ୍କୃତି ଓ ସମବାୟ ବିଭାଗର ୭ଟି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବିମାନ ସେବା କ୍ଷେତ୍ରରେ ଓଡ଼ିଶା ଆଞ୍ଚଳିକ ହବ୍‌ରେ ପରିଣତ ହେବ। ବିଶ୍ୱସ୍ତରୀୟ ରକ୍ଷଣାବେକ୍ଷଣା ବ୍ୟବସ୍ଥା ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସୃଷ୍ଟି ହେବ। ବିମାନ ରକ୍ଷଣାବେକ୍ଷଣ ପାଇଁ ୪୦ ପ୍ରତିଶତ ସବସିଡିରେ ସରକାର ଜମି ଭଡ଼ାରେ ଦେବେ। ଭୁବେନେଶ୍ୱର ବିମାନବନ୍ଦର ଭିତରେ ଜାଗା ଦିଆଯିବ। ରାଜ୍ୟ ସରକାର ଏମ୍ଏସ୍ ଏୟାର ୱାର୍କସ ଇଣ୍ଡିଆ ପ୍ରାଇଭେଟ୍ ➪ପୃଷ୍ଠା-୬

### ରାଜସ୍ୱ ମନ୍ତ୍ରୀଙ୍କ ନାଲି ଆଖି

# ଆନ୍ଦୋଳନରୁ ବିରତ ନହେଲେ ଦରମା ବନ୍ଦ



**ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ, କାହାକୁ ବି ଛୁଟି ଦିଅନି**

**ସଂଘ ଆଚରଣ ଗ୍ରହଣୀୟ ନୁହେଁ**

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ଗତ ସୋମବାରଠାରୁ ବିଭିନ୍ନ ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବା ବେଳେ ଏଥିରୁ ଓହରିଯିବା ସକାଶେ ଆଜି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସେମାନଙ୍କୁ ନିବେଦନ କରିଛନ୍ତି। ଏଥିସହ ରାଜସ୍ୱ ମନ୍ତ୍ରୀ ସେମାନଙ୍କୁ ଚେତାଇ ମଧ୍ୟ ଦେଇଛନ୍ତି ଯେ ଆନ୍ଦୋଳନରୁ ନ ଓହରିଲେ ସେମାନଙ୍କ ବିରୋଧରେ ସରକାର ଆବଶ୍ୟକ ପଦକ୍ଷେପ ନେବେ। ଆନ୍ଦୋଳନ ଯୋଗୁଁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ଆବଶ୍ୟକ ସ୍ଥଳେ ଆନ୍ଦୋଳନରତ କର୍ମଚାରୀମାନଙ୍କର ଦରମା ବନ୍ଦ କରାଯିବ। କୌଣସି ସମସ୍ୟାର ସମାଧାନ ପାରସ୍ପରିକ ଆଲୋଚନା ମାଧ୍ୟମରେ କରାଯାଇପାରିବ। ତେଣୁ ଅମଲା ସଂଘର ସଦସ୍ୟମାନେ ଆଲୋଚନା ଟେବୁଲ୍ ଉପରକୁ ଆସିବାକୁ ଶ୍ରୀ ପୂଜାରୀ ନିବେଦନ କରିଛନ୍ତି। ସେହିପରି କ୍ୟାଡର ପୁନର୍ଗଠନ କଥା ରାଜସ୍ୱ ବିଭାଗ ଅଧୀନ ନୁହେଁ। ଏ ସଂକ୍ରାନ୍ତ ପ୍ରସ୍ତାବ ସାଧାରଣ ପ୍ରଶାସନ ବିଭାଗ ନିକଟକୁ ପଠାଯାଇଛି। ତେଣୁ ଅମଲା ➪ପୃଷ୍ଠା-୬

# ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିପାତ

**ମାଲକାନଗିରି,୧୩।୮(ସଂଚାର ବ୍ୟୁରୋ):** ଆଜି ସକାଳେ ପୁଲିସ ଏନ୍‌କାଉଣ୍ଟରରେ ଦୁଇ ଜଣ ଦୁର୍ଦ୍ଦାନ୍ତ ମାଓବାଦୀ ନିପାତ ହୋଇଛନ୍ତି। ଏହି ଦୁଇ ମାଓବାଦୀ ଆରକେବି ଡିଭିଜନର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ନିପାତ ହୋଇଥିବା ଦୁଇ ମାଓବାଦୀ ହେଲେ ଏସଜେଡସି ବିଜୟ ରେଡ୍ଡୀ ଏବଂ ଡିଭିସି ଲୋକେଶ ସଲାମେ। ଏହି ଦୁଇ ମାଓବାଦୀଙ୍କ ମୁଣ୍ଡରେ ମୋଟ ୩୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଗୋଟିଏ

**ମୁଣ୍ଡରେ ଥିଲା ୩୫ ଲକ୍ଷର ପୁରସ୍କାର**

ପଟେ ବିଜୟ ଦଣ୍ଡକାରଣ୍ୟ ସ୍ପେଶାଲ୍ ଜୋନାଲ୍ କମିଟି ସଦସ୍ୟ (ଡିକେଏସ୍‌ଜେଡ୍‌ସି) ଥିବା ବେଳେ ତା' ମୁଣ୍ଡରେ ୨୫ ଲକ୍ଷ ଓ ଡିଭିଜନାଲ୍ କମିଟି ସଦସ୍ୟ (ଡିଭିସିଏମ୍) ଲୋକେଶ ମୁଣ୍ଡରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏନ୍‌କାଉଣ୍ଟର୍‌ରେ ୨ ଜଣ ମାଓବାଦୀ ନିପାତ ହେବା ନେଇ ମୋହଲା-ମାନପୁର-ଅମ୍ବାଗଡ଼ ଚୌକୀ ଜିଲ୍ଲା ଏସ୍‌ପି ୱାଇପି ସିଂହ ➪ପୃଷ୍ଠା-୬

### ମାଓବାଦୀ ହିଂସାରେ ସମ୍ପୃକ୍ତି ଅଭିଯୋଗ

# ଶିକ୍ଷକଙ୍କୁ ବାନ୍ଧିଲା ପୁଲିସ



**ମୋହନା,୧୩।୮ ( ସଂଚାର ବ୍ୟୁରୋ) :** ମାଓବାଦୀ ହିଂସାରେ ସମ୍ପୃକ୍ତି ଅଭିଯୋଗ ନେଇ ଆଜି ଗଜପତି ଜିଲ୍ଲା ଅଡବା ଥାନା ନୁଆଁ ଖଜୁରୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ ପୁଲିସ ଗିରଫ କରିଛି। ଗିରଫ ହୋଇଥିବା ଶିକ୍ଷକ ଜଣଙ୍କ ହେଲେ ପ୍ରତାପ କୁମାର ନାୟକ। ସେ ଗତ ୨୦୦୮ରେ ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ଏକ୍ସ କ୍ୟାଡର ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ଅଡବା ଥାନା ଅଧିକାରୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ପ୍ରତାପ ପୂର୍ବରୁ ମାଓବାଦୀ ସଂଗଠନରେ ସାମିଲ ଥିଲେ। ସେତେବେଳେ ବିଭିନ୍ନ ସ୍ଥାନରେ ହୋଇଥିବା ମାଓବାଦୀ ହିଂସାକାଣ୍ଡରେ ସେ ସାମିଲ ଥିବା ନେଇ ଅଭିଯୋଗ ରହିଥିଲା। ଗତ ୨୦୧୧ରେ ତାଙ୍କ ନାମରେ ମାଓବାଦୀ ହିଂସାକାଣ୍ଡ ନେଇ ➪ପୃଷ୍ଠା-୬

# ସୌର ପିଭି ମଡ୍ୟୁଲ୍ ଉତ୍ପାଦନରେ ଭାରତକୁ ଐତିହାସିକ ସଫଳତା

**ନୂଆଦିଲ୍ଲୀ, ୧୩।୮:** ଭାରତ ସୌର ପିଭି ମଡ୍ୟୁଲ ପାଇଁ ଅନୁମୋଦିତ ମଡେଲ ଏବଂ ଉତ୍ପାଦନକାରୀ ତାଲିକା ଅଧୀନରେ ୧୦୦ ଗିଗାୱାଟ୍ ସୌର ପିଭି ମଡ୍ୟୁଲ ଉତ୍ପାଦନ କ୍ଷମତାର ଏକ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ଏକ

**ସୌର ପିଭି ଉତ୍ପାଦନ କ୍ଷମତା ୧୦୦ ଗିଗାୱାଟରେ ପହଞ୍ଚିଛି**

ସୁଦୃଢ଼ ଏବଂ ଆତ୍ମନିର୍ଭରଶୀଳ ସୌର ଉତ୍ପାଦନ ଇକୋସିଷ୍ଟମ ନିର୍ମାଣରେ ଦେଶର ଦ୍ରୁତ ପ୍ରଗତିକୁ ପ୍ରତିଫଳିତ କରୁଛି, ଯାହା ଆତ୍ମନିର୍ଭର ଭାରତର ଜାତୀୟ ଦୃଷ୍ଟିକୋଣ ଏବଂ ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ପାଇଁ ବିଶ୍ୱସ୍ତରୀୟ ଆବଶ୍ୟକତା ସହିତ ଯୋଡ଼ି ହୋଇଛି।



ଏହି ସଫଳତା ଉପରେ ଆଲୋକପାତ କରି କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ 'ଭାରତ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ଅନୁମୋଦିତ ମଡେଲ ଏବଂ ଉତ୍ପାଦନକାରୀ ତାଲିକାରେ ୧୦୦ ଗିଗାୱାଟ୍ ସୌର ପିଭି ମଡ୍ୟୁଲ୍ ଉତ୍ପାଦନ କ୍ଷମତା, ଯାହା ୨୦୧୪ରେ ମାତ୍ର ୨.୩ ଗିଗାୱାଟ୍ ଠାରୁ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ଉଚ୍ଚ ଦକ୍ଷତା ବିଶିଷ୍ଟ ସୌର ମଡ୍ୟୁଲ ପାଇଁ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ଭଳି ପରିବର୍ତ୍ତନଶୀଳ ପଦକ୍ଷେପ ଦ୍ୱାରା ଆମେ ଏକ ସୁଦୃଢ଼, ଆତ୍ମନିର୍ଭରଶୀଳ ସୌର ଉତ୍ପାଦନ ଇକୋସିଷ୍ଟମ ନିର୍ମାଣ କରୁଛୁ। ଏହି ସଫଳତା ଆତ୍ମନିର୍ଭର ଭାରତ ଦିଗରେ ଆମର ପଥକୁ ସୁଦୃଢ଼ କରୁଛି ଏବଂ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅଣ-ଜୀବାଶ୍ମ କ୍ଷମତା ଲକ୍ଷ୍ୟ ହାସଲ କରିବ।

ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ୨୦୧୯ ଜାନୁଆରୀ ୨ ତାରିଖରେ ଏଏଲ୍ଏମ୍ଏମ୍ ଆଦେଶ ଜାରି କରାଯାଇଥିଲା। ସୌର ପିଭି ମଡ୍ୟୁଲ ପାଇଁ ପ୍ରଥମ ଏଏଲ୍ଏମ୍ଏମ୍ ତାଲିକା ୧୦ ମାର୍ଚ୍ଚ ୨୦୨୧ରେ ପ୍ରକାଶିତ ହୋଇଥିଲା, ଯାହାର ପ୍ରାରମ୍ଭିକ ତାଲିକାଭୁକ୍ତ କ୍ଷମତା ପାଖାପାଖି ୮.୨ ଗିଗାୱାଟ୍ ଥିଲା। ମାତ୍ର ଚାରିବର୍ଷ ମଧ୍ୟରେ, ଏହି କ୍ଷମତା ୧୦୦ ଗିଗାୱାଟ ସୀମା ଅତିକ୍ରମ କରି ବାରଗୁଣରୁ ଅଧିକ ବୃଦ୍ଧି ପାଇଛି। ଏହି ଉଲ୍ଲେଖନୀୟ ସମ୍ପ୍ରସାରଣ କେବଳ ହାସଲ କରାଯାଇଥିବା କ୍ଷମତାର ଗଭୀରତା ମଧ୍ୟରେ ସୀମିତ ନୁହେଁ, ବରଂ ଉତ୍ପାଦନକାରୀଙ୍କ ସଂଖ୍ୟା ➪ପୃଷ୍ଠା-୬

# ଖୁବଶୀଘ୍ର ଗଡ଼ିବ ହାଇଡ୍ରୋଜେନ ଟ୍ରେନ

**ନୂଆଦିଲ୍ଲୀ,୧୩।୮:** ଖୁବଶୀଘ୍ର ଭାରତରେ ଗଡ଼ିବ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍। ହାଇଡ୍ରୋଜେନ୍ ଟ୍ରେନ୍ ପ୍ରଥମ ଥର ପାଇଁ ଭାରତର ହରିୟାଣାରେ ଚାଲିବ। ଜିନ୍ଦରୁ ସୋନିପତ ଯାଏଁ ଗଡ଼ିବ ଟ୍ରେନ। ଏହି ଟ୍ରେନକୁ ଇନ୍ଧନ ଯୋଗାଇବା ପାଇଁ ଜିନ୍ଦରେ ଏକ ହାଇଡ୍ରୋଜେନ୍ ପ୍ଲାଣ୍ଟ ନିର୍ମାଣାଧୀନ ରହିଛି। ଭାରତ ବିଶ୍ୱର ପଞ୍ଚମ ଦେଶ ହେବ ଯେଉଁଠାରେ ଏହି ହାଇଡ୍ରୋଜେନ୍ ଟ୍ରେନ୍ ଚାଲିବ। ଏହା

**ରେଳ ମନ୍ତ୍ରଣାଳୟ ସେୟାର କଲା ଭିଡିଓ**

- ଜିନ୍ଦରୁ ସୋନପତ ଯାଏଁ ଚାଲିବ
- ଭାରତ ହେବ ପଞ୍ଚମ ଦେଶ




ପୂର୍ବରୁ ଏହି ଧରଣର ଟ୍ରେନ୍ ଜର୍ମାନୀ, ଫ୍ରାନ୍ସ, ସ୍ୱିଡେନ ଓ ଚୀନରେ ଚାଲୁଛି। ଏନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ସନ୍ଧ୍ୟାରେ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରେ ଏହି ଟ୍ରେନର ଏକ ଭିଡିଓ ଶେୟାର କରିଛନ୍ତି । ଉକ୍ତ ଭିଡିଓରେ ଟ୍ରେନର ଡିଜାଇନ୍ ଓ ସ୍ୱତନ୍ତ୍ରତା ବିଷୟରେ ଉଲ୍ଲେଖ କରାଯାଇଛି। ଏହି ହାଇଡ୍ରୋଜେନ୍ ଟ୍ରେନ୍ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଓ ଦୀର୍ଘତମ ହାଇଡ୍ରୋଜେନ୍‌ଚାଳିତ ଟ୍ରେନ୍ ହେବ। ପ୍ରଥମ ହାଇଡ୍ରୋଜେନ୍‌ଚାଳିତ ଟ୍ରେନର କୋଚ୍‌ର ପରୀକ୍ଷଣ ଇତିମଧ୍ୟରେ ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରିରେ ସମାପ୍ତ ହୋଇଛି।

ରେଳ ମନ୍ତ୍ରଣାଳୟ ଏକ ଅଫିସିଆଲ୍ 'ଏକ୍ସ' ପୋଷ୍ଟ ଶେୟାର କରି ସେଥିରେ ଉଲ୍ଲେଖ କରିଛି ଯେ ଭାରତର ହାଇଡ୍ରୋଜେନ୍ ଯାତ୍ରା! ଭାରତରେ ପ୍ରଥମ ଥର ପାଇଁ ଏକ ହାଇଡ୍ରୋଜେନ୍‌ଚାଳିତ ଟ୍ରେନ୍ କାର୍ଯ୍ୟକ୍ଷମ ହେବା ପାଇଁ ପ୍ରସ୍ତୁତ। ଏହା ଏକ ଐତିହାସିକ ଘଟଣା ଯାହା ଭାରତର ଏକ ପ୍ରଯୁକ୍ତିବିଦ୍ୟାକୁ ପ୍ରଦର୍ଶନ କରୁଛି, ବିଶ୍ୱ ସ୍ତରରେ ପ୍ରେରଣା ଦେଉଛି। ଭାରତୀୟ ରେଳବାଇ ଦେଶରେ ୩୫ଟି ହାଇଡ୍ରୋଜେନ୍ ଟ୍ରେନ୍ ଚଳାଇବାକୁ ଯୋଜନା କରୁଛି। ପ୍ରତି ଟ୍ରେନ୍ ପାଇଁ ପ୍ରାୟ ୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜିନ୍ଦର ରିଫ୍ୟୁଏଲିଂ ଷ୍ଟେସନରେ ୩ ହଜାର କିଲୋଗ୍ରାମ ହାଇଡ୍ରୋଜେନ ଷ୍ଟୋରେଜ ସହ ଦୁଇଟି ଡିସପେନ୍ସର, ଏକ କମ୍ପ୍ରେସର ଏବଂ ଦ୍ରୁତ ଇନ୍ଧନ ପାଇଁ ପ୍ରି-କୁଲର ଇଣ୍ଟିଗ୍ରେସନ ରହିବ। ଜିନ୍ଦ-ଗୋହାନା-ସୋନିପତ ରେଳ ଟ୍ରାକ ପ୍ରାୟ ୮୯ କିଲୋମିଟର ଲମ୍ବା। ହାଇଡ୍ରୋଜେନ୍ ଟ୍ରେନର ଗତି ଘଣ୍ଟା ପ୍ରତି ୧୧୦ରୁ ୧୪୦ କିଲୋମିଟର ହେବ। ଟ୍ରେନରେ ଏକକାଳୀନ ୨,୬୩୮ ଜଣ ଯାତ୍ରୀ ଯାତ୍ରା କରିପାରିବେ। ୮ କୋଚ୍ ବିଶିଷ୍ଟ ଏହି ଟ୍ରେନ୍ ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ପ୍ରଯୁକ୍ତିବିଦ୍ୟା ଉପରେ ➪ପୃଷ୍ଠା-୬

# ଆତ୍ମହତ୍ୟା ପ୍ରବଣତାକୁ ରୋକିବ 'ସେଫ୍ କ୍ୟାମ୍ପେନ୍'

### ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆୟୋଜନ ଯୋଜନା

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ଦିନକୁ ଦିନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଛାତ୍ରଛାତ୍ରୀମାନଙ୍କୁ ଏପରି ମାନସିକତାରୁ ଦୂରେଇ ରଖିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବା ସକାଶେ ଯୋଜନା କରାଯାଉଛି। ଏହି ଯୋଜନାର ନାମ ରହିବ 'ସେଫ୍ କ୍ୟାମ୍ପେନ୍' ଓ ଏହା ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯିବ ବୋଲି କହିଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଆଜି ଶ୍ରୀ ସୂରଜ କହିଛନ୍ତି ଯେ 'ଶକ୍ତିଶ୍ରୀ' ସ୍କିମରେ ସେଫ କ୍ୟାମ୍ପନ ଭଳି କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ କରିବାକୁ ଯାଉଛି। ଛାତ୍ରଛାତ୍ରୀଙ୍କ ମାନସିକ ସନ୍ତୁଳନ କିପରି ଠିକ୍ ରହିବ ଓ କୌଣସି ପରିସ୍ଥିତିରେ ବି କେହି ଯେମିତି ଦୁର୍ଭାଗ୍ୟଜନକ ପଦକ୍ଷେପ ନ ନିଅନ୍ତି, ଶକ୍ତିଶ୍ରୀ ଯୋଜନାରେ ପଦକ୍ଷେପ ନିଆଯାଇଛି। କ୍ୟାମ୍ପସରେ ସଚେତନତା ସହ ସମସ୍ତେ ସମସ୍ତଙ୍କୁ ସାହାଯ୍ୟ କରିବା ଦରକାର। ଯଦି କେହି କୌଣସି ଘଟଣାକୁ ନେଇ ବ୍ୟସ୍ତ ବିବ୍ରତ ➪ପୃଷ୍ଠା-୬

# ଆଉ ଏକ ଆଞ୍ଚଳିକ ଦଳ ପାଇଁ ସଜବାଜ







**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ରାଜ୍ୟରେ ଆଉ ଏକ ଆଞ୍ଚଳିକ ଦଳ ପାଇଁ ଆରମ୍ଭ ହୋଇଛି ସଜବାଜ। କିଛି ପୁରୁଖା ନେତା ଇତିମଧ୍ୟରେ ଗୋଟିଏ ମଞ୍ଚରେ ଏକାଠି ହୋଇ ଏପରି ଏକ ପ୍ରୟାସର ସଂକେତ ଦେଇଛନ୍ତି। କଂଗ୍ରେସ, ବିଜେପି ଓ ବିଜେଡିର ଅଲୋଡା

- ଅସ୍ତିତ୍ୱ ବଞ୍ଚାଇବାକୁ ପୁରୁଖା ନେତାଙ୍କ ଉଦ୍ୟମ
- ଭିତିରି ସହଯୋଗ କରୁଛନ୍ତି ଅସନ୍ତୁଷ୍ଟ ବିଜେଡି

ନେତାମାନେ ନିଜ ନିଜର ରାଜନୈତିକ ପଟୁତା ପ୍ରଦର୍ଶନ କରିବାକୁ ଏହି ମଞ୍ଚର ପରିକଳ୍ପନା କରିଥିବା ଜଣାପଡ଼ିଛି। ନିକଟରେ ଓଡ଼ିଶାରେ ଆଞ୍ଚଳିକ ଦଳର ଆବଶ୍ୟକତା ସମ୍ପର୍କିତ ଏକ ଆଲୋଚନାରୁ ଏହି ସଂକେତ ମିଳିଛି।

କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ନିରଞ୍ଜନ ପଟ୍ଟନାୟକ ଓ ପ୍ରଫୁଲ୍ଲ ଘଡେଇ ଏଥିରେ ଅଗ୍ରଣୀ ଭୂମିକା ନେଇପାରନ୍ତି। ଏକଦା ପଞ୍ଚାନନ କାନୁନଗୋ, ବିଜୟ ମହାପାତ୍ର ଓ ଆଉ କିଛି ବରିଷ୍ଠ ନେତା ଆଞ୍ଚଳିକ ଦଳ ବିଜେଡି ଗଠନ କରିଥିଲେ। ଯଦିଓ ସେମାନେ ପରବର୍ତ୍ତୀ ସମୟରେ ବିଜେଡିରୁ ବାହାରିଗଲେ, ଦଳ କିନ୍ତୁ ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ଠିଆ ହୋଇଥିଲା।

ବିଡ଼ମ୍ବନାର ବିଷୟ ହେଉଛି, ବିଜେଡି କାଳକ୍ରମେ ଏକ ବ୍ୟକ୍ତିକୈନ୍ଦ୍ରିକ ଦଳରେ ପରିଣତ ହୋଇଗଲା। ଜଣଙ୍କ ଇଙ୍ଗିତରେ ଦଳ ପରିଚାଳିତ ହେବା ଦ୍ୱାରା ଏହା ନିଜର ପବିତ୍ରତା ହରାଇବା ସହ ରାଜନୈତିକ ଆଭିମୁଖ୍ୟରୁ ମଧ୍ୟ ଦୂରେଇଗଲା। ନେତାଙ୍କ ନିଜସ୍ୱ ଏଜେଣ୍ଡାରେ ଚାଲିଲା ଦଳ। ଯେଉଁଥିପାଇଁ ବିଭିନ୍ନ ସମୟରେ ନେତା କ୍ଷୁବ୍ଧ ହୋଇ ବିକଳ୍ପ ଦେଖିଲେ କିମ୍ବା ନିଷ୍ପତ୍ତି ବିରୋଧରେ ଅସନ୍ତୋଷ ପ୍ରକାଶ କରି ବିଦା ହେଲେ। ବିଜେଡିରୁ ଅଲଗା ହୋଇଥିବା ଏହି ନେତାମାନେ ହୁଏତ ସକ୍ରିୟ ରାଜନୀତିରେ ନ ଥାଇପାରନ୍ତି, ହେଲେ ନିଜ ସଂଗଠନ ଓ ଲୋକସମ୍ପର୍କ ଦ୍ୱାରା ରାଜନୀତି ଗଣିତକୁ ବିଗାଡ଼ି ଦେଇପାରିବାର ଦକ୍ଷତା ରଖିଛନ୍ତି।

ଏକଦା ବିଜେଡିରେ ଥିବା ନେତାମାନେ ସଂସଦ ହେଉ କି ବିଧାନସଭା ନିଜସ୍ୱ ମତ ରଖିବା ପୂର୍ବରୁ ସେମାନଙ୍କୁ ଅନୁମତି ନେବାକୁ ପଡୁଥିଲା। ଏପରି ପରମ୍ପରା ସେମାନଙ୍କ ପାଇଁ ଗ୍ରହଣୀୟ ନଥିଲା। ସେହିଭଳି ଏବେବି ଦଳରେ ବାଧ୍ୟବାଧକତାରେ ଚାପିଚୁପି ହୋଇ ରହିଥିବା କିଛି ନେତା ଅଣନିଃଶ୍ୱାସୀ ହୋଇଗଲେଣି। ଯେଉଁଥିପାଇଁ ସେମାନେ ମଧ୍ୟ ବିକଳ୍ପ ମଞ୍ଚକୁ ଭିତିରି ସମର୍ଥନ ଦେଉଥିବା ➪ପୃଷ୍ଠା-୬



**କାନ ଡେରିଥା**

ଫୋଟୋକୁ ଗଙ୍ଗାରେ ଧୋଇଲେ
କାଳେ
ପାପ ଧୋଇ ହୋଇଯାଏ
ମୋବାଇଲ ଧରି ମନ୍ତ୍ରକୁ ଜପିଲେ
ମାନସିକ ପୁର୍ଣ୍ଣ ହୁଏ
ଡିଜିଟାଲ ଯୁଗ ଇଏ...
ଦେବା ଦେବୀଙ୍କୁ କଲ କରିଦେଲେ
ସବୁ ଶୁଣିନେବେ ସିଏ ।

■ ଦେବାଶିଷ

# ଚରମ ସୀମାରେ ସାର ଦୁର୍ନୀତି

**ମାଲକାନଗିରି, ୧୩।୮ (ସଂଚାର ବ୍ୟୁରୋ):** ଜିଲ୍ଲାରେ ଚାଷୀ ଏବେ ଚାଷ କାର୍ଯ୍ୟରେ ଲିପ୍ତ ରହିଥିବା ବେଳେ ଧାନ ଗଛ ବଢ଼ିବା ସହ ସାର ଦରକାର ପଡୁଛି। ଜିଲ୍ଲାରେ ରହିଥିବା ୭ଟି ଯାକ ଲ୍ୟାମ୍ପସରେ ଚାଷୀଙ୍କୁ ଏବେ ସାର ପ୍ରଦାନ କରାଯାଉଛି। ମାଥିଲି ଲ୍ୟାମ୍ପସରେ ସାର ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଜିଲ୍ଲାରେ ପ୍ରାୟ ୫ ହଜାର ଚାଷୀ ୟୁରିଆ ସାର ନେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଜିଲ୍ଲାରେ ୨୦ଟି ପଞ୍ଚାୟତରେ

- ଲ୍ୟାମ୍ପ୍ସ ଘେରିଲେ ଶତାଧିକ ଚାଷୀ
- ଗୋଟିଏ ବସ୍ତା ଦେଇ ୬ଟି ଦର୍ଶାଉଛନ୍ତି କର୍ମଚାରୀ

ଲ୍ୟାମ୍ପସ ରହିଥିବା ବେଳେ ୯ ଜଣ ଭିଲେଜ ଇନଚାର୍ଜ ରହିଛନ୍ତି। ତେବେ ଏହି ଭିଲେଜ ଇନଚାର୍ଜମାନେ ଚାଷୀଙ୍କ ନିଜ ନିଜ ଅଞ୍ଚଳରେ ସାର ପ୍ରଦାନ କରିବା କଥା। କିନ୍ତୁ ସତ୍ୟନାରାୟଣ ସ୍ୱାଇଁ ନାମକ ଜଣେ ଭିଆଇସିଙ୍କ ଦ୍ୱାରା ସାର ବଣ୍ଟନ କରାଯାଉଛି। ପୂର୍ବରୁ ଜଣେଜଣେ ଚାଷୀଙ୍କୁ ୩ଟି ଲେଖାଏଁ ୟୁରିଆ ସାର ପ୍ରଦାନ କରାଯାଉଥିଲା। ଏବେ କିନ୍ତୁ ଜଣେଜଣେ ଚାଷୀଙ୍କୁ ଗୋଟିଏ ଲେଖାଏଁ ୟୁରିଆ ସାର ବସ୍ତା ପ୍ରଦାନ କରାଯାଉଛି। କିନ୍ତୁ ଭିଆଇସି ନିଜ କମ୍ପ୍ୟୁଟରରେ ୬ଟି ଲେଖାଏଁ ସାର ବସ୍ତା ପ୍ରଦାନ କରାଯାଉଥିବା ନେଇ ଲେଖୁଥିବା ଚାଷୀ ଜାଣିବା ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହି ଖବର ସମାଜସେବୀ ଶରତ ଚନ୍ଦ୍ର ବୁରୁଦା ଜାଣିବା ପରେ ମାଥିଲି ଲ୍ୟାମ୍ପସରେ ପହଞ୍ଚି ସଂପୃକ୍ତ ଭିଆଇସି ଶ୍ରୀ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ସ୍ୱାଇଁ ଚାଷୀଙ୍କୁ ପୂର୍ବରୁ ଅଫଲାଇନରେ ସାର ପ୍ରଦାନ କରାଯାଇସାରିଛି। ଯାହାକୁ ଏବେ ଅନଲାଇନରେ ଚଢ଼ାଯାଉଛି ବୋଲି ଯୁକ୍ତି ବାଢୁଥିଲେ। କିନ୍ତୁ ପ୍ରକୃତରେ କୌଣସି ଚାଷୀ ୬ଟି ଲେଖାଏଁ ସାର ବସ୍ତା ➪ପୃଷ୍ଠା-୬

### ଉପରାଷ୍ଟ୍ରପତି ନିର୍ବାଚନ...

# ଗଳାବାଟ ଖୋଜୁଛି ବିଜେଡି

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ଉପରାଷ୍ଟ୍ରପତି ନିର୍ବାଚନ ପାଖେଇ ଆସୁଥିବା ବେଳେ ଏବେ ସମସ୍ତଙ୍କ ନଜର ବିଜେଡି ଉପରେ ରହିଛି। ହେଲେ ଏଥିରୁ ଖସିବା ପାଇଁ ବିଜେଡି ଏବେ

**ଭୋଟ ବେଳେ ରହିପାରେ ଅନୁପସ୍ଥିତ**

**କର୍ମୀଙ୍କୁ ବୁଝାଇବାକୁ କସରତ**




ଗଳାବାଟ ଖୋଜିବା ଆରମ୍ଭ କରିଦେଇଛି। ୱାକଫ୍ ବିଲ୍ ସପକ୍ଷରେ ଭୋଟ ଦେଇ ବିଜେଡି ଯେଭଳି ସଙ୍କଟରେ ପଡିଥିଲା, ତା'ର ଯେଭଳି ପୁନରାବୃତ୍ତି ନହୁଏ ତା' ଉପରେ ଦଳର ମାମଲତକାରମାନେ ନଜର ରଖିଥିବା ବେଳେ ଭୋଟ ଚୋରି ପ୍ରସଙ୍ଗରେ ବିରୋଧୀ ସାଂସଦଙ୍କ ର୍‌ୟାଲିରୁ ଦୂରେଇ ରହିବା ଏବେ ଦଳ ଭିତରେ ଅସନ୍ତୋଷ ସୃଷ୍ଟି କରିଛି।

ଉପରାଷ୍ଟ୍ରପତି ପଦବୀ ପାଇଁ ନିର୍ବାଚନ ଘୋଷଣା ସରିଛି। ତେବେ ଏନଡିଏର ପ୍ରାର୍ଥୀଙ୍କ ସପକ୍ଷରେ ବିଜେଡିର ଭୋଟ ପଡ଼ିବ କି ନାହିଁ, ତାହାକୁ ନେଇ ରାଜ୍ୟରେ ରାଜନୈତିକ ଅଙ୍କକଷା ଚାଲିଛି। ବିଜେଡିର ବରିଷ୍ଠ ନେତା ମହେଶ ସାହୁ କହିସାରିଛନ୍ତି ଯେ ଏନଡିଏ ସମର୍ଥିତ ପ୍ରାର୍ଥୀଙ୍କୁ ବିଜେଡି ବିରୋଧ କରିବ। ତେବେ ସମସ୍ତଙ୍କ ନଜର ନବୀନ ନିବାସ ଉପରେ ରହିଛି। କାରଣ ୱାକଫ୍ ବିଲ୍ ପ୍ରସଙ୍ଗରେ ପ୍ରଥମରୁ ବିରୋଧ କରିବାକୁ ସୂଚନା ଦେଇଥିବା ବିଜେଡି ଶେଷ ମୁହୂର୍ତ୍ତରେ ବିଲ୍ ସପକ୍ଷରେ ଭୋଟ ଦେବାକୁ ସାଂସଦମାନଙ୍କୁ କହିଥିଲା। ତଥାପି ସାଂସଦ ମୁନ୍ନା ଖାଁ ବିଲ୍ ବିରୋଧରେ ଭୋଟ ଦେଇଥିଲେ। ଏହାକୁ ନେଇ ଦଳରେ ମହାଭାରତ ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ନବୀନ ନିବାସ ଭିତରେ ପଶି କର୍ମୀମାନେ ମୁର୍ଦ୍ଦାବାଦ ପକାଇବାକୁ ବି ପଛାଇନଥିଲେ।

ଯଦିଓ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଏନଡିଏକୁ ବିରୋଧୀଙ୍କ ସମର୍ଥନ ଆବଶ୍ୟକ ନାହିଁ, ତଥାପି ରାଜନୈତିକ ରଣନୀତି ଦୃଷ୍ଟିରୁ ବିଜେଡି ସାଂସଦଙ୍କ ୭ଟି ଭୋଟ କୁଆଡେ ଯିବ ତାହା ଉପରେ ଏନ୍‌ଡିଏ ନଜର ରଖିଛି। ତେଣୁ ଏଭଳି ସ୍ଥିତିରୁ ବର୍ତ୍ତିବା ପାଇଁ ବିଜେଡି ଏବେ ଗଳାବାଟ ଖୋଜିବା ଆରମ୍ଭ କରିଛି। ସାପ ମରିବ ନାହିଁ କି ବାଡି ଭାଙ୍ଗିବ ନାହିଁ ନୀତିରେ ଦଳ ଶେଷ ମୁହୂର୍ତ୍ତରେ ଭୋଟ ଦାନ ବେଳେ ଅନୁପସ୍ଥିତ ରହିବା ନେଇ ଏବେଠାରୁ ଦଳ ଭିତରେ ଆଲୋଚନା ଜୋର୍ ଧରିଛି। ଯଦି ବିଜେଡି ଭୋଟଦାନ ପ୍ରକ୍ରିୟାରେ ଅଂଶଗ୍ରହଣ ନକରେ, ତା'ହେଲେ ଏହାକୁ ବିଜେପି ନେତାମାନେ କେଉଁ ଦୃଷ୍ଟିରେ ଦେଖିବେ, ତାହା ଉପରେ ସମସ୍ତଙ୍କ ନଜର।

ଉଲ୍ଲେଖନୀୟ ଯେ ଭୋଟ ଚୋରି ପ୍ରସଙ୍ଗରେ ସମସ୍ତ ବିରୋଧୀ ସାଂସଦ ନିର୍ବାଚନ କମିଶନଙ୍କ ଦପ୍ତରକୁ ପ୍ରତିବାଦ ପାଇଁ ଯାଇଥିବା ବେଳେ ବିଜେଡି ସାଂସଦମାନେ କିନ୍ତୁ ଏଥିରେ ଭାଗ ନେଇନଥିଲେ। ଏହାକୁ ନେଇ ଏବେ ଦଳ ଭିତରେ ନିରବ ➪ପୃଷ୍ଠା-୬

## ଡେରାବିଶ ମହାବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା




**ଡେରାବିଶ,୧୩।୮ (ସଂଚାର ବ୍ୟୁରୋ):** ଡେରାବିଶ ମହାବିଦ୍ୟାଳୟ ଆନୁକୂଲ୍ୟରେ ୭୯ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ପତାକା ଦେଶ ତଥା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ପ୍ରତୀକ ହୋଇଥିବାରୁ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତାକା ଧରି ଏକ ବିଶାଳ ଶୋଭାଯାତ୍ରାରେ ମହାବିଦ୍ୟାଳୟର ପରିସରରୁ ବାହାରି ଡେରାବିଶ ଫାଣ୍ଡି ବଜାର ପରିକ୍ରମା କରି ପ୍ରତ୍ୟାବର୍ତ୍ତନ କରିଥିଲେ। ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ 'ଭାରତ ମାତା କି ଜୟ' ସହିତ ବିଭିନ୍ନ ଦେଶାତ୍ମବୋଧକ ଧ୍ୱନି ଦେଇ ଦେଶପ୍ରେମର ପରିବେଶ ସୃଷ୍ଟି କରି ଗଗନ ପବନ ପ୍ରକମ୍ପିତ କରିଥିଲେ। ଏହାପରେ ସେମାନେ ଦେଶର ଏକତା , ଅଖଣ୍ଡତା ଓ ସ୍ୱାଧିନତା ବଜାୟ ରଖିବା ସହିତ ଏକ ବିକଶିତ ରାଷ୍ଟ୍ର ଗଠନ କରିବାକୁ ଶପଥ ନେଇଥିଲେ। ଏହି ବିଶାଳ ଶୋଭାଯାତ୍ରାକୁ ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ନଗେନ୍ଦ୍ରନାଥ ପାଣି ଶୁଭାରମ୍ଭ କରିଥିବା ବେଳେ ସମସ୍ତ ଅଧାପକ , ଅଧାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ କରିବା ପାଇଁ ଡେରାବିଶ ଅଗ୍ନିଶମ ଅଧିକାରୀ ବନମାଳୀ ମାଝୀ ସହଯୋଗ ଦେଇଥିଲେ।

## ବିଜେପିର ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା




**କେନ୍ଦ୍ରାପଡ଼ା,୧୩।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ୧୦ନଂ ଜୋନରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଜେପି ନେତା ତେଜେଶ୍ୱର ପରିଡାଙ୍କ ନେତୃତ୍ୱରେ ଏହି ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ୧୦ନଂ ଜୋନର ପ୍ରତ୍ୟେକ ଗଳିକନ୍ଦି ପରିକ୍ରମା କରିଥିଲା । ସ୍ୱାଧୀନତା ଦିବସ ଉପଲକ୍ଷେ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଆୟେଜିତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସଂଯୋଜକ ଡ଼ଃ ଜ୍ୟୋସ୍ନାରାଣୀ ଜେନାଙ୍କ ସମେତ ଚିତ ରଂଜନ ଚୌଧୁରୀ, ବିଜୟ ନାୟକ, ମୃତ୍ୟୁଞ୍ଜୟ ଲେଙ୍କା, ଅମୀୟ କୁମାର ଜେନା, ରଶ୍ମି ରଂଜନ ସ୍ୱାଇଁ, ଉତମ ନାୟକ, ବନ୍ଦନାରାଣି ରାଉତରାୟଙ୍କ ସମେତ ବହୁ ସଂଖ୍ୟକ ବିଜେପି ନେତା ଓ ମହିଳା କର୍ମୀ ଓ ଯୁବକ ଉପସ୍ଥିତ ଥିଲେ ।

## ସାନ୍ଧ୍ୟ ମହାବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ




**କେନ୍ଦ୍ରାପଡ଼ା,୧୩।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ୭୮ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ହର ଘର୍ ତିରଙ୍ଗା, ଘର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯୁକ୍ତ ୩ ଅଧକ୍ଷା ଡ଼ଃ ଆଦ୍ୟାରଶ୍ମି ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟରୁ ବାହାରି ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାତ୍ରା ମଧ୍ୟରେ ତିନି ମୁହାଣୀ ସ୍ଥିତ ଆମର ଯବାନ ଶହିଦ ସ୍ମୃତି ସ୍ତମ୍ଭ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସଙ୍ଗେ ସଙ୍ଗେ ସହରସ୍ଥ ବିଭିନ୍ନ ସ୍ଥାନରେ ଥିବା ବ୍ୟକ୍ତିବିଶେଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗର ଦୁଇ ବରିଷ୍ଠ ଅଧାପକ ସୁଧାଂଶୁ ଭୁଷଣ ସାହୁ ଓ ଅଧାପକ ଶିଶିର କାନ୍ତ ମହାପାତ୍ର ଓ ଓଡ଼ିଆ ବିଭାଗର ଅଧାପକ ଡକ୍ଟର ମନୋରଞ୍ଜନ ରାଉତ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପରେ ମହାବିଦ୍ୟାଳୟରେ ପହଞ୍ଚିବା ପରେ ପିଲାମାନଙ୍କ ମଧ୍ୟରେ ତର୍କ ଓ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଆସନ୍ତା ଅଗଷ୍ଟ ୧୫ ତାରିଖ ରେ ସ୍ୱାଧୀନତା ଦିବସ ଅବସରରେ ପୁରସ୍କୃତ କରାଯିବ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା



**ରାଜନଗର,୧୩।୮ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିରଙ୍ଗା ଶୋଭାଯାତ୍ରା ସକାଳ ୮.୩୦ ରୁ ମହାବିଦ୍ୟାଳୟ ପରିସରରୁ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୧୦୦ ମିଟର ର ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ବାହାରି ମହିଷାସୁର, ବାସୁଦେବପୁର, ରାଜନଗର ଗାଁ ଓ ବଜାର ପରିକ୍ରମା କରି ମହାବିଦ୍ୟାଳୟକୁ ଫେରିଥିଲେ। ଏହି ଶୋଭାଯାତ୍ରାରେ ଶୌକ୍ଷିକ କୋଷାଧକ୍ଷ ଶିକ୍ଷା ବିଭାଗର ଅଧାପକ ବିଚିତ୍ରାନନ୍ଦ ପାଣି, ପ୍ରଶାସନିକ କୋଷାଧକ୍ଷ ଅଧାପକ ପ୍ରଣୟ କୁମାର ବେହେରା ସହ ମହାବିଦ୍ୟାଳୟର ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ବହୁତ ସଂଖ୍ୟାରେ ଯୋଗଦାନ କରିଥିଲେ।

## କେନାଲରେ ଭାସିଯାଇ ଛାତ୍ରୀ ନିଖୋଜ



**ସାଲେପୁର,୧୩।୮ (ସଂଚାର ବ୍ୟୁରୋ):** ଆଜି ନରଦା ଗ୍ରାମରେ ଏକ ଅଘଟଣ ଘଟିଯାଇଛି। କେନାଲକୁ ଗାଧୋଇଯାଇଥିବାବେଳେ କେନାଲ ପାଣିରେ ଭାସି ନାବାଳିକା ଛାତ୍ରୀ ନିଖୋଜ ହୋଇଯାଇଛି। ସାଲେପୁର ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ ଛାତ୍ରୀର କୌଣସି ଟେର ପାଇନାହିଁ। ଏହାନେଇ ଛାତ୍ରୀଙ୍କ ପରିବାର ମଧରେ ଶୋକର ଛାୟା ଖେଳିଯାଇଛି। ଖବରରୁ ପ୍ରକାଶ ଯେ ଆଜି ସକାଳେ ନରଦା ପଞ୍ଚାୟତର ପ୍ରହଲ୍ଲାଦ ସ୍ୱାଇଁଙ୍କ ନବମ ଶ୍ରେଣୀରେ ପାଠ ପଢୁଥିବା ଝିଅ ସୁଚିତ୍ରା ସ୍ୱାଇଁ(୧୪) ପଟ୍ଟାମୁଣ୍ଡାଇ କେନାଲକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ କେନାଲ ପାଣିରେ ଭାସିଯାଇ ନିଖୋଜ ହୋଇଯାଇଛି। ଖବର ପାଇ ସାଲେପୁର ପୁଲିସ, ଓଡ୍ରାଫ୍ ଟିମ୍ ଓ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ କେନାଲରେ ପ୍ରଖର ସ୍ରୋତ ଥିବାରୁ ଛାତ୍ରୀଜଣକର କୌଣସି ଟେର ପାଇନାହାଁନ୍ତି।

---

**ମଧ୍ୟାହ୍ନଭୋଜନ ଚାଉଳ ଘୋଟାଲା**

# ପ୍ରଧାନ ଶିକ୍ଷକଙ୍କ ଅଜାଣତରେ ଉଠିଛି ଚାଉଳ

**ମହାକାଳପଡ଼ା,୧୩।୮ (ସଂଚାର ବ୍ୟୁରୋ):** ପ୍ରଧାନ ଶିକ୍ଷକଙ୍କ ଅଜାଣତରେ ରିସିଭ୍ ହୋଇଛି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳ। ସପ୍ଲାୟର ନିକଟରୁ ପ୍ରଧାନ ଶିକ୍ଷକ ୫ କୁଇଣ୍ଟାଲ ଚାଉଳ ରିସିଭ୍ କରିଥିବା ବେଳେ ଅନ୍ୟଜଣେ ଶିକ୍ଷକ ଦସ୍ତଖତ ମାରି ଆଉ ୫ କୁଇଣ୍ଟାଲ ଚାଉଳ ରିସିଭ୍ କରି ଆତ୍ମସାତ୍ କରିଥିବା ଅଭିଯୋଗ କରିଛନ୍ତି ନିଜେ ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀ।

ସୂଚନା ମୁତାବକ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ପାଟଳିପଙ୍କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ହୋଇଥିବା ଅଭିଯୋଗ କରିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀମାନେ। ଗତ ଜୁଲାଇ ମାସ ୧୬ ତାରିଖରେ ବିଦ୍ୟାଳୟକୁ ୧୦ କୁଇଣ୍ଟାଲ ମଧ୍ୟାହ୍ନ ଭୋଜନ ଚାଉଳ ଆସିଥିଲା। ହେଲେ ଚାଉଳରେ ପୋକ ଲାଗିଯିବା ଭୟରେ ୫ କୁଇଣ୍ଟାଲ ଚାଉଳ ରଖି ଭାଉଚରରେ ଦସ୍ତଖତ କରିଥିଲେ ଓ ବାକି ୫ କୁଇଣ୍ଟାଲ ଚାଉଳ ଫେରେଇ



ଦେଇଥିଲେ ବୋଲି କହିଛନ୍ତି ନିଜେ ପ୍ରଧାନ ଶିକ୍ଷକ। ତେବେ ପ୍ରଧାନ ଶିକ୍ଷକଙ୍କ ଅଜାଣତରେ ବାକି ୫ କୁଇଣ୍ଟାଲ ଚାଉଳ ସେଇ ବିଦ୍ୟାଳୟର ଜଣେ ଖେଳ ଶିକ୍ଷକ ଦସ୍ତଖତ ମାରି ରିସିଭ କରିବା ସହିତ ଚାଉଳ ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି ନିଜେ ପ୍ରଧାନ ଶିକ୍ଷକ। ଖୋଳତାଡ ପରେ ଧରାପଡିଯିବା ଭୟରେ ପିଇଟି ଶିକ୍ଷକ ରିସିଭ୍ କରିଥିବା ୫ କୁଇଣ୍ଟାଲ ଚାଉଳ ବିଦ୍ୟାଳୟରେ ପହଞ୍ଚିଥିବା ସୁଚନା ମିଳିଛି। ମଧ୍ୟାହ୍ନ ଭୋଜନ ଚାଉଳ ଆତ୍ମସାତ ବିଷୟରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ପ୍ରଧାନ ଶିକ୍ଷକଙ୍କୁ ଘଟଣା ବିଷୟରେ ପଚାରିବା ସହିତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ପାଟଳିପଙ୍କ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର କରିଥିବା ପିଇଟି ଶିକ୍ଷଙ୍କ ନାମରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ପ୍ରଧାନ ଶିକ୍ଷକ। ଅଭିଯୋଗ ପାଇବା ପରେ ଚାଉଳ ହେରଫେରରେ ସମ୍ପୃକ୍ତ ଥିବା ପିଇଟି ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହିତ ଘଟଣା ତଦନ୍ତ ଆରମ୍ଭ କରିଛନ୍ତି ବିଭାଗୀୟ ଅଧିକାରୀ।

ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳ ପ୍ରଧାନ ଶିକ୍ଷକଙ୍କ ଅଜାଣତରେ ରିସିଭ୍ ଓ ଆତ୍ମସାତ୍ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସଂପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀ ଦାବି କରିଛନ୍ତି।

---

## ତୃତୀୟ ଦିନରେ ପହଞ୍ଚିଲା ରାଜସ୍ୱ ଅମଲା ସଂଘର ଧାରଣା



**କେନ୍ଦ୍ରାପଡ଼ା,୧୩।୮ (ସଂଚାର ବ୍ୟୁରୋ):** ରାଜ୍ୟ ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲ୍ଲା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ତୃତୀୟ ଦିନରେ ପହଁଚିଛି । ଜିଲ୍ଲା କାର୍ଯ୍ୟାଳୟ ର ସମସ୍ତ ରାଜସ୍ୱ ଅମଲା ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ରେ ଯୋଗଦେବା ସହ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଫଳରେ ଜିଲ୍ଲା କାର୍ଯ୍ୟାଳୟ ସମେତ ସମସ୍ତ କାର୍ଯ୍ୟାଳୟର ଅମଲା ମାନେ ଧାରଣା ରେ ଯୋଗ ଦେଇଥିବାରୁ କୌଣସି ଅଫିସ କାର୍ଯ୍ୟ ହୋଇପାରୁ ନାହିଁ । ଦୂର ଦୂରାନ୍ତରୁ ଆସୁଥିବା ଜନ ସାଧାରଣ ଅସୁବିଧାର ସମ୍ମୁଖୀନ ହେବା ସହ ସମସ୍ତ ସରାକରୀ କାର୍ଯ୍ୟ ଠପ୍ ହେଇଯାଇଛି । ୧୦ ଦଫା ଦାବିକୁ ନେଇ କରାଯାଇ ଥିବା ଏହି ଆନ୍ଦୋଳନ ଓ ଧାରଣା ଯୋଗୁଁ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିବାରୁ କୌଣସି ସରକାରୀ କାର୍ଯ୍ୟ ହୋଇପାରୁ ନାହିଁ । ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ବଜ୍ରପାତରେ ୩ବଖରା ଜଳିଗଲା

**ସାଲେପୁର,୧୩।୮ (ସଂଚାର ବ୍ୟୁରୋ):** ଆଜି ମଧ୍ୟାହ୍ନରେ ବଜ୍ରପାତ ଘଟି ୩ବଖରା ଘର ଜଳିଯିବା ସହ ବହୁ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ଧୂଆଁସାହି ଗ୍ରାମର ରାମଚନ୍ଦ୍ର ମିଶ୍ର ଓ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଘରେ ଆଜି ଦିନ ୨ଟାବେଳେ ହଠାତ୍ ବଜ୍ରପାତ ଘଟିବାରୁ ୩ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଘର ମଧରେ ଥିବା ଧାନ ଚାଉଳ, ଆସବାବପତ୍ର, ନଗଦ ଟଙ୍କା ଇତ୍ୟାଦି ପୋଡ଼ି ପାଉଁଶ ହୋଇଯାଇଥିବାବେଳେ ପରିବାର ଲୋକେ ବଜ୍ରପାତରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆଜି ଦିନ ୨ଟାବେଳେ ହଠାତ୍ ବର୍ଷା ସହ ଘଡ଼ଘଡ଼ି ମାରିବାରୁ ଏହି ଅଘଟଣ ଘଟିଥିବା ଜଣାଯାଇଛି। ସମ୍ପୃକ୍ତ ପରିବାର ସଦସ୍ୟ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ପ୍ରକାଶ ଯେ ଗତ ୧ବର୍ଷ ତଳେ ରାମଚନ୍ଦ୍ର ମିଶ୍ରଙ୍କ ପୁତ୍ର ବିଦ୍ୟୁତ୍ ଘାତରେ ମୃତ୍ୟୁବରଣ କରିଥିଲେ।

## ଅଙ୍ଗଦାନ କରିଥିବା ପରିବାରକୁ ୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ



**କେନ୍ଦ୍ରାପଡ଼ା,୧୩।୮ (ସଂଚାର ବ୍ୟୁରୋ):** ଅଙ୍ଗଦାନ କରି ଅନ୍ୟର ଜୀବନ ବଂଚାଇବା ଭଳି ଏକ ମହତ କାର୍ଯ୍ୟରେ ସହାୟତା କରିଥିବା କେନ୍ଦ୍ରାପଡା ଜିଲ୍ଲାର ୩ ଜଣ ବ୍ୟକ୍ତିଙ୍କ ପରିବାର କୁ ୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲା ଆରିପଦା ଗ୍ରାମର ମନୋଜ କୁମାର ସାହୁ(୨୩), ପଟ୍ଟାମୁଣ୍ଡାଇର ଚନ୍ଦନନଗର ଗ୍ରାମର ଅଜୟ କୁମାର ଗିରି(୪୯), ଏହିଭଳି ରାଜକନିକାର ପତରପୁରପାଟଣା ର ଶରତ ଚନ୍ଦ୍ର ବିଶ୍ୱାଳ (୫୪) ପ୍ରମୁଖ ୩ଜଣ ବ୍ୟକ୍ତି ସେମାନଙ୍କ ଲିଭର ଓ କିଡନୀ ଦାନ କରିଛନ୍ତି । ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂପୃକ୍ତ ୩ଟି ପରିବାରକୁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ୫ଲକ୍ଷ ଟଙ୍କା ଲେଖାଏଁ ପ୍ରତ୍ୟେକ ପରିବାରକୁ ସହାୟତା ରାଶି ଏବଂ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ଏହି ସହାୟତା ସମୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଡେରାବିଶ ତହସିଲଦାର ଓ ପଟ୍ଟାମୁଣ୍ଡଇ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।

---

## ଶୁଦ୍ଧିକ୍ରିୟା ପରେ ପୋଖରୀରେ ବୁଡ଼ି ପୁତୁରା ମୃତ

**ଆଳି,୧୩।୮ (ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ସାନମଙ୍ଗ ଗାଁରେ ଏକ ଅଭାବନୀୟ ଦୁଃଖଦ ଘଟଣା ଘଟିଯାଇଛି। ରବି ନାରାୟଣ ଜେନାଙ୍କ ପୁଅ ଆୟୁଷ ଜେନା(ସାଇ)୧୧ ବର୍ଷର ବାଳକ ଆଜି ସକାଳ ୯ ଘଟିକା ସମୟରେ ସମ୍ପର୍କୀୟ ଦାଦାଙ୍କ ଶୁଦ୍ଧି କ୍ରିୟାରେ ଯୋଗଦେଇ ବଙ୍ଗାଳି ପୋଖରୀରେ ସ୍ନାନ ହେବା ପାଇଁ ଅନ୍ୟ ମାନଙ୍କ ସହିତ ଯାଇଥିଲେ। ବଙ୍ଗାଳି ପୋଖରୀରେ ଦୁଇଟି ତୁଠ ବୟସ୍କ ଲୋକମାନେ ଯେଉଁ ତୁଠରେ ନଥିଲେ ଆୟୁଷ ଏବଂ ତାର ସାଙ୍ଗ ସେଠାକୁ ଗାଧୋଇବାକୁ ଯାଇଥିଲେ। ପହଁରା ଜାଣି ନଥିବା ଆୟୁଷର ଗୋଡ଼ ପାହାଚରୁ ଖସି ଯାଇଥିଲା। ସେ ବୁଡି ଯାଉଥିଲା ବେଳେ ତା ସାଙ୍ଗରେ ଥିବା ଅନ୍ୟ ବାଳକ ଠିକ ଭାବରେ ବୁଝିପାରିଲା ନାହିଁ। ସାଙ୍ଗ ବୁଡି ଯାଉଛି ନା ମଜାକ କରୁଛି। ସବୁକିଛି ବୁଝିଲା ବେଳକୁ ଅନେକ ବିଳମ୍ବ ହୋଇ ସାରିଥିଲା। କେବଳ ମନକୁ ବୁଝାଇବାକୁ ଗ୍ରାମବାସୀ ଆଳି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଷ୍ଟମଟମ ପରେ ମଧ୍ୟାହ୍ନରେ ମୃତ ସାଇର ଶବ ଗାଁରେ ପହଂଚି ଥିଲା। ଏକ ମାତ୍ର ପୁଅକୁ ହରାଇ ରବି ନାରାୟଣ ଜେନାଙ୍କ ପରିବାର ଏବଂ ଗ୍ରାମର ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ। ଷଷ୍ଠ ଶ୍ରେଣୀର ଏହି ବାଳକ ସାଇ ଗ୍ରାମର ସମସ୍ତଙ୍କର ଚଗଲା ଓ ଗେଲ୍ହା ପୁଅ ଥିଲା, ଏଭଳି ମୃତ୍ୟୁ ଗ୍ରାମବାସୀ ସମେତ ସମଗ୍ର ଅଞ୍ଚଳକୁ ଦୁଃଖି କରିଛି।

**ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ**

## ସ୍ୱଚ୍ଛତାର ସହ ବିକାଶ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ପଟ୍ଟାମୁଣ୍ଡାଇ,୧୩।୮ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌର ପରିଷଦର ପ୍ରତ୍ୟେକ ଜନକଲ୍ୟାଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମକୁ ସ୍ୱଛତାର ସହ କାଉନସିଲ ପ୍ରତିନିଧିଙ୍କ ସହଯୋଗରେ ତ୍ୱରାନ୍ୱିତ କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌର ପରିଷଦର ୧୭ତମ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁଙ୍କ ପୌରହିତ୍ୟରେ ଆୟୋଜିତ



ବୈଠକରେ ମୁଖ୍ୟଅତିଥି ବିଧାୟକ ଶ୍ରୀସାହୁ କହିଲେ ବହୁ ଆଶା ଭରସା ନେଇ ପୌରାଞ୍ଚଳର ଜନସାଧାରଣ ପଟାମୁଣ୍ଡାଇ ପୌର ପରିଷଦକୁ ନିର୍ବାଚିତ କରିଛନ୍ତି । ପ୍ରତ୍ୟେକ ସରକାରୀ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ସର୍ବୋପରି ଜଳ ନିଷ୍କାସନ ଓ ବୁଲା ଗାଈଗୋରୁ ହଟାଇବା ଓ ଉଠାଦୋକାନୀ ଥଇଥାନ ପ୍ରତି ବିଶେଷ ଦୃଷ୍ଟି ଦେଇ ସମସ୍ତ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌରାଧକ୍ଷ ହେମନ୍ତ ସାହୁ ପୌର ପରିଷଦର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ବିଗତ ବୈଠକର ବିବରଣୀ ପାଠ କରିଥିଲେ । କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ବନିତା ମଳିକ, ମଧୁସ୍ମିତା ମଳିକ, ସୁଧାମୟ ମଳିକ, ମଳୟ ଓଝା ପ୍ରିୟଙ୍କା ସେଠୀ ବିଦ୍ୟାଧର ସେଠୀ, ସାନିଆ ପରମିନ ସାହେବା,ଝରଣା ବେହେରା, ଲାସ୍ୟମୟୀ ସାହୁ, ମୃତ୍ୟୁଞ୍ଜୟ ପାଢ଼ୀ, ସୁବାଷ ମଳିକ ପ୍ରମୁଖ ଯୋଗ ଦେଇ ନିଜ ନିଜ ୱାର୍ଡର ସମସ୍ୟା ଉତ୍ଥାପନ କରିଥିଲେ ।

---

**ଜିଲ୍ଲାରେ କମୁଛି ଝିଅଙ୍କ ସଂଖ୍ୟା**

## ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା,୧୩।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାରେ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଦେଶରେ ଜାନୁଆରୀ ୨୨ ତାରିଖ ୨୦୨୫ ମସିହା ଠାରୁ ଆରମ୍ଭ ହୋଇଥିବା ବେଳେ ପରବର୍ତୀ ସମୟରେ ଜିଲ୍ଲାରେ ୨୦୨୦ ମସିହାରେ ଆରମ୍ଭ କରାଯାଇଛି । ଗ୍ରାମାଂଚଳ ଗୁଡିକରେ ହଜାର ପୁଅରେ ଝିଅଙ୍କ ସଂଖ୍ୟା ୯୨୮ ଥିବାବେଳେ ସହରାଂଚଳରେ ଏହା ୮୯୭ ରହିଛି। ସହରାଂଚଳରେ ଝିଅଙ୍କ ସଂଖ୍ୟା କମ ହେଉଥିବାର କାରଣ ସହରାଂଚଳରେ ଅଲଟ୍ରାସାଉଣ୍ଡ ସେଣ୍ଟର ଓ ନର୍ସିଂହୋମ ଗୁଡିକ ଥିବାରୁ ବେଆଇନ ଭାବେ ଲିଙ୍ଗ ନିରୂପଣ କରାଯାଇ କନ୍ୟା ଭ୍ରୂଣ ଗର୍ଭପାତ କରାଯାଉ ଥିବାରୁ ଝିଅଙ୍କ ସଂଖ୍ୟା କମିକମି ଚାଲିଛି। ଏହି ଅଲଟ୍ରାସାଉଣ୍ଡ ସେଣ୍ଟର ଗୁଡିକରେ ଚଢାଉ କରିବା ପାଇଁ ନିଷ୍ପତି ନିଆଯାଇଛି । ଏଣୁ ଏହାକୁ ସମସ୍ତ ଅଧିକାରୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ



ସଚେତନତା କରାଇବାକୁ ବୈଠକରେ ଆଲେଚନା କରାଯାଇଛି । କାର୍ଯ୍ୟକ୍ରମ ରେ ସ୍ୱୟଂ ସହାୟିକା ଗୋଷ୍ଠୀ, ଆଶା, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସିବିଓ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, କ୍ରୀଡା ବିଭାଗ, ଶିଶୁ ବିଭାଗ ଓ ଅନ୍ୟ ବିଭାଗ ଗୁଡିକ ପ୍ରତ୍ୟେକ ସ୍ତରରେ ଜନ ସାଧାରଣଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି।

ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଡିସିପିଓ ବିଜୟ କେତନ ସାହୁଙ୍କ ସମେତ ସମସ୍ତ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସୁପର ଭାଇଜର ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନୂତନ ଡିଏଫ୍ଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ରାଜନଗର,୧୩।୮ (ସଂଚାର ବ୍ୟୁରୋ):** ରାଜନଗର ବନଖଣ୍ଡରେ ନୂତନ ଡିଏଫଓ ଯୋଗ ଦେବା ପରେ ଆଜି ଓଡ଼ିଶା ଅଣ ଗେଜେଟେଡ୍ ବନ ସେବା ସଂଘ ରାଜନଗର ଶାଖା ପକ୍ଷରୁ ରାଜନଗରର ବନଖଣ୍ଡରେ ନୂତନ ଭାବେ ଯୋଗ ଦେଇଥିବା ଡ଼ିଏଫଓ ଭରଦରାଜ ଗାଓଁଙ୍କରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାଜନଗର ସଙ୍ଘର ସଭାପତି ବିଭୁତି ଭୂଷଣ ତରାଇ ସହିତ ସଂଘର କର୍ମକର୍ତ୍ତାମାନେ ଡିଭିଜନରେ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସଙ୍ଘର ସଂପାଦକ ଫରେଷ୍ଟର ରଂଜନ କୁମାର ପାଣି, ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟର ନିର୍ମଳ କୁମାର ନାୟକ, ଚିନ୍ମୟ ପାତ୍ରଙ୍କ ସମେତ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ।

---

## ଅନ୍ତର୍ଜାତୀୟ ଯୁବ ଦିବସରେ ରକ୍ତଦାନ



**ମହାକାଳପଡ଼ା,୧୩।୮ (ସଂଚାର ବ୍ୟୁରୋ):** କଥାରେ ଅଛି ରକ୍ତଦାନ ଏକ ମହତ ଦାନ, ରକ୍ତ ବଞ୍ଚାଏ ଅନ୍ୟର ଜୀବନ । ଜଣେ ବ୍ୟକ୍ତି ନିୟମିତ ରକ୍ତଦାନ କରିବା ଦ୍ୱାରା ସେ ନିଜକୁ ସୁସ୍ଥ ରଖିପାରିଥାଏ । ଜଣେ ରୋଗୀର ରକ୍ତର ଅଭାବକୁ ଜଣେ ମଣିଷ ହିଁ ପୂରଣ କରିପାରିବ। ଆଜିର ଆନ୍ତର୍ଜାତୀୟ ଯୁବ ଦିବସରେ ତୁଳସୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟର ରୋମିତ୍ ସୌରଭ ଗାହାଣଙ୍କ ପାଖକୁ ଏସ୍. ସି. ବି ମେଡିକାଲରେ ଏକ ରୋଗୀଙ୍କ ଜରୁରୀକାଳୀନ ରକ୍ତର ଆବଶ୍ୟକତା ନେଇ ଫୋନ୍ କଲ୍ ଆସିଥିଲା । ଏହି ଖବର ପାଇବା ପରେ ସେ ଯଥାଶୀଘ୍ର ମେଡ଼ିକାଲରେ ପହଞ୍ଚି ରକ୍ତଦାନ କରିଛନ୍ତି । ଆଗରୁ ମଧ ଗାହାଣ ଅନେକ ଥର ରୋଗୀଙ୍କୁ ରକ୍ତଦାନ କରି ଆସିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ନିଜକୁ ଖୁସି ଅନୁଭବ କରିବା ସହିତ ପ୍ରତ୍ୟେକ ଯୁବପିଢିଙ୍କୁ ସମାଜର ଦାୟିତ୍ୱ ଓ କର୍ତ୍ତବ୍ୟ କୁ ନଭୁଲି ରୋଗୀଙ୍କ ରକ୍ତର ଆବଶ୍ୟକତା ବେଳେ ବର୍ଷକୁ ୨ ଥର ରକ୍ତଦାନ କରିବା ପାଇଁ ନିବେଦନ କରିଛନ୍ତି । ଏହିଭଳି ମହନୀୟ କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

## ପଳସୁଧାରେ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ

**ଗରଦପୁର,୧୩।୮ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ୍ ପଳସୁଧା ସ୍ଥିତ ବିଲେଇଶୁଣି ମକର ମେଳା ପଡ଼ିଆରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆଜାଦ୍ କ୍ଲବ୍ ଆନୁକୁଲ୍ୟରେ ଆୟୋଜିତ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ୮ ଗୋଟି ଦଳ ଭାଗ ନେଇଥିବା ବେଳେ କୃଷ୍ଣାନନ୍ଦପୁରର କାଜି ମହଲା ଫୁଟବଲ୍ ଟିମ୍ ଓ ନଗସପୁରର ବରହମପୁର ଫୁଟବଲ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ବେଶ୍ ଚିତ୍ତାକର୍ଷକ ହୋଇଥିବା ବେଳେ ବରହମପୁର ଫୁଟବଲ୍ ଟିମ୍ କାଜି ମହଲା ଫୁଟବଲ୍ ଟିମ୍‌କୁ ୨-୦ ଗୋଲରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା।



ଉଦ୍‌ଯାପନୀ ଉତ୍ସବରେ ପଳସୁଧା ପଂଚାୟତର ପୂର୍ବତନ ସରପଂଚ ଅନୁଜ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରହମପୁର ଟିମ୍‌କୁ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସେକ୍ ଫିରୋଜ ଅଲ୍ଲୀ ଓ ସେକ୍ ମେହେରବାନ୍ ଅଲ୍ଲୀ ଯୋଗଦେଇ କାଜି ମହଲା ଫୁଟବଲ୍ ଟିମ୍‌କୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳକୁ ଆଜାଦ୍ କ୍ଲବ୍‌ର ସଭ୍ୟ ସେକ୍ ସଲାମ୍ ଉଦ୍ଦିନ୍, ଜୁବେର ତନବିର୍, ଇତିଖାର ହୋସେନ୍, ତାରିକ ଖାନ୍, ସେକ୍ ଫୟାଜ୍ ଅଲ୍ଲୀ ପ୍ରମୁଖ ପରିଚାଳନା କରିଥିଲେ।

## ‘ବଳଭଦ୍ର ସଂସ୍କୃତି ହେଉଛି ଓଡ଼ିଶାର ଅସ୍ମିତା’

**ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ) :** ଜଗନ୍ନାଥ ଓ ବଳଭଦ୍ର ସଂସ୍କୃତି ଯେପରି ଓଡ଼ିଆ ଅସ୍ମିତା ବା ସ୍ୱାଭିମାନର ପ୍ରାଣକେନ୍ଦ୍ର ଠିକ ସେହିପରି କୃଷି ଓ ଗୋପାଳନ ହେଉଛି ଓଡ଼ିଆ ସଂସ୍କୃତି ଓ ଅର୍ଥନୀତିର ମୌଳିକ କ୍ଷେତ୍ର। ବଳଭଦ୍ର ଓ ଜଗନ୍ନାଥ ହେଉଛନ୍ତି କୃଷି ଓ ଗୋପାଳନର ପ୍ରବକ୍ତା ଓ ପ୍ରବର୍ତ୍ତକ। ଏ ଦୁଇ ଆର୍ଥନୀତିକ କର୍ମ ବିଶ୍ୱ ତାପନ, ପାଗ ପରିବର୍ତ୍ତନ, ଖାଦ୍ୟ ସଂକଟ, ବାୟୁ-ମୃତ୍ତିକା-ଜଳ ପ୍ରଦୂଷଣ ଏବଂ ବେକାରୀ ଆଦି ସମସ୍ୟାର ସମାଧାନ କରିପାରିବ। ଭୁବନେଶ୍ୱରର ବୁଦ୍ଧ ମନ୍ଦିରରେ ଆୟୋଜିତ ପ୍ରତୀକାତ୍ମକ ଗହ୍ମା ପର୍ବରେ ବକ୍ତାମାନେ ଜଗନ୍ନାଥ ଓ ବଳଭଦ୍ର ତତ୍ତ୍ୱ ସମ୍ପର୍କରେ ଏଭଳି ଅନେକ କଥାର ଅବତାରଣା କରିଛନ୍ତି। ପାଟରା ଜାତିର ଇଷ୍ଟ ହେଉଛନ୍ତି ପ୍ରଭୁ ବଳଭଦ୍ର। ନିଖିଳ ଉତ୍କଳ ପାଟରା ସମିତି ତରଫରୁ ବଳଭଦ୍ର ତତ୍ତ୍ୱର ପ୍ରଚାର ପ୍ରସାର ପାଇଁ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ସମିତିର ସଭାପତି ଡାକ୍ତର ରୁଦ୍ର ନାରାୟଣ ପୃଷ୍ଟି। ସଭାରେ ସାମ୍ବାଦିକ ଦେବେନ୍ଦ୍ର ପୃଷ୍ଟି, ଅମରନାଥ ପରିଡ଼ା, ଆଇନଜୀବୀ ବୀରନାରାୟଣ ପାତ୍ର, ଯୁବନେତା ଆଶିଷ ସାହୁ, ସରୋଜ ପାତ୍ର, ଶିକ୍ଷାବିତ ଦୀନବନ୍ଧୁ ସାହୁ ପ୍ରମୁଖ ଗହ୍ମା ପର୍ବ ଓ ବଳଭଦ୍ରଙ୍କ ମହିମା ସଂପର୍କରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ବ୍ୟତିତ କଟକ କର୍କଟ ପ୍ରତିଷ୍ଠାର ଡାକ୍ତର ଏସଏନ ସେନାପତିଙ୍କ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୪ ଚକଲା ମନୋନୀତ ୧୪ ଜଣ ବ୍ୟକ୍ତି ତଥା ପ୍ରତିଭାଙ୍କୁ ମଧ୍ୟ ଏହି ଅବସରରେ ଉପଢୌକନ, ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପାଟରା ଜାତିର ମେଧାବୀ ମେଡିକାଲ ଛାତ୍ର ରଘୁନାଥ ବେହେରାଙ୍କୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପର୍ବରେ ଶିଶୁ କଳାକାର ସାଇଶ୍ରୀ ବେହେରା ଓ ପଦ୍ମାଳୟା ପୃଷ୍ଟି ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

# ଶ୍ରୀଲ ପ୍ରଭୁପାଦଜୀ ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ ହେଉଛନ୍ତି ଶ୍ରୀଲ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଜୀ ଓ ୧୦୦ ବର୍ଷ ଧରି କଟକର ଶ୍ରୀ ସଚ୍ଚିଦାନନ୍ଦ ମଠ ଆଧ୍ୟାତ୍ମିକ, ସାହିତ୍ୟିକ ଓ ସାମାଜିକ କାର୍ଯ୍ୟକଳାପ ଏକ ନୈତିକତାର ପ୍ରଦୀପ ପ୍ରଜ୍ୱଳିତ କରିଆସୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜବାହରଲାଲ ଇନ୍‌ଡୋର ଷ୍ଟାଡିଅମଠାରେ ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ ଓ କଟକର ଶ୍ରୀ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବରେ ଯୋଗଦେବା ଅବସରରେ ମତ ବ୍ୟକ୍ତ କରିଛନ୍ତି।




ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପରମପୂଜ୍ୟ ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଜୀ କେବଳ ଜଣେ ମହାନ ସନ୍ଥ, ଶିକ୍ଷକ କିମ୍ବା ଧର୍ମପ୍ରଚାରକ ନଥିଲେ, ତାଙ୍କର ଜୀବନ ଦର୍ଶନ, ଗୀତା ଓ ଭାଗବତର ଶାଶ୍ୱତ ସନ୍ଦେଶ ଏବଂ ‘ଜୀବନକୁ ଭଗବାନଙ୍କ ସେବାରେ ନିୟୋଜିତ କରିବା’ ଏହି ମୂଲ୍ୟବୋଧ ସଦା ଆମ ପାଇଁ ପ୍ରେରଣା ସାଜିଛି। ଶ୍ରୀ ସଚ୍ଚିଦାନନ୍ଦ ମଠ ଜ୍ଞାନର ଦୀପ୍ତି ବାଣ୍ଟିବା ସହ କର୍ତ୍ତବ୍ୟବୋଧ ଓ ଆତ୍ମଚିନ୍ତନର ମାର୍ଗ ଦର୍ଶନ କରିଆସୁଛି। ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଏହି ଚେତନାର ଜାଗରଣ ଆମ ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ। ଗତ ୧୦୦ ବର୍ଷରେ ଏହି ମଠ କେବଳ ଧର୍ମଚେତନା ଜାଗ୍ରତ କରିନାହିଁ, ବରଂ ଶିକ୍ଷା, ଦାନ, ସାଧୁସଙ୍ଗ, ସମାଜସେବା ଓ ଯୁବପିଢ଼ିକୁ ନୈତିକ ଦିଶା ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଶ୍ରୀଲ ପ୍ରଭୁପାଦଙ୍କ ଅବଦାନ ଆଜି ମଧ୍ୟ ପ୍ରାସଙ୍ଗିକ। ଏହାକୁ ଅନୁଶୀଳନ କଲେ ଆଜିର ସମାଜ ବିଶ୍ୱଭ୍ରାତୃତ୍ୱ ଭାବରେ ପ୍ରତିଷ୍ଠିତ ହୋଇ ଏକ ବାସ୍ତବ ସୁଖି, ସମୃଦ୍ଧ ଓ ଶାନ୍ତି ଲାଭ କରିପାରିବ। ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ କେବଳ ଏକ ସ୍ମୃତି ଦିବସ ନୁହେଁ, ବରଂ ଆମ ପାଇଁ ଏକ ସଂକଳ୍ପ ଯେ, ଆମେ ତାଙ୍କର ଦେଇଯାଇଥିବା ଆଦର୍ଶ, ସେବାଭାବ ଓ ଭକ୍ତିର ପଥରେ ଅଟଳ ରହିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତତି।

ଗୌଡୀୟ ମିଶନର ସଭାପତି ଶ୍ରୀମଦ୍ ଭକ୍ତି ସୁନ୍ଦର ସନ୍ୟାସୀ ଗୋସ୍ୱାମୀ ମହାରାଜ କହିଥିଲେଯେ, ଶ୍ରୀଲ ପ୍ରଭୁପାଦ ହେଉଛନ୍ତି ଜ୍ଞାନ ଆହରଣର ଏକ ଗ୍ରନ୍ଥ, ଯାହାକୁ ଜୀବନ ଭରି ଅଧ୍ୟୟନ କଲେ ମଧ୍ୟ ସରିବନି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଶ୍ରୀମଦ୍ ଭକ୍ତି ବିଚାର ଭାରତୀ ମହାରାଜ, ଗୌଡୀୟ ମିଶନର କମିଟି ମେମ୍ବର, ଉମେଶ ଖଣ୍ଡେଲ୍‌ୱାଲ୍ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଗୌଡ଼ୀୟ ବୈଷ୍ଣବ ସମ୍ମିଳନୀର ସଭ୍ୟ ଭକ୍ତି ବୋଧାୟନ ବେଦାନ୍ତ ମହାରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭକ୍ତି ରୂପକ ରାଧାନ୍ତି ମହାରାଜ ଧନ୍ୟବାଦ ଦେଇଥିଲେ।

## ଶୀତଳଭଣ୍ଡାର ଯଥାଶୀଘ୍ର କାର୍ଯ୍ୟକ୍ଷମ ନେଇ ବୈଠକ

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ରାଜ୍ୟରେ ଶୀତଳଭଣ୍ଡାର ନିର୍ମାଣ ଓ ଏହାର କାର୍ଯ୍ୟକ୍ଷମ ନିମନ୍ତେ ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟରେ କୃଷି ଭିତ୍ତିଭୂମି ସୁଦୃଢ଼ ହେଲେ ହିଁ କୃଷକମାନେ ସଶକ୍ତ ହେବେ, ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ। ରାଜ୍ୟରେ ଶୀତଳ ଭଣ୍ଡାର ଓ ଗୋଦାମର ବହୁତ ଆବଶ୍ୟକ ଥିବାରୁ



ଏହାକୁ ଯଥାଶୀଘ୍ର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ପ୍ରତି ସବ୍ ଡିଭିଜନରେ ଅତି କମରେ ଗୋଟିଏ ଶୀତଳଭଣ୍ଡାର ନିର୍ମାଣ ପାଇଁ ସରକାର ଅନୁମୋଦନ ପ୍ରାପ୍ତ କରିଛନ୍ତି। ଏଥିନିମନ୍ତେ ବହୁ ସଂସ୍ଥା ଆବେଦନ ମଧ୍ୟ କରିସାରିଛନ୍ତି। ବର୍ତ୍ତମାନ ଏସବୁ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଯଥାଶୀଘ୍ର ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି ।ଏଥିସହିତ ସାର ଯୋଗାଣର ସ୍ଥିତିକୁ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରି କଳାବଜାରୀ ହ୍ରାସ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାଛଡ଼ା ବିଭାଗର ଆଗାମୀ ରଣନୀତି ଓ କାର୍ଯ୍ୟପନ୍ଥା ମଧ୍ୟ ବୈଠକରେ ସ୍ଥିର କରାଯାଇଛି। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଲାଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କଟକ କଂଗ୍ରେସ ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର

**କଟକ,୧୩।୮(ସଂଚାର ବ୍ୟୁରୋ):** ଆଜି କଟକ ନଗର କଂଗ୍ରେସ ପକ୍ଷରୁ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର୍‌ଙ୍କୁ ଭେଟି ସିଏସେରେ ହୋଇଥିବା ବ୍ୟାପକ ଅନିୟମିତତା ଓ ଦୁର୍ନୀତି ବିରୋଧରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ଶରତ ଚନ୍ଦ୍ର ସେଠୀ, ଅନୀଲ ବେଉରା, ସୂର୍ଯ୍ୟକାନ୍ତ ରାଉତ, କର୍ପୋରେଟର୍ ସନ୍ତୋଷ କୁମାର ଭୋଳ, ଶୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ଲିଜାରାଣୀ ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପଶାୟତ, ପୂର୍ବତନ କର୍ପୋରେଟର୍ ଚାରୁଲତା ସାହୁ, ଅନିତା ନାୟକ ଓ ସେକ ସମିମ୍, ପ୍ରତାପ ପରିଡ଼ା, ଅଜୟ ଗୋଚ୍ଛାୟତ, ଚନ୍ଦନ ଦାସ, ବିକି ଚକ୍ରବର୍ତ୍ତୀ, ଗୁଲଜାର ଅହମ୍ମଦ, ସ୍ମୃତି ରଞ୍ଜନ ରାଉତ, ସନ୍ତୋଷ କୁମାର ପାତ୍ର, ସୁରଜିତ ସାହୁ, ଦିଲ୍ଲୀପ ନାୟକପ୍ରମୁଖ ଉପସ୍ଥିତ ଥିଲେ।



## ପୁରୀ-ଲାଲଗଡ଼ ଏକ୍ସପ୍ରେସ ସମ୍ପ୍ରସାରଣର ଶୁଭାରମ୍ଭ

**ପୁରୀ,୧୩।୮(ସଂଚାର ବ୍ୟୁରୋ):** ଆନ୍ତଃରାଜ୍ୟ ସଂଯୋଗ ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତୀୟ ରେଳ ପକ୍ଷରୁ ଟ୍ରେନ ନମ୍ବର ୨୦୪୭୨/୨୦୪୭୧ ପୁରୀ-ଲାଲଗଡ଼-ପୁରୀ ସାପ୍ତାହିକ ଏକ୍ସପ୍ରେସକୁ ରାଜସ୍ଥାନର ଶ୍ରୀ ଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହା ଆଜିଠାରୁ କାର୍ଯ୍ୟକାରୀ ହୋଇଥିବା ବେଳେ ପୁରୀ ସାଂସଦ ସମ୍ବିତ ପାତ୍ର ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହାର ଶୁଭାରମ୍ଭ କରିଛନ୍ତି। ଆଜି ପୂର୍ବାହ୍ନ ୬ଟା ୩୫ ମିନିଟ୍ ସମୟରେ ଉଭୟ ସାଂସଦ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ଉପସ୍ଥିତିରେ ପୁରୀ ରେଳ ଷ୍ଟେସନରୁ ଉଦଘାଟନୀ ପରିବର୍ଦ୍ଧିତ ଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠି ଯୋଗଦେଇ ଜାତୀୟ ସଂହତି ଓ ଗତିଶୀଳତାକୁ ପ୍ରୋତ୍ସାହିତ କରିବାରେ ଏହି ରଣନୈତିକ ସମ୍ପ୍ରସାରଣର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ଏହି ପଦକ୍ଷେପ ବଙ୍ଗୋପସାଗର କୂଳରେ ଥିବା ପୁରୀକୁ ରାଜସ୍ଥାନର ଥର ମରୁଭୂମି ନିକଟରେ ଥିବା ଶ୍ରୀ ଗଙ୍ଗାନଗର ସହ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣା ଓ ରାଜସ୍ଥାନରେ ବିସ୍ତୃତ ଏକକ ରେଳ କରିଡର ମାଧ୍ୟମରେ ସଂଯୋଗ କରୁଛି। ଏହି ଟ୍ରେନ୍ ଏବେ ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ତୀର୍ଥଯାତ୍ରୀ, ଛାତ୍ର, ବ୍ୟବସାୟୀ ଏବଂ ପ୍ରବାସୀ ଶ୍ରମିକଙ୍କ ପାଇଁ ଏକ ସୁଲଭ ଓ ସିଧାସଳଖ ସାପ୍ତାହିକ ଗମନାଗମନ ସେବା ପ୍ରଦାନ କରୁଛି।

ଏହି ଟ୍ରେନ ପାଇଁ ଥିବା ସମୟସୂଚୀ ଅନୁଯାୟୀ ପୁରୀ ଓ ଲାଲଗଡ଼ ମଧ୍ୟରେ ଟ୍ରେନ୍‌ର ପୂର୍ବ ସମୟ ଉଭୟ ପାର୍ଶ୍ୱରୁ ଅପରିବର୍ତ୍ତିତ ରହିଛି। ଲାଲଗଡ଼ ପରେ ଏହି ଟ୍ରେନ ଲୁଙ୍କାରଣସର, ସୁରତଗଡ଼, ରାୟ ସିଂହ ନଗର ଓ ଶ୍ରୀ କରଣପୁରରେ ରହଣି ପ୍ରଦାନ କରି ରାତି ୨ଟା ୫ ମିନିଟ୍‌ରେ ଶ୍ରୀ ଗଙ୍ଗାନଗରରେ ପହଞ୍ଚିବ। ସେହିପରି ଫେରିବା ସମୟରେ ଏହି ଟ୍ରେନ ଶ୍ରୀ ଗଙ୍ଗାନଗରରୁ ଅପରାହ୍ନ ୨ଟା ୧୦ ମିନିଟ୍‌ରେ ଛାଡି ଲାଲଗଡ଼ରେ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ପହଞ୍ଚିବ ଓ ସନ୍ଧ୍ୟା ୬ଟା ୩୨ ମିନିଟ୍‌ରେ ପୁରୀ ଅଭିମୁଖେ ଯାତ୍ରା କରିବ। ଏହି ସମ୍ପ୍ରସାରଣ ଜନସାଧାରଣଙ୍କ ଦୀର୍ଘକାଳୀନ ଦାବି ପୂରଣ କରିବା ସହ ଭାରତ ସରକାରଙ୍କ ଅନ୍ତର୍ଭୁକ୍ତ ବିକାଶ ଓ ଶେଷ ମାଇଲ ସଂଯୋଗୀକରଣ ଦୃଷ୍ଟିକୋଣ ସହ ସମନ୍ୱୟ ରକ୍ଷା କରୁଛି। ଏହା ମଧ୍ୟ ପର୍ଯ୍ୟଟନ (ମହୋଦଧିସ୍ଥିତ ଜଗନ୍ନାଥ ଧାମକୁ ମରୁଭୂମି ପର୍ଯ୍ୟଟନ କେନ୍ଦ୍ର ସହ ସଂଯୋଗ କରିବ), ବାଣିଜ୍ୟ (କୃଷି ଉତ୍ପାଦ ଏବଂ ହସ୍ତଶିଳ୍ପ ଭଳି ସାମଗ୍ରୀର ପରିବହନକୁ ସହଜ କରିବ), ଏବଂ ନିଯୁକ୍ତି (ଆତିଥ୍ୟ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ସୁଯୋଗ ବୃଦ୍ଧି)କୁ ଲାଭଦାୟକ କରିବ ବୋଲି ଆଶା କରାଯାଉଛି। ସାଂସ୍କୃତିକ ଦୃଷ୍ଟିରୁ ଏହା ଓଡ଼ିଶା ଓ ରାଜସ୍ଥାନର ପରମ୍ପରାକୁ ଏକତ୍ରିତ କରି ତୀର୍ଥଯାତ୍ରା ଓ ଐତିହ୍ୟ ପର୍ଯ୍ୟଟନକୁ ଅଧିକ ସୁଗମ କରିବ ଏବଂ ‘ବିବିଧତାରେ ଏକତା’ ଭାବନାକୁ ଦୃଢ଼ କରିପାରିବ।

■ ବିଶ୍ୱ ଅଙ୍ଗ ଦାନ ଦିବସ-୨୦୨୫ ପାଳିତ

## ୨୪ ଜଣଙ୍କୁ ସୂରଜ ସମ୍ମାନ ପ୍ରଦାନ

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ଅଙ୍ଗଦାନଠାରୁ ମହତ କାର୍ଯ୍ୟ କିଛି ନାହିଁ। ଅଙ୍ଗ ପ୍ରତିରୋପଣ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ଜୀବନରେ ଅଙ୍ଗଦାତା ମାନେ ନୂତନ ଜୀବନ ଭରି ଦିଅନ୍ତି। ଅଦ୍ୟାବଧି ରାଜ୍ୟରେ ୧୪ଟି ଚିକିତ୍ସାଳୟକୁ ଅଙ୍ଗ ପ୍ରତିରୋପଣ ନିମନ୍ତେ ପଞ୍ଜୀକୃତ କରାଯାଇଛି। ଏହି ‘ସୂରଜ ପୁରସ୍କାର’ ରାଜ୍ୟବାସୀଙ୍କୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷା କରିବା ନିମନ୍ତେ ଆଗେଇ ଆସିବା ପାଇଁ ନିଶ୍ଚିତ ଭାବେ ଉତ୍ସାହିତ କରିବ। ଆଜି ପୂର୍ବାହ୍ନରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ଅଙ୍ଗ ଦାନ ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଅଙ୍ଗଦାତାମାନେ ମୃତ୍ୟୁ ପରେ ସୁସ୍ଥ ଏବଂ ମୂଲ୍ୟବାନ ଅଙ୍ଗ ଦାନ କରି ଅନ୍ୟମାନଙ୍କ ଜୀବନ ବଞ୍ଚାଇ ଥିବାରୁ ସେ ଅଙ୍ଗଦାତା ଓ ତାଙ୍କ ପରିବାରକୁ ସର୍ବୋଚ୍ଚ ସମ୍ମାନ ଜଣାଇବା ସହ ସେମାନଙ୍କ ମହାନତାକୁ ପ୍ରଶଂସା କରିଛନ୍ତି।




ଝାରସୁଗୁଡାର ସ୍ୱର୍ଗତଃ ରଶ୍ମୀପ୍ରଭା ପଟେଲ, ନୟାଗଡର ସିବୁନ ସିଦ୍ଧାର୍ଥ ସାହୁ, ଖୋର୍ଦ୍ଧାର ସ୍ୱର୍ଗତଃ ବିକାଶ କୁମାର ସାହୁ, କେନ୍ଦ୍ରାପଡ଼ା ଜିଲ୍ଲାର ସ୍ୱର୍ଗତଃ ମନୋଜ କୁମାର ସାହୁ, ବାଲେଶ୍ୱରର ସ୍ୱର୍ଗତଃ ଅଲେଖ ପ୍ରସାଦ ପରିଡା , କଟକର ସ୍ୱର୍ଗତଃ ପ୍ରହଲ୍ଲାଦ ରାଉତ, କେନ୍ଦୁଝରର ସ୍ୱର୍ଗତଃ ଲତା ମହାନ୍ତ, ସୁନ୍ଦରଗଡର ସ୍ୱର୍ଗତଃ ଜନ୍ମେଷ ଲେଙ୍କା, ଖୋର୍ଦ୍ଧାର ସ୍ୱର୍ଗତଃ ପ୍ରଦୀପ କୁମାର ଜେନା, ମୟୂରଭଞ୍ଜର ସ୍ୱର୍ଗତଃ ସ୍ୱଶ୍ରୀଆୟାନ ପାତ୍ର, ଅନୁଗୁଳ ଜିଲ୍ଲାର ସ୍ୱର୍ଗତଃ ବିଶ୍ୱଜିତ ଦାସ, ଖୋର୍ଦ୍ଧାର ସ୍ୱର୍ଗତଃ ଜୟନ୍ତ କୁମାର ଖମାରୀ, କେନ୍ଦ୍ରାପଡ଼ାର ସ୍ୱର୍ଗତଃ ଅଜୟ କୁମାର ଗିରି, କୋରାପୁଟର ସ୍ୱର୍ଗତଃ ଆଶିଷ ଛୁଆଲସିଂ, ରାୟଗଡାର ସ୍ୱର୍ଗତଃ ଚନ୍ଦ୍ରଶେଖର ନାୟକ, ଗଜପତିର ସ୍ୱର୍ଗତଃ ନରସିଂହ ପ୍ରସାଦ ମହାରଣା, ଗଜପତିର ସ୍ୱର୍ଗତଃ ପଣ୍ଡାଇ ଶବର, କେନ୍ଦ୍ରାପଡ଼ାର ସ୍ୱର୍ଗତଃ ଶରତ ଚନ୍ଦ୍ର ବିଶ୍ୱାଳ, ରାୟଗଡାର ସ୍ୱର୍ଗତଃ ପିଲାନ୍ତ ଶବର, ଗଜପତିର ସ୍ୱର୍ଗତଃ କେ. ନରେଶ ପଟ୍ଟନାୟକ, ଗଜପତିର ସ୍ୱର୍ଗତଃ ଅରୁଣ ଭୂୟାଁ, ଖୋର୍ଦ୍ଧାର ସ୍ୱର୍ଗତଃ ସୌମ୍ୟ ରଞ୍ଜନ ବେହେରା, ଭଦ୍ରକର ସ୍ୱର୍ଗତଃ ଶିବ ପ୍ରସାଦ ଜେନା, ଖୋର୍ଦ୍ଧାର ସ୍ୱର୍ଗତଃ ରୀନା ପୃଷ୍ଟିଙ୍କ ପରିବାରକୁ ସୂରଜ ପୁରସ୍କାରରେ ସମ୍ମାନିତ କରାଯିବା ସହ ୫ ଲକ୍ଷ ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି।

## ଖରିଫ ଧାନ ସଂଗ୍ରହ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଅବଧି ବୃଦ୍ଧି

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ଖରିଫ ଧାନ ସଂଗ୍ରହ ନିମନ୍ତେ ହେଉଥିବା ଚାଷୀ ପଞ୍ଜିକରଣ ପ୍ରକ୍ରିୟାର ସମୀକ୍ଷା କରାଯାଇଛି। ଏହି ପ୍ରକ୍ରିୟାରେ ଅଦ୍ୟାବଧି ସାଢ଼େ ୧୧ ଲକ୍ଷରୁ ଅଧିକ ଚାଷୀ ପଞ୍ଜିକରଣ କରିସାରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଖରିଫ୍ ଋତୁ ଧାନ ସଂଗ୍ରହ ନିମନ୍ତେ ଜାରି ପଞ୍ଜିକରଣ ପ୍ରକ୍ରିୟା ଅବଧିକୁ ମଧ୍ୟ ବୃଦ୍ଧି କରାଯାଇଛି। ଗତ ୧୯ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୂର୍ବରୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜ୍ୟର ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ପଞ୍ଜିକରଣ ଅବଧିକୁ ଏବେ ସରକାର ବୃଦ୍ଧି କରିଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଖରିଫ୍ ଋତୁ ଧାନ ସଂଗ୍ରହ ନିମନ୍ତେ ପଞ୍ଜିକରଣ ପ୍ରକ୍ରିୟା ୪ ଦିନ ବିଳମ୍ବରେ ହୋଇଥିଲେ ସୁଦ୍ଧା ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ଅଧିକରୁ ଅଧିକ ଚାଷୀ ଇଚ୍ଛା ବ୍ୟକ୍ତ କରିଛନ୍ତି। ଗତବର୍ଷ ଏହି ପ୍ରକ୍ରିୟା ଜୁଲାଇ ୧୫ ତାରିଖରେ ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷ ଏହା ଜୁଲାଇ ୧୯ ତାରିଖରୁ ଚାଲିଛି। ଏହାଛଡ଼ା ପଞ୍ଜିକରଣକୁ ସରଳୀକୃତ କରାଯିବା ସହ ନିଜସ୍ୱ ଘୋଷଣାନାମା ମାଧ୍ୟମରେ ମଧ୍ୟ ଚାଷୀମାନଙ୍କୁ ପଞ୍ଜିକରଣ ସୁବିଧା ଦେବାକୁ ସରକାର ସ୍ଥିର କରିଛନ୍ତି। ଏ ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି। ଏହି ଅବସରରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଉପସ୍ଥିତ ଥିଲେ ।

## ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଶକ୍ତ ଧକ୍କା: ଭକ୍ତ

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଗ୍ରାମାଞ୍ଚଳରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସମ୍ବିଧାନର ୭୩ତମ ସମ୍ବିଧାନ ସଂଶୋଧନ ଆଇନ ପ୍ରଣୟନ କରାଯାଇଥିଲା। ଏହି ଆଇନ ଅନୁସାରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା ଓ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ କ୍ଷମତା ମଧ୍ୟ ହସ୍ତାନ୍ତର ହେଲା। କିନ୍ତୁ ଓଡ଼ିଶା ସରକାର ପଞ୍ଚାୟତ ବ୍ୟବସ୍ଥାର ଖୋଲା ଉଲ୍ଲଙ୍ଘନ କରି ନିର୍ବାଚିତ ପ୍ରତିନିଧିମାନଙ୍କ ଅଧିକାରକୁ କ୍ଷୁଣ୍ଣ କରିବାକୁ ପ୍ରୟାସ କରିଛନ୍ତି, ଯାହାକି ଏକ ହୀନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଚକ୍ରାନ୍ତ ବୋଲି ଅଭିଯୋଗ କରିଛି କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କ ଏପରି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିବା ସହ ଏଥିପାଇଁ କଂଗ୍ରେସ ରାଜନୈତିକ ଲଢେଇ ସହ ଆଇନଗତ ଲଢେଇ କରିବ ବୋଲି କହିଛନ୍ତି। ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ନଷ୍ଟ କରିବା ଦିଗରେ ବିଜେପି ସବୁବେଳେ କାର୍ଯ୍ୟ କରିଆସୁଛି । ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଉପେକ୍ଷା କରି ବିଡିଓଙ୍କ ହାତରେ ନିରଙ୍କୁଶ କ୍ଷମତା ଠୁଳ କରିବା ପଞ୍ଚାୟତିରାଜ ପରି ପବିତ୍ର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ହତ୍ୟା ବ୍ୟତୀତ ଆଉ କିଛି ନୁହେଁ ବୋଲି ଶ୍ରୀ ଦାସ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି।

## ୧୬ରେ ରାଜଧାନୀରେ ଶିକ୍ଷକ ସମାବେଶ

● ଯୋଗଦେବେ ୪୦ ହଜାର ଶିକ୍ଷକ ଓ କର୍ମଚାରୀ

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ଅନୁଦାନ ଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ଓ ଅବସର ନେଉଥିବା ଓ କାର୍ଯ୍ୟରତ ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ ଦାବିରେ ଆସନ୍ତା ୧୬ରେ ସମନ୍ୱୟ ସମିତି ପକ୍ଷରୁ ରାଜଧାନୀରେ ବିଶାଳ ଶିକ୍ଷକ ସମାବେଶ ହେବ। ବିଭିନ୍ନ ସମସ୍ୟା ନେଇ ପାଖାପାଖି ୪୦ ହଜାର ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବ୍ୟାନରରେ ଏହି ସମାବେଶରେ ଯୋଗଦେବେ। ଏନେଇ ଆଜି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦନ କରିବା ଏବଂ ଅବସର ନେଉଥବବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ କ୍ଷେତ୍ରରେ ସରକାରଙ୍କ ଅହେତୁକ ବିଳମ୍ବ ପ୍ରତିବାଦରେ ଏହି ସମାବେଶ ଅନୁଷ୍ଠିତ ହେବ। ଏଥିରେ ସହସ୍ରାଧିକ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସ୍ଥାନୀୟ କଂଗ୍ରେସ ଭବନରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିରେ ପହଞ୍ଚିବେ। ବିଧାନସଭା ସମ୍ମୁଖସ୍ଥ ଗାନ୍ଧିମାର୍ଗରେ ଏକ ସଭା ଅନୁଷ୍ଠିତ ହେବ, ଯେଉଁଥିରେ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ଓ ବିଧାୟକମାନେ ଉପସ୍ଥିତ ରହିବେ। ରାଜ୍ୟ ସରକାର ତୁରନ୍ତ ସମନ୍ୱୟ ସମିତିର ନେତୃତ୍ୱଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ବାଟ ବାହାର କରିବା ପାଇଁ ସମନ୍ୱୟ ସମିତି ଚେତାବନୀ ଦେଇଛି।

## ବ୍ଲକ ଅଧ୍ୟକ୍ଷଙ୍କ କ୍ଷମତା ସଂକୁଚିତ ପ୍ରସ୍ତାବକୁ ବିଜେଡିର ବିରୋଧ

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ବ୍ଲକ ଅଧ୍ୟକ୍ଷମାନଙ୍କ କ୍ଷମତାକୁ ସଂକୁଚିତ କରିବା ପାଇଁ ସରକାର ଏକ ନିର୍ଦ୍ଦେଶନାମା ଜାରି କରିବାକୁ ଯାଉଥିବା ବେଳେ ଏହାକୁ ବିରୋଧୀ ବିଜେଡି ପକ୍ଷରୁ ବିରୋଧ କରାଯାଇଛି। କରି ଏହା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ବୋଲି ଆଜି ଦଳ ପକ୍ଷରୁ ଜାରି ଏକ ବିବୃତିରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାର ପକ୍ଷରୁ ପ୍ରସ୍ତାବିତ ନିର୍ଦ୍ଦେଶନାମାରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫାଇଲରେ କେବଳ ବିଡିଓଙ୍କ



ଦସ୍ତଖତ ରହିବ। ପୂର୍ବ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ, ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷେତ୍ରରେ ବ୍ଲକ ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା ଓ ଏହି ପ୍ରକଳ୍ପଗୁଡ଼ିକର ମୂଲ୍ୟ ୧୦ରୁ ୧୫ ଲକ୍ଷ ମଧ୍ୟରେ ରହୁଥିଲା। ଏପରି ସ୍ଥିତିରେ ୨୦ ଲକ୍ଷ ପର୍ଯ୍ୟନ୍ତ କେବଳ ବିଡିଓଙ୍କ ଦସ୍ତଖତ ରହିବା ନିୟମ କାର୍ଯ୍ୟକାରୀ ହେଲେ ବ୍ଲକ ଅଧ୍ୟକ୍ଷମାନଙ୍କ କ୍ଷମତା ସଂକୁଚିତ ହେବ। ଏଥିସହ ଏହି ନିର୍ଦ୍ଦେଶନାମା ଜାରି ପଛରେ ରାଜ୍ୟ ସରକାରଙ୍କର କ’ଣ ଆଭିମୁଖ୍ୟ ରହିଛି, ସେନେଇ ସ୍ପଷ୍ଟ ସୂଚନା ଦିଆଯିବା ଦରକାର ବୋଲି ଶ୍ରୀ ଅମାତ କହିଛନ୍ତି।

ଶ୍ରୀ ଅମାତ କହିଛନ୍ତି ଯେ ପ୍ରସ୍ତାବିତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଲେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ପ୍ରତି କୁଠାରାଘାତ ହେବ। ପଞ୍ଚାୟତିରାଜ ବ୍ୟବସ୍ଥା ଅନୁଯାୟୀ, ତୃଣମୂଳ ସ୍ତରକୁ କ୍ଷମତା ପ୍ରଦାନ କରାଯିବା କଥା। କିନ୍ତୁ ଏହି ନିର୍ଦ୍ଦେଶନାମା ମାଧ୍ୟମରେ ତୃଣମୂଳ ସ୍ତରରୁ ବିଶେଷକରି ନିର୍ବାଚିତ ପ୍ରତିନିଧିମାନଙ୍କଠାରୁ କ୍ଷମତା କାଢି ନେବା ପାଇଁ ପ୍ରୟାସ କରାଯାଉଛି। ତେଣୁ ଏହା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ବିଜେପି ସରକାର ବାବୁରାଜ ବିରୋଧରେ ଯୁକ୍ତି ବାଢ଼ି ଆସୁଥିଲେ ମଧ୍ୟ ପ୍ରସ୍ତାବିତ ନିର୍ଦ୍ଦେଶନାମା ବାବୁରାଜକୁ ପ୍ରୋତ୍ସାହନ ଦେବାର ସମ୍ଭାବନା ରହିଛି। ତେଣୁ ଏହି ପ୍ରସଙ୍ଗରେ ବିଜେପିର ଦୋମୁହାଁ ନୀତି ପଦାରେ ପଡ଼ିଛି ବୋଲି ଶ୍ରୀ ଅମାତ ଅଭିଯୋଗ କରିବା ସହ ତୁରନ୍ତ ଉକ୍ତ ନିର୍ଦ୍ଦେଶନାମାକୁ ସରକାର ପ୍ରତ୍ୟାହାର କରିବା ସକାଶେ ଦାବି କରିଛନ୍ତି।

## ମେଡିକାଲ ଛାତରୁ ଡେଇଁ ରୋଗୀ ଗୁରୁତର

**ସମ୍ବଲପୁର, ୧୩।୮ (ସଂଚାର ବ୍ୟୁରୋ):** ସମ୍ବଲପୁର ମେଡ଼ିକାଲରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଛାତରୁ ଡେଇଁପଡ଼ିଲେ ଜଣେ ରୋଗୀ। ସମ୍ବଲପୁର ବୁର୍ଲା ମେଡିକାଲରେ ଛାତରୁ ଡେଇଁ ଉକ୍ତ ରୋଗୀ ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରଥମ ମହଲା ଛାତରୁ ଡେଇଁ ରୋଗୀ ଜଣଙ୍କ ଜୀବନ ହାରିବା ପାଇଁ ଉଦ୍ୟମ କରିଛନ୍ତି। ରୋଗୀ ଜଣଙ୍କ ହେଉଛନ୍ତି ବରଗଡ଼ ଜିଲ୍ଲା ଅଞ୍ଚଳର। ତାଙ୍କୁ ଗୁରୁତର ଅବସ୍ଥାରେ ଭୀମସାର କାଜୁଆଲଟିରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ଗତକାଲି ଧାରୁଆ ଅସ୍ତ୍ରରେ ନିଜ ତଣ୍ଟି କାଟି ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତେବେ ସମ୍ପୃକ୍ତ ରୋଗୀଙ୍କ ମାନସିକ ସ୍ଥିତି ଠିକ ନଥିବା ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ସୂଚନା ଦେଇଛନ୍ତି।

## ଅଖଣ୍ଡ ଭାରତ ସଂକଳ୍ପ ଦିବସ ପାଳିତ




**କଟକ,୧୩।୮(ସଂଚାର ବ୍ୟୁରୋ):** କଟକର ସାମାଜିକ ସଂଗଠନ ତଥା ସୁଲୋଚନା ସେବା ସଙ୍ଘ ପକ୍ଷରୁ ଆଜି ଅଖଣ୍ଡ ଭାରତ ସଂକଳ୍ପ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ଚୌଧୁରୀ ବଜାରସ୍ଥିତ ମାରୁତି ମଣ୍ଡପରୁ ବାହାରି ମୁଖ୍ୟ ରାସ୍ତା ଦେଇ ଦର୍‌ଘା ବଜାରସ୍ଥିତ ନେତାଜୀ ଜନ୍ମ ସ୍ଥାନ ସଂଗ୍ରହାଳୟଠାରେ ପହଞ୍ଚିଥିଲା। ସେବା ସଙ୍ଘର ଆବାହକ ସୁଶାନ୍ତ ପାତ୍ର ନେତୃତ୍ୱରେ ବହୁ ମହିଳା ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇ ଦେଶର ଅଖଣ୍ଡତା ରକ୍ଷା ପାଇଁ ସଂକଳ୍ପ ନେଇଥିଲେ।

● ପୂର୍ବତଟ ରେଳପଥର ଐତିହାସିକ ଉପଲବ୍ଧି

# ମାତ୍ର ୧୩୪ ଦିନରେ ୧୦୦ ଏମ୍‌ଟି ମାଲ ପରିବହନ

**ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଦେଶର ପ୍ରଥମ ରେଳ ଜୋନ୍ ଭାବେ ଇତିହାସରେ ନିଜର ନାମ ଲିପିବଦ୍ଧ କରିଛି। ମାତ୍ର ୧୩୪ ଦିନରେ ୧୦୦ ମେଟ୍ରିକ୍ ଟନ୍ ମାଲ ପରିବହନ ରେକର୍ଡ ହାସଲ କରିଛି। ଏହା ଗତବର୍ଷ ତୁଳନାରେ ୧୦.୭ ପ୍ରତିଶତ ଅଧିକ। ଏହି ମାଇଲଖୁଣ୍ଟ ୨୦୨୪-୨୫ରେ ହାସଲ ହୋଇଥିବା ୧୪୮ ଦିନର ପୂର୍ବ ରେକର୍ଡ ତୁଳନାରେ ପୂର୍ବତଟ ରେଳପଥ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ପୂର୍ବତଟ ରେଳପଥ ଗତ ୧୨ ତାରିଖରେ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହା ଗତବର୍ଷର ସଫଳତା ତୁଳନାରେ ୧୪ ଦିନ ପୂର୍ବରୁ ହାସଲ କରାଯାଇପାରିଛି। ଏହା ପୂର୍ବତଟ ରେଳପଥର ନିରନ୍ତର ଅଭିବୃଦ୍ଧି ପଥ ଓ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ପ୍ରତିଫଳିତ କରିଛି। ମାଲ ପରିବହନରେ ପୂର୍ବତଟ




ରେଳପଥର ଏହି ଉଲ୍ଲେଖନୀୟ ସଫଳତାରେ କୋଇଲା, ଲୁହାପଥର ଓ ସିମେଣ୍ଟ ସାମଗ୍ରୀ ପ୍ରମୁଖ ଅବଦାନକାରୀ। ପୂର୍ବତଟ ରେଳପଥ ଚଳିତ ବର୍ଷ ୫୭.୭୩୪ ନିୟୁତ ଟନ୍ କୋଇଲା ଲୋଡ୍ କରିଛି। ଏହା ଗତ ବର୍ଷର ସମାନ ସମୟରେ ୫୫.୧୭ ନିୟୁତ ଟନ୍ ତୁଳନାରେ ୪.୬ ପ୍ରତିଶତ ଅଧିକ। ସେହିପରି ଏହା ୨୫.୯୮୪ ନିୟୁତ ଟନ୍ ଲୁହାପଥର ଲୋଡ୍ କରିଛି, ଯାହା ଗତବର୍ଷ ସମାନ ସମୟରେ ୨୧.୭୫୮ ନିୟୁତ ଟନ୍ ଥିଲା। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୧୯.୪ ପ୍ରତିଶତ ଅଭିବୃଦ୍ଧି ରେକର୍ଡ ହୋଇଛି। ସେହିପରି ୪.୪୦୯ ନିୟୁତ ଟନ୍ ସିମେଣ୍ଟ ଲୋଡ୍ ହୋଇଛି, ଯାହା ଗତ ବର୍ଷ ସମାନ ସମୟରେ ୦.୩୦୮ ନିୟୁତ ଟନ୍ ତୁଳନାରେ ୩୨.୮ ପ୍ରତିଶତ ବୃଦ୍ଧି। ଏହା ଚଳିତ ବର୍ଷ ୧.୧୭୧ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଲୋଡ୍ କରିଛି। ଗତ ବର୍ଷ ସମାନ ଅବଧିରେ ୦.୯୯ ନିୟୁତ ଟନ୍ ଥିଲା। ଚଳିତ ବର୍ଷ ପୂର୍ବ ବର୍ଷ ତୁଳନାରେ ୧୮.୩ ପ୍ରତିଶତ ବୃଦ୍ଧି। ସେହିପରି ଗତ ବର୍ଷର ୨.୦୫୩ ନିୟୁତ ଟନ୍ ସାର ଲୋଡ୍ ତୁଳନାରେ ଚଳିତ ବର୍ଷ ୨.୮୫୮ ନିୟୁତ ଟନ୍ ସାର ଲୋଡ୍ କରିଛି, ଯାହା ୩୯.୨ ପ୍ରତିଶତର ଏକ ଉଲ୍ଲେଖନୀୟ ଅଭିବୃଦ୍ଧି। ଏହି ମାଇଲଖୁଣ୍ଟ ପୂର୍ବତଟ ରେଳପଥର ରଣନୈତିକ ଯୋଜନା, ମାଲ ପରିବହନ କାର୍ଯ୍ୟର ଦକ୍ଷ କାର୍ଯ୍ୟାନ୍ୱୟନ ଓ ଗ୍ରାହକଙ୍କ ସହ ପ୍ରଭାବଶାଳୀ ସମନ୍ୱୟର ଏକ ପ୍ରମାଣ। କୋଇଲା, ଲୁହା ଖଣି, ସିମେଣ୍ଟ ଓ ସାର ଭଳି ଉଚ୍ଚ-ଚାହିଦା କ୍ଷେତ୍ର ଉପରେ ଲକ୍ଷ୍ୟ ଭିତ୍ତିଭୂମି ଏବଂ ସମ୍ବଳର ସର୍ବୋତ୍ତମ ବ୍ୟବହାର ଏହି ସଫଳତାକୁ ଆଗକୁ ବଢ଼ାଇବାରେ ସହାୟକ ହୋଇଛି। ଏହି ସଫଳତା ସହ ପୂର୍ବତଟ ରେଳପଥ ଭାରତର ୧୭ଟି ରେଳ ଜୋନ୍ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଭାବରେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଦେଶର ଲଜିଷ୍ଟିକ୍ସ ନେଟୱାର୍କକୁ ସୁଦୃଢ଼ କରିବା ଓ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

जीवन अमृत अनुचिन्ता


ଜୀବନ ଅମୃତ ଅନୁଚିନ୍ତା


ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର




# ସଂସଦର ସୁପରିଚାଳନାରେ ବିରୋଧୀଙ୍କ ଭୂମିକା

ଲୋକତନ୍ତ୍ରର ମୂଳ ସ୍ତମ୍ଭ ହେଉଛି ସଂସଦ। ଏହା କେବଳ ଆଇନ ନିର୍ମାଣର ମଞ୍ଚ ନୁହେଁ, ବରଂ ଜନସାଧାରଣର ଆକାଂକ୍ଷା ଏବଂ ସମସ୍ୟାଗୁଡ଼ିକର ପ୍ରତିଫଳନ ସ୍ଥଳ। ଭାରତୀୟ ସଂସଦରେ ବିରୋଧୀ ଦଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ସରକାରର କାର୍ଯ୍ୟକୁ ପ୍ରଶ୍ନ କରି ସଂସଦର ସୁପରିଚାଳନାରେ ସହାୟକ ହୋଇଥାଏ। ବିରୋଧୀ ଦଳ ନଥିଲେ ସଂସଦ ଏକପାର୍ଶ୍ୱୀୟ ହୋଇପଡ଼ିବ ଏବଂ ଲୋକତନ୍ତ୍ରର ମୂଳ ଉଦ୍ଦେଶ୍ୟ ବିଫଳ ହୋଇଯିବ।



ବିରୋଧୀ ଦଳର ପ୍ରଥମ ଦାୟିତ୍ୱ ହେଉଛି ସରକାରର ନୀତି ଏବଂ କାର୍ଯ୍ୟକଳାପକୁ ପ୍ରଶ୍ନ କରିବା। ଏହା ଦ୍ୱାରା ସରକାର ସତର୍କ ରହିଥାଏ ଏବଂ ଭୁଲ୍ କରିବାର ସମ୍ଭାବନା କମିଯାଏ। ଉଦାହରଣ ସ୍ୱରୂପ, ଭାରତର ସଂସଦୀୟ ଇତିହାସରେ ବିରୋଧୀ ଦଳମାନେ ଅନେକ ସମୟରେ ସରକାରୀ ବିଲ୍‌ଗୁଡ଼ିକରେ ତ୍ରୁଟି ଚିହ୍ନଟ କରି ସଂଶୋଧନ ପ୍ରସ୍ତାବ ଦେଇଛନ୍ତି। ଏହି ପ୍ରକ୍ରିୟା ସଂସଦର ବିତର୍କକୁ ସମୃଦ୍ଧ କରିଥାଏ ଏବଂ ଆଇନଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରିଥାଏ। ଯଦି ବିରୋଧୀ ଦଳ ନିଷ୍କ୍ରିୟ ରହିଥାଏ, ତେବେ ସରକାର ଏକଛତ୍ରବାଦୀ ହୋଇପଡ଼ିବ ଏବଂ ସଂସଦର କାର୍ଯ୍ୟସଂଚାଳନ ଅସନ୍ତୁଳିତ ହୋଇଯିବ।

ସଂସଦର ସୁଗମ ଚାଳନା ପାଇଁ ବିରୋଧୀ ଦଳର ସହଯୋଗ ଅପରିହାର୍ଯ୍ୟ। ବିରୋଧୀ ଦଳମାନେ କେବଳ ବିରୋଧ କରିବା ନୁହେଁ, ବରଂ ନିର୍ମାଣାତ୍ମକ ପ୍ରସ୍ତାବ ଦେବା ଆବଶ୍ୟକ। ଉଦାହରଣ ସ୍ୱରୂପ, କୋଭିଡ୍-୧୯ ମହାମାରୀ ସମୟରେ ଭାରତୀୟ ବିରୋଧୀ ଦଳମାନେ ସରକାରର ନୀତିଗୁଡ଼ିକୁ ପ୍ରଶ୍ନ କରିବା ସହ ବିକଳ୍ପ ପ୍ରସ୍ତାବ ଦେଇଥିଲେ, ଯାହା ସଂସଦର ବିତର୍କକୁ ଅଧିକ ଫଳପ୍ରଦ କରିଥିଲା। ଏହିପରି ସହଯୋଗ ଦ୍ୱାରା ସଂସଦର ଅଧିବେଶନଗୁଡ଼ିକ ଅଧିକ ଉତ୍ପାଦକ ହୋଇଥାଏ ଏବଂ ଜାତୀୟ ସମସ୍ୟାଗୁଡ଼ିକର ସମାଧାନ ଶୀଘ୍ର ହୋଇଥାଏ।

ତଥାପି, ବର୍ତ୍ତମାନର ରାଜନୈତିକ ପରିବେଶରେ ବିରୋଧୀ ଦଳମାନେ ପ୍ରାୟତଃ ହଙ୍ଗାମା ଏବଂ ବାଧାର ଆଶ୍ରୟ ନେଇଥାନ୍ତି, ଯାହା ସଂସଦର କାର୍ଯ୍ୟକୁ ବାଧାପ୍ରାପ୍ତ କରିଥାଏ। ଏହା ଏକ ଚିନ୍ତାର ବିଷୟ। ବିରୋଧୀ ଦଳର ଭୂମିକା ହେବା ଉଚିତ୍ ସଂସଦକୁ ଅଚଳ କରିବା ନୁହେଁ, ବରଂ ଏହାକୁ ଅଧିକ ଜବାବଦେହୀ କରିବା। ଓଡ଼ିଶାର ପ୍ରସଙ୍ଗରେ ଦେଖିବାକୁ ଗଲେ, ରାଜ୍ୟ ବିଧାନସଭାରେ ବିରୋଧୀ ଦଳମାନେ ଅନେକ ସମୟରେ କୃଷି, ଶିକ୍ଷା ଏବଂ ବିକାଶ ସମ୍ବନ୍ଧୀୟ ପ୍ରସଙ୍ଗରେ ନିର୍ମାଣାତ୍ମକ ବିତର୍କ କରି ସଦନର କାର୍ଯ୍ୟକୁ ସୁଗମ କରିଛନ୍ତି। ଏହା ପ୍ରମାଣ କରେ ଯେ ବିରୋଧୀ ଦଳର ସକ୍ରିୟ ଭୂମିକା ସଂସଦର ଉତ୍ପାଦକତା ବଢ଼ାଇଥାଏ।

ବିରୋଧୀ ଦଳ ଜନସାଧାରଣର ସ୍ୱରକୁ ପ୍ରତିନିଧିତ୍ୱ କରିଥାଏ। ସରକାରର ନୀତିଗୁଡ଼ିକରେ ଯଦି କୌଣସି ଅସଙ୍ଗତି ଥାଏ, ତେବେ ବିରୋଧୀ ଦଳ ତାହାକୁ ଉଜାଗର କରି ସଂସଦରେ ବିତର୍କ ସୃଷ୍ଟି କରିଥାଏ। ଏହା ଦ୍ୱାରା ସରକାର ନୀତିଗୁଡ଼ିକୁ ପୁନର୍ବିଚାର କରିବାକୁ ବାଧ ହୋଇଥାଏ ଏବଂ ସଂସଦର କାର୍ଯ୍ୟ ଅଧିକ ପାରଦର୍ଶୀ ହୋଇଥାଏ। ଉଦାହରଣ ସ୍ୱରୂପ, ଜିଏସ୍‌ଟି ଏବଂ କୃଷି ଆଇନ ପରି ପ୍ରସଙ୍ଗରେ ବିରୋଧୀ ଦଳର ପ୍ରଶ୍ନ ସରକାରକୁ ସଂଶୋଧନ କରିବାକୁ ପ୍ରେରଣା ଦେଇଛି।

ଶେଷରେ, ବିରୋଧୀ ଦଳର ଭୂମିକା ସଂସଦର ସୁଗମ କାର୍ଯ୍ୟସଂଚାଳନରେ ଅନିବାର୍ଯ୍ୟ। ଏହା ଲୋକତନ୍ତ୍ରକୁ ସବଳ କରିଥାଏ ଏବଂ ସରକାରକୁ ଜବାବଦେହୀ ରଖିଥାଏ। ଯଦି ବିରୋଧୀ ଦଳମାନେ ନିଜର ଦାୟିତ୍ୱ ସଠିକ୍ ଭାବରେ ପାଳନ କରନ୍ତି, ତେବେ ସଂସଦ ଏକ ସକ୍ରିୟ ଏବଂ ଉତ୍ପାଦକ ମଞ୍ଚ ହୋଇ ରହିବ। ଓଡ଼ିଶା ପରି ରାଜ୍ୟଗୁଡ଼ିକରେ ଏହି ଭୂମିକାକୁ ଅଧିକ ମଜବୁତ୍ କରିବା ଆବଶ୍ୟକ, ଯାହା ଜାତୀୟ ସ୍ତରରେ ଲୋକତନ୍ତ୍ରର ସଫଳତାର ଚାବିକାଠି ହୋଇପାରିବ।

# ' ସ୍ୱର୍ଣ୍ଣିମ ଇତିହାସରେ ଆମ ସ୍ୱାଧୀନତା ଦିବସ'



### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ପବିତ୍ର ଭାରତ ବର୍ଷ ପରାଧୀନତାର ଶୃଙ୍ଖଳାରୁ ମୁକ୍ତ ହେଲା। ତାପରେ ଆମେ ନିଜକୁ ସ୍ୱାଧୀନ ଭାରତର ଭାରତୀୟ ବୋଲି କହି ଗର୍ବ ଅନୁଭବ କରୁଛେ। ସ୍ୱାଧୀନତା ଦିବସ ହେଉଛି ଭାରତର ଏକ ଜାତୀୟ ଦିବସ। ୧୯୪୭ ମସିହାରେ ଭାରତ ଫିରିଙ୍ଗି ଶାସନରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଗଣରାଜ୍ୟରେ ପରିଣତ ହୋଇଥିଲା। ତେଣୁ ଏହି ଦିନକୁ ମନେପକାଇବା ପାଇଁ ପ୍ରତିବର୍ଷ ପନ୍ଦର ଅଗଷ୍ଟକୁ ଭାରତର ସ୍ୱାଧିନତା ଦିବସ ଭାବରେ ପାଳନ କରାଯାଇଥାଏ। ଇତିହାସର ସ୍ୱର୍ଣ୍ଣିମ ଅକ୍ଷରରେ ଲେଖାଯାଇଥିବା ଏହି ପବିତ୍ର ଅଗଷ୍ଟ ପନ୍ଦର ତାରିଖଟି ଆମ ପାଇଁ ଗର୍ବ ଓ ଗୌରବର ଦିନ। ଇଂରାଜୀ ଶବ୍ଦ ' ଅଗଷ୍ଟ ' ର ଅର୍ଥ ହେଲା ଗାରିମାମୟ। ଏହା ଭାରତର ଏକ ପ୍ରଧାନ ଜାତୀୟ ଦିବସ। ଦେଶ ସାରା, ଏହି ଦିନ ପତାକା ଉତ୍ତୋଳନ କରଯାଇଥାଏ ଓ ଉତ୍ସବମାନ ଅୟୋଜନ କରାଯାଇଥାଏ। ଭାରତ ଏକ ସାର୍ବଭୌମ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କୁହାଯାଏ ଓ ଦେଶର ନାଗରିକ ମାନଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଦେଇ ଥାଏ। ରାଜଧାନୀ ଦିଲ୍ଲୀରେ ଏହି ଦିନ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ନିମନ୍ତେ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ଦେଇଥାନ୍ତି। ଏହି ଅଭିଭାଷଣରେ ସେ ଦେଶର ପ୍ରଗତି, ଅସୁବିଧା ଓ ତାହାର ସମାଧାନ ଓ ଆଗକୁ ହେବାକୁ ଥିବା ଉନ୍ନତି ଆଦି ବିଷୟରେ ବଖାଣିଥାନ୍ତି। ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀମାନଙ୍କ ଉପରେ ମଧ ସେ ଅଭିଭାଷଣ ରଖିଥାନ୍ତି। ବାସ୍ତବରେ ଭାରତୀୟ ମାନେ ଏହି ଦିବସରେ ନୀଳ ଆକାଶରେ ଫର ଫର ହୋଇ ଉଡୁଥିବା ଜାତୀୟ ପତାକା ତ୍ରିରଙ୍ଗା ତଳେ ଠିଆ ହୋଇ ' ଜନ ଗଣ ମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା ' ଜାତୀୟ ସଙ୍ଗୀତ ଗାଇଲା ବେଳେ ଜାତି ଧର୍ମ ବର୍ଣ୍ଣ ସଂକୀର୍ଣ୍ଣତା ମନୋଭାବରୁ ଦୁରେଇ ଯାଇ ପ୍ରଚଣ୍ଡ ଭାଇଚାରା ବନ୍ଧନରେ ବାନ୍ଧି ହୋଇ ଯାଆନ୍ତି ଆଉ ହୃଦୟରେ ଭରିଯାଏ ଦେଶପ୍ରେମ ଓ ଅନ୍ତରରୁ ବାହାରି ଆସେ ' ମେରା ଭାରତ ମହାନ '। ୧୯୪୬ରେ, ବ୍ରିଟେନର ଶ୍ରମିକ ସରକାର ୨ୟ ବିଶ୍ୱଯୁଦ୍ଧରେ ବ୍ୟସ୍ତ ହୋଇ ପଡ଼ିଥିଲେ ତଥା ନିଜ ଦେଶ ଓ ବିଦେଶୀ ସହଯୋଗ ତଥା ଭାରତୀୟ ସେନାର ସହଯୋଗରେ ମାତିଉଠିଥିବା ଭାରତୀୟ ମାନଙ୍କୁ ଦମନ କରିବାର ଆଶା ହରାଇଥିଲେ। ଏଣୁ ସେମାନେ ଭାରତରେ ଫିରିଙ୍ଗି ଶାସନର ଅନ୍ତ କରିବାକୁ ସିଦ୍ଧାନ୍ତ ନେଲେ ଓ ୧୯୪୭ର ଆରମ୍ଭରେ ୧୯୪୮ ଜୁନ ଆଗରୁ ବ୍ରିଟେନ ଭାରତରୁ ଶାସନ ଫେରାଇ ଆଣିବାର ସିଦ୍ଧାନ୍ତ ପୋଷଣ କଲା। ସପ୍ତଦଶ ଶତାବ୍ଦୀ ସୁଦ୍ଧା ବ୍ରିଟିଶ ମାନେ ଭାରତର ବିଭିନ୍ନ ସ୍ଥାନରେ ବାଣିଜ୍ୟ କେନ୍ଦ୍ରମାନ ପ୍ରତିଷ୍ଠା କରିସାରିଥିଲେ। ଇଂରେଜ ସରକାର ଅଷ୍ଟାଦଶ ଶତାବ୍ଦୀରେ ନିଜ ବିପୁଳ ସୈନ୍ୟବଳଙ୍କ ଦ୍ୱାରା ଅନ୍ୟ ସ୍ୱାଧୀନ ଦେଶ ମାନଙ୍କୁ ଅଧିକୃତ କରିବାକୁ ଚେଷ୍ଟା କଲେ। ୧୮୫୭ ମସିହାରେ ଘଟିଥିବା ପ୍ରଥମ ସ୍ୱାଧୀନତା ସଂଗ୍ରାମ ପରେ ଭାରତୀୟ ସରକାର ଅଧିନିୟମ ୧୮୫୮ ଅନୁସାରେ ବ୍ରିଟିଶ ସରକାର ଭାରତରେ ସାର୍ବଭୌମ ଶାସନ କ୍ଷମତା ଲାଭ କଲେ। ଏହି ସମୟରେ ଭାରତୀୟ ଜାତୀୟ କଂଗ୍ରେସ ପରି ଜାତୀୟତାବାଦୀ ସଂସ୍ଥା ଗଠିତ ହୋଇଥିଲା। ଦେଶ ଇତିମଧ୍ୟରେ ମୋନଟାଗୁ-ଚେମସଫୋର୍ଡ଼ ସୁଧାରସବୁ ଦେଖିବା ସହ ରାଓ୍ୱଲଟ ଆଇନର ବର୍ବରତା ମଧ ଅନୁଭବ କରିଥିଲା। ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରସ୍ତାବିତ ସତ୍ୟାଗ୍ରହ ଏବଂ ଅସହଯୋଗ ଆନ୍ଦୋଳନ ହେତୁ ଏହି ଅବସ୍ଥାର ଗୁରୁତରତା ନିୟନ୍ତ୍ରିତ ହୋଇଥିଲା। ଭାରତୀୟ ଜାତୀୟ କଂଗ୍ରେସର ୧୯୨୯ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନର ଘୋଷଣା ହେବା ସହିତ ଅଗଷ୍ଟ ୧୫କୁ ସ୍ୱାଧୀନତା ଦିବସ ଭାବେ ଘୋଷଣା କରାଗଲା ଦେଶବାସୀଙ୍କୁ ବ୍ରିଟିଶ ଶାସନରେ ଅସହଯୋଗ ପ୍ରଦର୍ଶନ କରିବା ପାଇଁ ନିବେଦନ କରିବା ସହ ପୂର୍ଣ୍ଣ ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ କଂଗ୍ରେସର ପ୍ରତ୍ୟେକ ନିର୍ଦ୍ଦେଶକୁ ମାନିବାକୁ ମଧ କୁହାଯାଇଥିଲା। ୧୯୩୦ରୁ ୧୯୪୬ ମସିହା ପର୍ଯ୍ୟନ୍ତ କଂଗ୍ରେସ ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିଥିଲା। ସାଧାରଣସଭା ଆୟୋଜନ ଦ୍ୱାରା ସେତେବେଳେ ସ୍ୱାଧୀନତା ଦିବସ ପାଳିତ ହେଉଥିଲା, ଯେଉଁଥିରେ ଯୋଗ ଦେଇଥିବା ବ୍ୟକ୍ତିମାନେ ସ୍ୱାଧୀନତାର ପ୍ରତିଜ୍ଞା ନେଉଥିଲେ। ଭାରତୀୟ ସ୍ୱାଧୀନତା କ୍ରାନ୍ତି ସମୟରେ ଭାରତୀୟ ପତାକାର ନକ୍ସା ବହୁତ ପରିବର୍ତନ ଦେଇ ଗତି କରିଥିଲା। ୧୮୫୭ ମସିହା ବିଦ୍ରୋହ ସମୟରେ ଭ୍ରାତାରେ ପ୍ରଥମକରି ଏକ ଇଂରେଜ ଶାସକଙ୍କଦ୍ୱାରା ଏକକୀୟ ପତାକା ନିର୍ମାଣର ପ୍ରସ୍ତାବ ଆସିଥିଲା। ଏହା ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ପିଙ୍ଗଳି ଭେଙ୍କୟାଙ୍କଦ୍ୱାରା ପ୍ରସ୍ତୁତ ହୋଇଥିଲା। ଅତୀତରେ ବହୁ ପରିବର୍ତ୍ତନ ଘଟିବା ପରେ ଶେଷରେ ସ୍ୱାଧୀନ ଭାରତର ଜାତୀୟ ପତାକା ଭାବେ ତ୍ରିରଙ୍ଗାକୁ ଗ୍ରହଣ କରାଯାଇଛି। ଭାରତର ପ୍ରଥମ ଜାତୀୟ ପତାକା ୭ ଅଗଷ୍ଟ ୧୯୦୬ରେ କଲକାତାସ୍ଥିତ ପାର୍ସି ବାଗାନ ଛକ ତଥା ଗ୍ରୀନ ପାର୍କରେ, ଦ୍ୱିତୀୟ ଜାତୀୟ ପତାକା ଜର୍ମାନୀର ଷ୍ଟୁଟଗାର୍ଟ ସହରରେ ୨୨ ଅଗଷ୍ଟ ୧୯୦୭ରେ ଉତ୍ତୋଳନ କରାଯାଇଥିଲା। ଏହାକୁ ସେତେବେଳେ ସପ୍ତର୍ଷି ପତାକା କୁହାଯାଉଥିଲା। ୧୯୨୧ ମସିହାରେ ଆନ୍ଧ୍ର ପ୍ରଦେଶର ବିଜୟୱାଡାରେ ଜାତୀୟ କଂଗ୍ରେସ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ପିଙ୍ଗଳି ଭେଙ୍କୟା ନାମକ ଆନ୍ଧ୍ର ପ୍ରଦେଶର ଜଣେ ଯୁବକ ଭାରତୀୟ ଜାତୀୟ ପତାକାର ଏକ ଡିଜାଇନ ପ୍ରସ୍ତୁତ କରି ମହାତ୍ମା ଗାନ୍ଧୀଙ୍କୁ ପ୍ରଦାନ କରିଥିଲେ। ଏହି ପତାକାରେ ଲାଲ ଓ ସବୁଜ ଏହିପରି ଦୁଇଟି ରଙ୍ଗ ଥିଲା। ଏହି ଦୁଇ ରଙ୍ଗ ହିନ୍ଦୁ ଓ ମୁସଲମାନ୍ ଦୁଇ ପ୍ରମୁଖ ଧର୍ମର ପ୍ରତୀକ ଥିଲା। ତେବେ ଏହି ଦୁଇ ସମ୍ପ୍ରଦାୟକୁ ଛାଡି ଅନ୍ୟ ଧର୍ମାବଲମ୍ବିଙ୍କ ପାଇଁ ମଝିରେ ଧଳା ରଙ୍ଗ ଦେବାକୁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ। ୧୯୩୧ରେ କେଶରୀ, ଧଳା ଓ ସବୁଜ ରଙ୍ଗରେ ଜାତୀୟ ପତାକା ତିଆରି କରାଯାଇଥିଲା। ପତାକାର ମଝିରେ ଅରଟ ଚିହ୍ନ ଥିଲା। ତେବେ ଏହି ପତାକାର ପରିବର୍ତ୍ତନ କରାଯାଇଥିଲା। ଶେଷରେ ପତାକାର ଶୀର୍ଷ ଭାଗରେ କେଶରୀ, ମଝିରେ ଧଳା ଓ ନିମ୍ନ ଭାଗ ଘନ ସବୁଜ ରଙ୍ଗ ଓ ସମସ୍ତ ରଙ୍ଗ ସମାନ ପ୍ରକାକାର ଆୟତନରେ ସଜ୍ଜିତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ପତାକାର ମଝିରେ ୨୪ଟି ଅର ବିଶିଷ୍ଟ ନୀଳ ରଙ୍ଗର ଚକ୍ର ରହିବା ଆବଶ୍ୟକ। ଏହି ଆକୃତିର ପତାକାକୁ ୨୨ ଜୁଲାଇ ୧୯୪୭ରେ ସାମ୍ବିଧାନିକ କମିଟି ଗ୍ରହଣ କରି ନେଇଥିଲା। ସେହିଦିନ ଠାରୁ ଭାରତର ଜାତୀୟ ପତାକାକୁ ତ୍ରିରଙ୍ଗା କୁହାଯାଉଛି।





**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ - ୯୯୩୮୯୦୬୦୭୦**


# ରାସ୍ତା ଉପରେ ପଶୁ

### ନିର୍ବିକାର ପ୍ରଭାତ

ଆଗେ ଯାଉଥିଲେ ବାଡିରେ ଏବେ ଯାଉଛନ୍ତି ଗାଡିରେ। ଏହାର ଅର୍ଥ ଆଗେ ବାଡି ବା ହଇଜା ରୋଗରେ ଲୋକମାନେ ମୃତ୍ୟୁବରଣ କରୁଥିଲେ ଏବେ ଗାଡି ଧକ୍କାରେ ଲୋକ ମୃତ୍ୟୁବରଣ କରୁଛନ୍ତି। ବିଭିନ୍ନ ପ୍ରକାରର ଔଷଧ ଓ ଟୀକାରେ ରୋକା ଯାଇପାରୁଛି ବାଡି ବା ହଇଜା ନାମକ ମହାମାରୀ। ଅଥଚ ଆଜିକାଲି ଗାଡି ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି ମାତ୍ରାଧିକ ପଥଚାରୀ। କିଏ ନିଜ ଅସାବଧାନତାରେ ଗଛରେ ପିଟିହୋଇ ମରଣ ମୁହଁକୁ ଯାଉଛି ତ କିଏ ଦିନ ହେଉ କି ରାତି, ନିଶାଗ୍ରସ୍ତ ହୋଇ ଧକ୍କା ଖାଇ ମରୁଛି। ଯୁବକଙ୍କ ବେପରୁଆ ଗାଡି ଚାଳନାରେ ଦୁର୍ଘଟଣା ଘଟୁଥିବା ବେଳେ କେଉଁଠି କେଉଁଠି ଡ୍ରାଇଭିଙ୍ଗ ସହିତ ମୋବାଇଲ ଗପ ରାସ୍ତାଘାଟରେ ଅନେକଙ୍କ ଜୀବନ ନେଉଛି। ଏବେ ବିଳାସୀ ଜାନଗୁଡିକର ଲୋମହର୍ଷଣକାରୀ ଦୁର୍ଘଟଣାର ଚିତ୍ର ସବୁ ଗଣମାଧମରେ ମୁଖ୍ୟ ଖବର ପାଲଟି ଯାଇଛି। ଭେଣ୍ଡିଆଙ୍କ ଲୀଳା ପଥଚାରୀଙ୍କ ପାଇଁ କିଳା ସୃଷ୍ଟି କରୁଛି। ମଦ୍ୟପାନ, ଦୃତଗତି, ବିକଟାଳ ହର୍ଣ୍ଣ ସାଉଣ୍ଡ, ଟ୍ରାଫିକ ନିୟମକୁ ବେଖାତିର, ଆବଶ୍ୟକଠାରୁ ଅଧିକ ଓଜନର ଭାର ବହନ, ରାସ୍ତା ମଝିରେ ଗାଡି ରଖି କଥାବାର୍ତ୍ତା ହେବା, ମୋବାଇଲରେ ଗପି ଗପି ରାସ୍ତା ଅତିକ୍ରମ କରିବା ହିଁ ରାସ୍ତା ଦୁର୍ଘଟଣାର କାରଣ ବନି ଯାଇଛି। ରାସ୍ତାର ଖାଲଢିପ, ଅସ୍ପଷ୍ଟ ହମ୍ପ, ସଡ଼କ ବିଭାଗର ଅବହେଳା ମଧ ଦୁର୍ଘଟଣାର ସୂତ୍ରପାତ କରାଉଛି। ରାସ୍ତା ଉପରେ ବିରି, ମୁଗ ବୋଡି, ଛଣବିଡା ଶୁଖାଇ ଲୋକମାନେ ଦୁର୍ଘଟଣାକୁ ଆହ୍ୱାନ କରୁଛନ୍ତି। କେତେକ ସ୍ଥାନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପାଇଁ ଆଦାୟ ହେଉଛି ଚାନ୍ଦା। ରାସ୍ତା ଉପରେ ଦଉଡା ବାନ୍ଧି ବାଟୋଇମାନଙ୍କୁ ପ୍ରଭାବିତ କରି ବଟି ଅସୁଲ କରିବା ଏକ ଅସାମାଜିକ କାମ ହେଲେ ବି ଅନେକ ବ୍ୟକ୍ତି ଏହାକୁ ପରୋକ୍ଷ ଭାବେ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ଯାହା ବେଳେବେଳେ ଦୁର୍ଘଟଣାର କାରଣ ହେଉଛି। ଏହାଛଡା ବୁଲା ଗାଈଗୋରୁ ଓ କୁକୁରମାନଙ୍କ ପାଇଁ ଅଚିରେ ଗାଡି ଚାଳକଙ୍କ ଜୀବନ ଯାଉଛି। ରାସ୍ତା ଧାରରେ ଗାଈବନ୍ଧା ହେବାରୁ ଗୋରୁଙ୍କ ଲମ୍ବା ପଘା ପଥଚାରୀଙ୍କ ପାଇଁ ବିପଦ ସାଜିଥିବା ବେଳେ ପିଲାଙ୍କ ବେପିଙ୍କର ସାଇକେଲ ଚାଳନା ସୃଷ୍ଟି କରୁଛି ମର୍ମନ୍ତୁଦ ଦୁର୍ଘଟଣା। ଗ୍ରାମବାସୀଙ୍କୁ କି କିଶୋର କିଶୋରୀଙ୍କୁ କେହି ଯୋର କରି ବାରଣ କରି ପାରନ୍ତି ନାହିଁ। ଲୋକମାନଙ୍କୁ ସଚେତନ କରିବାର ଆବଶ୍ୟକତା ଥିଲେ ବି ସେମାନେ ଏହାକୁ ଗ୍ରହଣ କରିବେ ନାହିଁ। ବେଳେବେଳେ ଅନେକ କୁଅଭ୍ୟାସରୁ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାର ବାମପଟେ ଦକ୍ଷିଣ ଦିଗକୁ ମୋଡି ହୋଇ ଯିବା ପରିବର୍ତ୍ତେ ଦକ୍ଷିଣ ପଟକୁ ମାଡି ଗାଡି ବୁଲାଇ ଗଲାବେଳେ ଦୁର୍ଘଟଣାର ଆଶଙ୍କା ସୃଷ୍ଟି ହୁଏ। ରାତି ହେଉ ବା ଦିନ ଲେଫ୍ଟ ରାଇଟ୍ ଇଣ୍ଡିକେଟର ସହିତ ବଜ୍ଜର ବ୍ୟବହାର କରିବାକୁ ଥିବାବେଳେ କିଛି ଯୁବଗୋଷ୍ଠୀ ଏ ନିୟମକୁ ମାନନ୍ତି ନାହିଁ ଯାହାର ଫଳ ସ୍ୱରୂପ ଦୁର୍ଘଟଣା ହୁଏ। କୋଟି କୋଟି ବୃକ୍ଷ ଛେଦନ କରି ରାସ୍ତା ନିର୍ମାଣ କରାଯାଉଛି ଜନସାଧାରଣ ସୁବିଧା ପାଇଁ କିନ୍ତୁ ରାସ୍ତା ଖୋଳାଯାଇ ଟେଷ୍ଟ ହାଉସ୍ ନିର୍ମାଣ କରାଯାଏ। ଉତ୍ସବ ଶେଷରେ ଟେଷ୍ଟ ହାଉସ କର୍ମଚାରୀ ଖାଲ ଆଉ ବଙ୍କା ଲୁହାକଣ୍ଟା ଛାଡି ଚାଲିଯାନ୍ତି। ଏଥିରେ ଗାଡିର ଟାୟାର ପଙ୍କଚର ହୋଇ ଦୁର୍ଘଟଣାର ସୂତ୍ରପାତ ଘଟାଏ। ସେମାନଙ୍କୁ ସଚେତନ କରିବ କିଏ ? ସହରାଞ୍ଚଳରେ କାଞ୍ଜିଆହୁଦା କରାଯାଇ ପଶୁମାନଙ୍କୁ ବାନ୍ଧି ରଖି ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଏ। କେବଳ ଗାଈ ବାଛୁରି, ଛେଳି, ମେଣ୍ଢା ଆଦିଙ୍କ ପାଇଁ ଏହା ପ୍ରଜୁଯ୍ୟା ବୁଲା ଷଣ୍ଢ, ବୁଲା କୁକୁର, ଘୁଷୁରିଙ୍କ ପାଇଁ କିଛି ନିୟମ ନାହିଁ ସେହି ଜୀବଜନ୍ତୁ ଗୁଡିକ ଦୁର୍ଘଟଣା ଘଟାଇ ଥାନ୍ତି। ରାଜପଥରେ ଷଣ୍ଢ ଲଢେଇ ଯୋଗୁଁ ଅନେକ ପଥଚାରୀଙ୍କ କ୍ଷୟ କ୍ଷତି ହେଉଛି। ବର୍ତ୍ତମାନ କେତେକ ଜାଗାରେ ଜଙ୍ଗଲୀ ବାରାହା ଆଘାତରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଡିଜେ ଲଗାଇ ପ୍ରସେସନରେ ଗଲାବେଳେ ଯୁବକମାନେ ରାସ୍ତା ଅବରୋଧ କରି ଯେଉଁ ପ୍ରକାର ଥେଇ ଥେଇ ହୋଇ ନାଚନ୍ତି ସେଥିରେ ଦୁର୍ଘଟଣା ଯେ ନିଶ୍ଚିତ ତାହା ଊଣାଅଧିକ ସମସ୍ତେ ଜାଣନ୍ତି। ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଅନୁସାରେ ଡିଜେ ନିଷେଧ ହୋଇଥିବା ସତ୍ତ୍ୱେ ବର୍ତ୍ତମାନର ଉଦଭ୍ରାନ୍ତ ଯୁବକ ନିଷେଧାଦେଶ ମାନିବାକୁ ନାରାଜ। ବର୍ଷା ଦିନରେ ରାସ୍ତାଘାଟ କର୍ଦ୍ଦମାକ୍ତ ହୋଇ ପାଣି ଜମିଥାଏ। ତିନି ଚକିଆ କି ଚାରି ଚକିଆ ଜାନର ଚାଳକ ଗତି ହ୍ରାସ ନକରି ପାଣି ଉପରେ ଗାଡି ନେଇ ପଳାଇଯାନ୍ତି। ଫଳରେ କାଦୁଅ ପାଣି ପଥଚାରୀଙ୍କ ଉପରକୁ ଛିଟିକି ଥାଏ। ସମ୍ମୁଖ ଗାଡିର ଚକରୁ ପୋଚରା ପାଣି ଦେହକୁ ଛିଟିକି ଆସିବା ଆଶଙ୍କାରେ ବାଟୋଇ ତରବର ହୋଇ ଦିଗ ବଦଳାଇ ଦିଏ। ଯାହା ଦ୍ୱାରା ପଛରୁ ଆସୁଥିବା ଗାଡି ଦୁର୍ଘଟଣା ଘଟାଇଥାଏ। ତେଣୁ କର୍ଦ୍ଦମାକ୍ତ ରାସ୍ତାରେ ଚାଳକ ଗାଡି ଧୀର ଗତିରେ ଚାଳନା କରିବା ଉଚିତ। ମାଛ ମାଂସ ଦୋକାନଠୁ ଅଧିକ ଭିଡ ଠିପିଖୋଲା ଦୋକାନରେ। ଦିନ ରାତି କେତେକ ନିଶାଖୋର ଲୋକ ରାସ୍ତା ମଝିରେ ପଡ଼ିଯାଇ ଦୁର୍ଘଟଣାର କାରଣ ବନିଥାନ୍ତି। ବଜାର ଅଞ୍ଚଳରେ ଗ୍ରାହକମାନେ ରାସ୍ତା ଅବରୋଧ କରି ନିଜ ନିଜର ଗାଡି ପାର୍କ କରାଇ ମୁଖ୍ୟ ରାସ୍ତାରେ ଆକ୍ସିଡେଣ୍ଟ ହେବାର କାରଣ ସୃଷ୍ଟି କରିଥାନ୍ତି। ମାଂସ ଦୋକାନରେ ଖୋଲାଖୋଲି ଚର୍ମ ଛଡା ଜୀବ ଟଙ୍ଗାଯାଇ ମଟନ (ସେଭନ) ବିକ୍ରି କରାଯାଉଛି। ମାଂସ କିଣିବାକୁ ପ୍ରବଳ ଭିଡ। ଗାଡି ସହିତ ଗ୍ରାହକଙ୍କ ଅସମ୍ଭବ ଭିଡ ଦୁର୍ଘଟଣା ଘଟାଇଥାଏ। ମଣିଷ ରୂପୀ ପଶୁମାନଙ୍କ ଯୋଗୁଁ ଅଧିକାଂଶ ଦୁର୍ଘଟଣାର ସୂତ୍ରପାତ ହୁଏ। ମାତ୍ରାଧିକ ଜାନର ବ୍ୟବହାର ଓ ତତଜନିତ ଅସମ୍ଭବ ଭିଡରୁ ଘଟୁଥିବା ଦୁର୍ଘଟଣାକୁ ହ୍ରାସ କରିବାକୁ ହେଲେ ଆମେ ସମସ୍ତେ ସଚେତନ ହେବା ନିହାତି ଆବଶ୍ୟକ। ଜାମର ପରି ଆଗକୁ ୱାଇନ ଷ୍ଟପର ଡିଭାଇସ ସବୁ ଗାଡିରେ ଲାଗିଲେ ମୁଖ ଦୁର୍ଗନ୍ଧରୁ ଅଟୋମେଟିକ ଗାଡ଼ିର ଷ୍ଟାର୍ଟ ବନ୍ଦ ହୋଇଯିବ। ସେ ଯନ୍ତ୍ର ଉଦ୍ଭାବନ ହେଲେ କିଛି ମାତ୍ରାରେ ଦୁର୍ଘଟଣା ନିୟନ୍ତ୍ରଣ ହୋଇପାରିବ।


ହାପିକଲୋନୀ, ଗୋପ, ପୁରୀ
୭୯୭୮୬୩୫୨୭୬


# 'ଶ୍ରେୟ ମାର୍ଗ ଓ ପ୍ରେୟ ମର୍ଗ'



### ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ମର୍ତ୍ତ୍ୟ ଲୋକରେ ମନୁଷ୍ୟଙ୍କ ପାଇଁ ଦ୍ୱିବିଧ ମାର୍ଗ ରହିଛି। ଗୋଟିଏ ହେଉଛି ଶ୍ରେୟ ମାର୍ଗ ଏବଂ ଅପରଟି ହେଲା ପ୍ରେୟ ମାର୍ଗ। ଜୀବନ ଯାତ୍ରା ନିମନ୍ତେ ଉଭୟ ମାର୍ଗ ମଧ୍ୟରୁ କୌଣସି ଏକ ମାର୍ଗକୁ ବାଛି ନେଇଥାଏ ମନୁଷ୍ୟ। ଆମ ଭାରତୀୟ ଆଧାତ୍ମିକ ଶାସ୍ତ୍ରରେ ଶ୍ରେୟ ମାର୍ଗକୁ ଶ୍ରେଷ୍ଠ ବା କଲ୍ୟାଣପ୍ରଦ ଓ ପ୍ରେୟ ମାର୍ଗକୁ ପ୍ରିୟ ବା ସୁଖପ୍ରଦ ବୋଲି କୁହାଯାଇଛି। ଯେଉଁମାନେ ଜଗତ ଓ ଜାଗତିକ ପଦାର୍ଥକୁ ଅନିତ୍ୟ ମାନନ୍ତି ସେହିମାନେ ଶ୍ରେୟ ମାର୍ଗକୁ ଅନୁସରଣ କରିଥାନ୍ତି। କିନ୍ତୁ ଯେଉଁମାନଙ୍କ ଦୃଷ୍ଟିରେ ସାଂସାରିକ ଦ୍ରବ୍ୟ ନିତ୍ୟ ଓ ସୁଖପ୍ରଦ ସେ'ମାନେ ପ୍ରେୟ ମାର୍ଗକୁ ଶ୍ରେୟସ୍କର ମଣି ଏହି ପଥର ପଥିକ ହୋଇଥାନ୍ତି।

ଉପରୋକ୍ତ ଦୁଇ ମାର୍ଗକୁ ସ୍ପଷ୍ଟ କରିବାକୁ ଯାଇ କଠୋପ ଉପନିଷଦରେ କୁହାଯାଇଛି ଯେ -
ଶ୍ରେୟଶ୍ଚ ପ୍ରେୟଶ୍ଚ ମନୁଷ୍ୟମେତଃ ତୌ ସଂପରୀତ୍ୟ ବିବିନକ୍ତି ଧୀରଃ।
ଶ୍ରେୟୋ ହି ଧୀରଽଭିପ୍ରେୟସୋ ବୃଣୀତେ ପ୍ରେୟୋ ମନ୍ଦୋ ଯୋଗ କ୍ଷେମାଦବୃଣୀତେ।।
ଏହାର ଅର୍ଥ ମନୁଷ୍ୟ ସମ୍ମୁଖରେ ଦୁଇଗୋଟି ମାର୍ଗ ରହିଛି। ଯଥା - ଶ୍ରେୟ ଓ ପ୍ରେୟ। ବିବେକ ସମ୍ପନ୍ନ ବ୍ୟକ୍ତି ବିଚାର ପୂର୍ବକ ଶ୍ରେୟ ମାର୍ଗକୁ ଗ୍ରହଣ କରିଥାଏ କିନ୍ତୁ ଅବିବେକୀ ବା ମୂଢବ୍ୟକ୍ତି ଅନୃତ ଜଗତକୁ ସତ୍ୟ ଭାବି ପ୍ରେୟ ପଥକୁ ଅନୁସରଣ କରେ। ଯାହା ଫଳରେ ସେ ତତ୍କାଳିକ ସୁଖ ପ୍ରାପ୍ତି କରିଥାଏ।

ଚାର୍ବକ ଦର୍ଶନରେ କୁହାଯାଇଛି ଯେ ପ୍ରେୟ ମାର୍ଗ ହିଁ ସର୍ବ ଶ୍ରେଷ୍ଠ ମାର୍ଗ। ଜାଗତିକ ସୁଖ ହିଁ ପ୍ରକୃତ ସୁଖ। ତତ୍ ବ୍ୟତିରିକ୍ତ ଅନ୍ୟ କୌଣସି ସୁଖ ଏ ସଂସାରରେ ନାହିଁ। ନିଜ ମତକୁ ଦୃଢ଼ କରିବାକୁ ଯାଇ କହିଛନ୍ତି ଯେ -
'ଯାବତ୍ ଜିବେତ୍ ସୁଖଂ ଜିବେଦ୍, ଋଣଂ କୃତ୍ୱା ଘୃତଂ ପିବେତ୍; ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ।
ଏହାର ତାତ୍ପର୍ଯ୍ୟ ହେଲା ମନୁଷ୍ୟ ଶରୀରର ନଶ୍ୱର ଅଟେ। ଏଣୁ ଏ ସଂସାରରେ ଯେତେ ଦିନ ପର୍ଯ୍ୟନ୍ତ ବଞ୍ଚିଥିବ ସେତେ ଦିନ ପର୍ଯ୍ୟନ୍ତ ସୁଖରେ ରୁହ ଏବଂ ଋଣ କରି ମଧ ନିଜର କାମନା ପୂର୍ତ୍ତିକର। କାରଣ ସଂସାରରେ ଥରେ ମାତ୍ର ଶରୀର ଜନ୍ମ ନେଇଥାଏ। ଯେତେବେଳେ ଦେହର ଅବସାନ ଘଟେ ଏ ଦେହକୁ ଅଗ୍ନିରେ ଦହନ କରିଦିଆଯାଏ। ଯାହା ଫଳରେ ଏ ଶରୀର ଆଉ ଫେରେ ନାହିଁ କି, ପୁନର୍ଜନ୍ମ ମଧ ହୁଏ ନାହିଁ। ଅତଃ କାମିନୀ ଓ କାଞ୍ଚନ ଉପଭୋଗ ହିଁ ପରମ ପୁରୁଷାର୍ଥ।

ଉପୋରକ୍ତ ଚାର୍ବାକ ମତକୁ କିଞ୍ଚିତ୍ ଗୋଷ୍ଠୀ ସମର୍ଥନ କରୁଥିବା ବେଳେ ଅଧିକାଂଶ ମତରେ ଶ୍ରେୟ ମାର୍ଗ ହିଁ ଶ୍ରେୟସ୍କର କହିଛନ୍ତି। ଯେପରି ନିଗମ ଶାସ୍ତ୍ରର ନିର୍ଯ୍ୟାସ ପରମ ପାବନ ଶ୍ରୀମଦ୍ଭାଗବତ ମହାପୁରାଣରେ ଅତିବଡ଼ି ଜଗନ୍ନାଥ ଦାସ ଶ୍ରେୟ ମାର୍ଗକୁ ଶ୍ରେଷ୍ଠ ବୋଲି ଅଭିହିତ କରି କହିଛନ୍ତି ଯେ - ' ଶ୍ରେୟ ସାଧନ ଯୋଗ ଏତେ ପ୍ରାଣୀଙ୍କ ଜନ୍ମ ସିଦ୍ଧି ଅର୍ଥେ '। ସେ'ପରି ଗୀତାରେ ମଧ କୁହାଯାଇଛି, ଶ୍ରେୟ ମାର୍ଗ ଏପରି ଏକ ମାର୍ଗ ଯେଉଁ ମାର୍ଗରେ ମନୁଷ୍ୟକୁ ଜ୍ଞାନ, କର୍ମ ଓ ଭକ୍ତି ମାଧମରେ ଆତ୍ମ ସାକ୍ଷାତ୍କାର ହୋଇଥାଏ ଏବଂ ତତ୍ ସହିତ ଚିରକାଳ ପର୍ଯ୍ୟନ୍ତ ଆନନ୍ଦ ଦିଗକୁ ଯାତ୍ରା କରାଏ। ପ୍ରେୟ ପଥ ତତ୍କାଳିକ ସୁଖ ଦେଇଥାଏ କିନ୍ତୁ ଭବ ବନ୍ଧନରୁ ମୁକ୍ତି ଦେଇପାରେନା। ପରନ୍ତୁ ଶ୍ରେୟ ମାର୍ଗ ତତ୍କାଳିକ ସୁଖ ପ୍ରସବ କରେନା କିନ୍ତୁ କାଳାନ୍ତରେ ଆନନ୍ଦ ପ୍ରଦାନ କରିବା ସହ ମୁକ୍ତି ଦେଇଥାଏ। ସାଧାରଣତଃ ମାୟା ଭ୍ରମରେ ଭ୍ରମିତ ହୋଇ ଅଜ୍ଞ ବା ବଦ୍ଧ ପୁରୁଷ ପ୍ରେୟ ମାର୍ଗ ପ୍ରତି ଆକୃଷ୍ଟ ହୋଇଥାଏ ଏବଂ ବୁଦ୍ଧିମାନ ବ୍ୟକ୍ତି ଅଳିକ ପ୍ରେୟ ମାର୍ଗକୁ ତ୍ୟାଗକରି ନିତ୍ୟାନନ୍ଦ ବା ଶ୍ରେୟ ମାର୍ଗକୁ ଶ୍ରେୟସ୍କରମଣି ଗମନ କରିଥାଏ।



ଶ୍ରେୟ ମାର୍ଗ ଓ ପ୍ରେୟ ମର୍ଗକୁ ଆଧାର କରି କଠପୋନିଷଦରେ ଏକ ସୁନ୍ଦର ବାର୍ତ୍ତା ଦିଆଯାଇଛି। ଦିନେ ନଚିକେତାଙ୍କ ପିତା ଉଦ୍ଧାଳକ ଋଷି ସ୍ୱର୍ଗସୁଖ ପ୍ରାପ୍ତି ପାଇଁ ବିଶ୍ୱଜିତ୍ ନାମକ ଏକ ଯଜ୍ଞର ଆୟୋଜନ କରିଥିଲେ। ସେହି ଯଜ୍ଞରେ ରୁଗ୍ଣ ଓ ଦୁର୍ବଳା ଗାଈଗୁଡ଼ିକୁ ପିତା ଦାନ କରିବାର ଦେଖି ନଚିକେତାଙ୍କ ମନରେ ଦୁଃଖ ଜାତ ହେଲା। କାରଣ, ଯେଉଁ ଦାନ ଦ୍ୱାରା ଦାତା ଓ ଗ୍ରହୀତା କାହାର ଉପକାର ହୁଏ ନାହିଁ, ସେହି ଦାନ ମୂଲ୍ୟହୀନ ଅଟେ। ଏହି କାରଣରୁ ନଚିକେତା ପିତାଙ୍କୁ କହିଥିଲେ ମୋତେ ଆପଣ କାହାକୁ ଦାନ କରିବେ ବୋଲି ! ଏପରି ବାରମ୍ବାର ପ୍ରଶ୍ନ କରିବା ଫଳରେ ; ପିତା ବିରକ୍ତି ପ୍ରକାଶ କରି କହିଥିଲେ ଯେ ମୁଁ ତୁମକୁ ମୃତ୍ୟୁର ଦେବତା ଯମଙ୍କୁ ଦାନ କରୁଛି। ଏହା ଶୁଣି ନଚିକେତା ଯମାଳୟକୁ ପ୍ରସ୍ଥାନ କଲେ। ସେଠାରେ ସେ ଭୋକ ଉପାସରେ ତିନିଦିନ ଅପେକ୍ଷା କରିଥିଲେ ; ଯମରାଜାଙ୍କ ଦର୍ଶନ ପାଇଁ। ଏହି କାରଣରୁ ଯମଦେବ ପ୍ରସନ୍ନ ହୋଇ ନଚିକେତାଙ୍କୁ ତିନୋଟି ବର ମାଗିବାକୁ କହିଥିଲେ। ନଚିକେତା ପ୍ରଥମ ବରରେ ପିତାଙ୍କ ସନ୍ତୁଷ୍ଟି, ଦ୍ୱିତୀୟ ବରରେ ସ୍ୱର୍ଗସୁଖ ପ୍ରଦାୟିନୀ 'ଅଗ୍ନିବିଦ୍ୟା' ଓ ତୃତୀୟ ବରରେ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି 'ଆତ୍ମବିଦ୍ୟା' ପ୍ରାପ୍ତି ପାଇଁ ଇଚ୍ଛା ପ୍ରକାଶ କଲେ। ଯମଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସାରିକ ପ୍ରେୟ ବସ୍ତୁର ପ୍ରଲୋଭନ ସତ୍ତ୍ୱେ ନଚିକେତା ନିଜ କଥାରେ ସ୍ଥିର ରହିବା ଦେଖି; ଯମଦେବ ଅନ୍ତିମରେ ପରମାତ୍ମାଙ୍କ ସର୍ବବ୍ୟାପକତା, ଆତ୍ମା ଓ ପରମାତ୍ମାଙ୍କ ମଧରେ ସମ୍ବନ୍ଧ ବିଷୟକ ଜ୍ଞାନ ପ୍ରଦାନ କଲେ। ସଂସାରର ନଶ୍ୱରତା, ଯଜ୍ଞ ଦ୍ୱାରା ସ୍ୱର୍ଗପ୍ରାପ୍ତି ତଥା ଯୋଗ ସାଧନ ଓ ଈଶ୍ୱର ବିଶ୍ୱାସ ଦ୍ୱାରା ମୋକ୍ଷ ପ୍ରାପ୍ତିର ଶ୍ରେୟ ମାର୍ଗ ସମ୍ବନ୍ଧୀୟ ତତ୍ତ୍ୱ ମଧ କହିଥିଲେ।

ଅନେକ ସତ୍ ଶାସ୍ତ୍ରରେ କୁହାଯାଉଛି ଯେ, ସୁଖ ଦୁଇପ୍ରକାର- ଭୌତିକ ଓ ଆଧାତ୍ମିକ ଏବଂ ଏହି ସୁଖପ୍ରାପ୍ତି ପାଇଁ ମାର୍ଗ ମଧ ଦୁଇ ପ୍ରକାର- ଶ୍ରେୟ ଓ ପ୍ରେୟ ମାର୍ଗ। ସାଂସାରିକ ବିଷୟ ବାସନାଦି ଉପଭୋଗରୁ ମିଳୁଥିବା ସୁଖ ଭୌତିକ, ମାତ୍ର ସଂସାରରୁ ମୁକ୍ତ ହୋଇ ବ୍ରହ୍ମ ସାକ୍ଷାତ୍କାର କରିବା ଦ୍ୱାରା ଯେଉଁ ସୁଖ ମିଳେ ତାହା ଶାଶ୍ୱତ ସୁଖ। ଶ୍ରେୟ ମାର୍ଗ କଲ୍ୟାଣ ସାଧନ ପାଇଁ ଉଦ୍ଦିଷ୍ଟ ହେଉଥିବା ବେଳେ ପ୍ରେୟ ମାର୍ଗ ପ୍ରୀତି ସାଧନ ପାଇଁ ଉଦ୍ଦିଷ୍ଟ। ପ୍ରେୟ ମାର୍ଗରେ ଗତି କରୁଥିବା ବ୍ୟକ୍ତି ସାଂସାରିକ ସୁଖକୁ ଉପଭୋଗ କରି ଜନ୍ମ-ମୃତ୍ୟୁ ଚକ୍ରରେ ଘୂରୁଥିବା ବେଳେ ପ୍ରେୟ ମାର୍ଗ ଅନୁସରଣ କରୁଥିବା ବ୍ୟକ୍ତି ବ୍ରହ୍ମ ସାକ୍ଷାତକାର ଦ୍ୱାରା ଜୀବନ୍ମୁକ୍ତ ଅବସ୍ଥାକୁ ପ୍ରାପ୍ତ କରିଥାଏ।


ଆସିକା, ଗଞ୍ଜାମ।
୯୮୬୧୩୩୪୮୬୮

### ଆମେରିକା ସହ ଭାରତର ଟାରିଫ ଯୁଦ୍ଧ

## ରୁଷ ଯିବେ ବୈଦେଶିକ ମନ୍ତ୍ରୀ



**ନୂଆଦିଲ୍ଲୀ, ୧୩।୮:** ଆମେରିକା ସହ ଟାରିଫ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ରୁଷ ଗସ୍ତ କରିବେ। ଆସନ୍ତା ଅଗଷ୍ଟ ୨୦-୨୧ ଦୁଇ ଦିନ ଧରି ସେ ରୁଷ ଗସ୍ତରେ ଯିବେ। ଏହି ସମୟରେ ସେ ତାଙ୍କର ରୁଷ ପ୍ରତିପକ୍ଷ ସେରଗେୟ ଲାଭରୋଭଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ରୁଷ ଠାରୁ ତେଲ କିଣୁଥିବାରୁ ଭାରତ ଉପରେ ୫୦% ଟାରିଫ ଲଗାଇଛି ଆମେରିକା। ଏହାକୁ ନେଇ ବିବାଦ ତୀବ୍ର ହେଉଥିବା ବେଳେ ଜୟଶଙ୍କର ରୁଷ ଗସ୍ତ କରୁଛନ୍ତି। ଏହାପୂର୍ବରୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ ଯୋଗେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ କଥା ହୋଇଥିଲେ। ଉଭୟ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ କଥା ହୋଇଥିଲେ। ସେହିପରି ଗତ ସପ୍ତାହରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ରୁଷ ଗସ୍ତ କରି ପୁଟିନଙ୍କ ସହ ରୁଦ୍ଧ ଦ୍ୱାର ବୈଠକ କରିଥିଲେ। ବୈଠକ ପରେ ପୁଟିନ ଖୁବଶୀଘ୍ର ଭାରତ ଗସ୍ତରେ ଆସିବେ ବୋଲି ସେ ସୂଚନା ଦେଇଥିଲେ। ଏବେ ଜୟଶଙ୍କର ରୁଷ ଯାଇ ବୈଦେଶିକ ମନ୍ତ୍ରୀ ଲାଭରୋଭଙ୍କ ସହ ବୈଠକ କରିବେ। ଏହି ସମୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଠାରୁ ଆରମ୍ଭ କରି ଆମେରିକାର ଟାରିଫକୁ କେମିତି କାଉଣ୍ଟର କରାଯିବ, ସେବିଷୟରେ ମଧ୍ୟ ଦୁଇ ନେତା କଥା ହେବେ ବୋଲି ଜଣାପଡ଼ିଛି।

# ସମୁଦ୍ରରେ ଚୀନ୍-ଆମେରିକା ସେନା ମୁହାଁମୁହିଁ




**ବେଜିଂ/ୱାଶିଂଟନ,୧୩।୮:** ଦକ୍ଷିଣ ଚୀନ୍ ସାଗରର ସ୍କାରବୋରୋ ଶୋଲ୍ ନିକଟରେ ଚୀନ୍ ଏବଂ ଆମେରିକୀୟ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିବା ଖବର ଆସିଛି। ଚୀନ୍ କହିଛି ଯେ, ଏହି ବ୍ୟସ୍ତବହୁଳ ରାସ୍ତା ଦେଇ ଏକ ଆମେରିକୀୟ ବିଧ୍ୱଂସକ ଯାତ୍ରା କରୁଥିଲା, ଯାହାକୁ ଆମେ ଗୁଳି କରି ଘଉଡ଼ାଇ ଦେଇଛୁ। ଆମେରିକା ସ୍କାରବୋରୋ ଶୋଲ୍‌ରେ ଅନୁପ୍ରବେଶ କରିଥିବା ଚୀନ୍ ଅଭିଯୋଗ କରିଛି। ଫିଲିପାଇନ୍ସର ସ୍କାରବୋରୋ ନିକଟରେ ଦୁଇଟି ଚୀନ୍ ଜାହାଜ ଧକ୍କା ଦେବା ଘଟଣାର ଗୋଟିଏ ଦିନ ପରେ ସ୍କାରବୋରୋ ଶୋଲ୍‌ରେ ଆମେରିକା ଏବଂ ଚୀନ୍ ମଧ୍ୟରେ ସଂଘର୍ଷ ଘଟିଛି।

ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ, ଚୀନ୍ ସେନା କହିଛି ଯେ, ଆମେରିକା ଯେଉଁଭଳି ଭାବରେ ସ୍କାରବୋରୋ ଶୋଲ୍‌ରେ ଅନୁପ୍ରବେଶ କରୁଛି ତାହା ଅନ୍ତର୍ଜାତୀୟ ଆଇନ ବିରୁଦ୍ଧ। ଆମେରିକା ସ୍କାରବୋରୋ ମାଧ୍ୟମରେ ଚୀନ୍‌ର ସାର୍ବଭୌମତ୍ୱକୁ ସିଧାସଳଖ ଚ୍ୟାଲେଞ୍ଜ କରିଛି।

ଚୀନ୍‌ର ଦକ୍ଷିଣ ସାମରିକ କମାଣ୍ଡ କହିଛି ଯେ, ବୁଧବାର ଦିନ ୟୁଏସଏସ ହିଗିନ୍ସ ସ୍କାରବୋରୋ ଶୋଲ୍‌ରେ ବିନା ଅନୁମତିରେ ପ୍ରବେଶ କରିଥିଲା, ଯାହା ପରେ ଏହାକୁ ଚେତାବନୀ ଦିଆଯାଇଥିଲା, କିନ୍ତୁ ଆମେରିକାର ବିଧ୍ୱଂସକ ଫେରି ନଥିଲା। ଯାହା ପରେ ଏହାକୁ ଘଉଡ଼ାଇବାକୁ ଚେଷ୍ଟା କରାଯାଇଥିଲା। ଚୀନ୍ କହିଛି, ଆମେରିକା ଆମର ସାର୍ବଭୌମତ୍ୱ ଏବଂ ସୁରକ୍ଷାକୁ ଗମ୍ଭୀର ଭାବରେ ଉଲ୍ଲଂଘନ କରିଛି।

ଆମେରିକା କହିଛି, ସ୍କାରବୋରୋରେ ପ୍ରବେଶ କରିବା ସମୟରେ ଆମେ ଅନ୍ତର୍ଜାତୀୟ ଆଇନ ପାଳନ କରିଥିଲୁ। ଆମେରିକାର ସପ୍ତମ ନୌବାହିନୀ କହିଛି, ଏହି ଅଭିଯାନ ନୌଚାଳନା ସ୍ୱାଧୀନତା ଏବଂ ସମୁଦ୍ରର ବୈଧ ବ୍ୟବହାର ବଜାୟ ରଖିବା ପାଇଁ ଆମେରିକାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

ସୂଚନାଯୋଗ୍ୟ, ସ୍କାରବୋରୋ ହେଉଛି ଦକ୍ଷିଣ ଚୀନ୍ ସାଗରରେ ଫିଲିପାଇନ୍ସର ଲୁଜୋନ୍ ଦ୍ୱୀପରୁ ପ୍ରାୟ ୨୨୦ କିଲୋମିଟର ପଶ୍ଚିମରେ ଅବସ୍ଥିତ ଏକ ଅଗଭୀର ଦ୍ୱୀପ। ଏହି ଦ୍ୱୀପକୁ ଦକ୍ଷିଣ ଚୀନ୍ ସାଗରର ସବୁଠାରୁ ବ୍ୟସ୍ତ ବହୁଳ ଦ୍ୱୀପ ବୋଲି କୁହାଯାଏ। ଫିଲିପାଇନ୍ସ, ଚୀନ୍ ଏବଂ ତାଇୱାନ ଏହି ଦ୍ୱୀପକୁ ନିଜର ବୋଲି ଦାବି କରିଥାନ୍ତି। ୨୦୧୨ ମସିହାରେ ଚୀନ୍ ଏଠାରେ ନିଜର ସୈନ୍ୟ ମୁତୟନ କରି ଫିଲିପାଇନ୍ସର ପ୍ରବେଶକୁ ପ୍ରତିବନ୍ଧିତ କରିଥିଲା। ଦକ୍ଷିଣ ଚୀନ୍ ସାଗରରେ ନିଜର ସହଯୋଗୀମାନଙ୍କୁ ସୁରକ୍ଷା ଦେବା ପାଇଁ ଆମେରିକା ନିରନ୍ତର ସକ୍ରିୟ ରହିଛି। ଚୀନ୍ ନିୟନ୍ତ୍ରଣକୁ ଚ୍ୟାଲେଞ୍ଜ କରିବା ପାଇଁ ଆମେରିକା ସମୟ ସମୟରେ ସେଠାକୁ ଜାହାଜ ପଠାଇଥାଏ। ଏପରି ଏକ ଅପରେସନ ସମୟରେ ବୁଧବାରନ ସ୍କାରବୋରୋ ଶୋଲ୍ ନିକଟରେ ଉଭୟ ଦେଶର ସେନା ମୁହାଁମୁହିଁ ହୋଇଥିଲେ। ଏପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ କୌଣସି କ୍ଷତି ହୋଇଥିବା ଖବର ନାହିଁ।

### ଭାରତକୁ ପୁଣି ପାକିସ୍ତାନର ଧମକ

## ସିନ୍ଧୁନଦୀ ପାଣି ବନ୍ଦକଲେ ଭୟଙ୍କର ପରିଣାମ



**ଇସଲାମାବାଦ, ୧୩।୮:** ପାଣି ପାଇଁ ବିଳିବିଳି ହେଉଛି ପାକିସ୍ତାନ । ଏନେଇ ଭାରତକୁ ପୁଣି ପାକିସ୍ତାନର ଧମକ ଦେଇଛି । ସିନ୍ଧୁ ନଦୀ ପାଣି ବନ୍ଦ କଲେ ଭୟଙ୍କର ହେବ ପରିଣାମ । ଏଭଳି ଧମକ ଦେଇଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ । ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଆସିମ୍ ମୁନୀରଙ୍କ ଧମକ ପରେ ସରିଫଙ୍କ ବୟାନ ସାମ୍ନାକୁ ଆସିଛି । ସରିଫ୍ କହିଛନ୍ତି, ପାକିସ୍ତାନ ଅଂଶର ବୁନ୍ଦାଏ ବି ପାଣି ଛାଡ଼ିବୁନି । ଲକ୍ଷ ଲକ୍ଷ ଜୀବନକୁ ସଙ୍କଟରେ ପକାଇ ଭାରତ ରାଜନୀତି କରାଯାଇପାରିବ ନାହିଁ । ପାକିସ୍ତାନ ଏହାକୁ କେବେ ବି ବରଦାସ୍ତ କରିବନି । ତାଜିକିସ୍ତାନରେ ଏକ ସମ୍ମିଳନୀରେ ଯୋଗଦେଇ ଏଭଳି କହିଛନ୍ତି ସରିଫ୍ । ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନ ପକ୍ଷରୁ ଭାରତକୁ ଚତୁର୍ଥ ଥର ଧମକ ମିଳିଛି । ପହଲଗାମ ଆତଙ୍କୀ ହମଲା ପରେ ସିନ୍ଧୁ ନଦୀ ଜଳ ଚୁକ୍ତି ବନ୍ଦ କରିଛି ଭାରତ । ଏହାକୁ ହଜମ କରିପାରୁନି ପାକିସ୍ତାନ । ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବାରେ ଲାଗିଛି।

### ପାକ୍ ଧମକର ପ୍ରଭାବ ଭାରତରେ ନାହିଁ: ଓୱେସି



**ନୂଆଦିଲ୍ଲୀ:** ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ହେବା ପରଠାରୁ ପାକିସ୍ତାନ ନିରନ୍ତର ପାଣି ପାଇଁ ନିବେଦନ କରିଆସୁଛି। ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଶହବାଜ ସରିଫ କହିଛନ୍ତି ଯେ ଶତ୍ରୁ (ଭାରତ) ପାକିସ୍ତାନରୁ ପାଣିର ଗୋଟିଏ ବୁନ୍ଦା ମଧ୍ୟ ଛଡ଼ାଇ ନେଇପାରିବ ନାହିଁ। ଏହା ଉପରେ ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ ଓୱେସି ତାଙ୍କୁ ଏକ ଉପଯୁକ୍ତ ଜବାବ ଦେଇଛନ୍ତି। ଓୱେସି କହିଛନ୍ତି ଯେ, ଆମ ପାଖରେ ବ୍ରହ୍ମୋସ ଅଛି, ସେମାନେ ଏପରି ବାଜେ କଥା କହିବା ଉଚିତ୍ ନୁହେଁ। ସେ କହିଛନ୍ତି, "ଏବେ ଯଥେଷ୍ଟ ହେଲା। ଏପରି ଧମକର ଭାରତ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।" ୨୨ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣର ଗୋଟିଏ ଦିନ ପରେ, ଭାରତ ୧୯୬୦ର ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିବା ସମେତ ପାକିସ୍ତାନ ବିରୁଦ୍ଧରେ ଅନେକ ପଦକ୍ଷେପ ନେଇଥିଲା। ପାକିସ୍ତାନ ବାରମ୍ବାର ଚେତାବନୀ ଦେଇଛି ଯେ, ପାଣି ବନ୍ଦ କରିବା ପାଇଁ ଯେକୌଣସି ହସ୍ତକ୍ଷେପକୁ ଯୁଦ୍ଧ କାର୍ଯ୍ୟ ଭାବରେ ବିବେଚନା କରାଯିବ। ଅନ୍ୟପଟେ ଅସଦୁଦ୍ଦିନ ଓୱେସି ଆମେରିକା ଦ୍ୱାରା ଭାରତ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଶୁଳ୍କ ଉପରେ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, "ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିଷ୍ପତ୍ତି ନେବାକୁ ପଡିବ ଯେ ସେ ଏପରି ଦେଶ ସହିତ ବାଣିଜ୍ୟ କରିବେ ଯେଉଁଠାରେ ଆତଙ୍କବାଦ ଏକ ବ୍ୟବସାୟ ଅଟେ ନା ଭାରତ ସହିତ ଯାହା ଏକ ରଣନୈତିକ ସହଯୋଗୀ ରହିଛି। ଟ୍ରମ୍ପ କିଏ ଯିଏ କହୁଛନ୍ତି ଯେ ଆମେ ତେଲ କିଣିବା ଉଚିତ୍ ନୁହେଁ।

## ଆମେରିକା ଗସ୍ତ କରିପାରନ୍ତି ପ୍ରଧାନମନ୍ତ୍ରୀ ମୋଦି

### ● ୟୁଏନଜିଏ ସମ୍ମିଳନୀରେ ଯୋଗଦେବେ



**ନୂଆଦିଲ୍ଲୀ,୧୩।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାସରେ ଆମେରିକା ଗସ୍ତ କରିପାରନ୍ତି । ଯେଉଁଠାରେ ସେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ସାଧାରଣ ପରିଷଦ (ୟୁଏନଜିଏ)ର ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବେ । ଏଥି ସହ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏଠାକୁ ଆସିବେ। ଜାତିସଂଘ ସାଧାରଣ ପରିଷଦର ବୈଠକ ୨୩ ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥି ସହ ଶେଷ ଦିନର କାର୍ଯ୍ୟ ୨୯ ସେପ୍ଟେମ୍ବର ୨୦୨୫ ରେ ଅନୁଷ୍ଠିତ ହେବ । ଏହି ସମ୍ଭାବ୍ୟ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଅନେକ ବିଶ୍ୱ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ମଧ୍ୟ ଅଂଶଗ୍ରହଣ କରିପାରିବେ। ଯଦି ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ପ୍ରଧାନମନ୍ତ୍ରୀ ମୋଦିଙ୍କ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକିଙ୍କ ସହ ସାକ୍ଷାତ ନିଶ୍ଚିତ ବୋଲି ବିବେଚନା କରାଯାଉଛି ।

ଏହା ସହିତ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସମ୍ଭାବ୍ୟ ସାକ୍ଷାତ ବିଷୟରେ ଆଲୋଚନା ହେଉଛି । ଯଦିଓ ଉଭୟ ପକ୍ଷ ଦ୍ୱାରା ଏହାକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇ ନାହିଁ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କିମ୍ବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏହି ଗସ୍ତ ବିଷୟରେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇ ନାହି କିନ୍ତୁ ପ୍ରସ୍ତୁତି ଜୋରଦାର୍ ଚାଲିଛି ।

ଏଥି ସହ ଜାଣିରଖନ୍ତୁ ଯେ, ଜାତିସଂଘ ସାଧାରଣ ପରିଷଦର ଏହି ଉଚ୍ଚସ୍ତରୀୟ ସାଧାରଣ ବିତର୍କ ପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ନେତାମାନେ ନ୍ୟୁୟର୍କ ପହଞ୍ଚିବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ କୂଟନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । କାରଣ ଏଥିରେ ବିଶ୍ୱ ରାଜନୀତି ଏବଂ ଦ୍ୱିପାକ୍ଷିକ

## ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ, ୯ ସୈନିକଙ୍କ ମୃତ୍ୟୁ

**ଇସଲାମାବାଦ,୧୩।୮:** ପାକିସ୍ତାନର ବେଲୁଚିସ୍ତାନରେ ପୁଣି ଥରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ୯ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମଙ୍ଗଳବାର ଦିନ ଅଧିକାରୀମାନେ ଏହି ଆକ୍ରମଣ ବିଷୟରେ ସୂଚନା ଦେଇଛନ୍ତି । ୱାଶୁକ ଜିଲ୍ଲାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଡଜନ ଡଜନ ଆତଙ୍କବାଦୀ ଏକ ପୋଲିସ ଷ୍ଟେସନ ଏବଂ ଏକ



ସୀମା ବଳ କମ୍ପ୍ଲେକ୍ସ ଉପରେ ଆକ୍ରମଣ କରିଥିଲେ । ମିଡିଆ ରିପୋର୍ଟ ଅନୁସାରେ, ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, "ଯେତେବେଳେ ସେନା ଗତି କରୁଥିଲା, ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଆତଙ୍କବାଦୀମାନେ ୯ ଜଣ ସୈନିକଙ୍କୁ ହତ୍ୟା କରିଥିଲେ ।" ପୂର୍ବରୁ ପାକିସ୍ତାନର ବେଲୁଚିସ୍ତାନରେ ଜାଫର ଏକ୍ସପ୍ରେସକୁ ଟାର୍ଗେଟ କରାଯାଇଥିଲା । ଏହି ଘଟଣା ପାକିସ୍ତାନର ଦକ୍ଷିଣ-ପଶ୍ଚିମ ବେଲୁଚିସ୍ତାନ ପ୍ରଦେଶର ମାସ୍ତୁଙ୍ଗ ଜିଲ୍ଲାରେ ଘଟିଥିଲା । ଏଠାରେ ଟ୍ରାକରେ ବିସ୍ଫୋରକ ରଖାଯାଇଥିବାରୁ ଜାଫର ଏକ୍ସପ୍ରେସର ଛଅଟି କୋଚ୍ ଲାଇନଚ୍ୟୁତ ହୋଇଥିଲା। ଏହି ଘଟଣାରେ ଚାରି ଜଣ ଆହତ ହୋଇଥିଲେ । ଯେତେବେଳେ ଟ୍ରେନକୁ ଟାର୍ଗେଟ କରାଯାଇଥିଲା, ସେତେବେଳେ ଏହା ପେଶାୱର ଅଭିମୁଖେ ଯାଉଥିଲା। ନିକଟରେ, ବନ୍ଧୁକଧାରୀମାନେ ବେଲୁଚିସ୍ତାନରେ ଏକ ଯାତ୍ରୀବାହୀ ବସ୍ ଉପରେ ଗୁଳି ଚଳାଇଥିଲେ, ଯେଉଁଥିରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୭ ଜଣ ଆହତ ହୋଇଥିଲେ । କରାଚୀରୁ କ୍ୱେଟା ଯାଉଥିବା ସମୟରେ ବସ୍ ଉପରେ ଆକ୍ରମଣ କରାଯାଇଥିଲା । କଲାତ ଅଞ୍ଚଳରେ ବସ୍ ଉପରେ ଆକ୍ରମଣ କରାଯାଇଥିଲା ।

# ରାହୁଲଙ୍କ ସମ୍ପର୍କରେ ଅଛନ୍ତି ଚନ୍ଦ୍ରବାବୁ: ଜଗନ



**ଅମରାବତୀ, ୧୩।୮:** ନିର୍ବାଚନରେ ଭୋଟ ଚୋରି ପ୍ରସଙ୍ଗ ନେଇ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ପୁଣି ଥରେ ଏପରି ଏକ ମନ୍ତବ୍ୟ ଦେଇଛନ୍ତି ଯାହା ରାଜ୍ୟର ରାଜନୀତିକୁ ଉଷ୍ମ କରିଦେଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଇଏସଆରସିପି ମୁଖ୍ୟ ଜଗନ ମୋହନ ରେଡ୍ଡୀ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ମାଧ୍ୟମରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ସେ ପ୍ରଶ୍ନ ଉଠାଇଛନ୍ତି, ଭୋଟ ଚୋରି ପ୍ରସଙ୍ଗରେ ରାହୁଲ ଗାନ୍ଧୀ ସାରା ଦେଶରେ ସ୍ୱର ଉତ୍ତୋଳନ କରୁଛନ୍ତି, କିନ୍ତୁ ଆନ୍ଧ୍ରପ୍ରଦେଶର ନିର୍ବାଚନ ଅନିୟମିତତା ଉପରେ ସେ କାହିଁକି ଚୁପ୍ ଅଛନ୍ତି?

ଜଗନ ମୋହନ ରେଡ୍ଡୀଙ୍କ ଏଭଳି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ରାହୁଲ ଗାନ୍ଧୀ ନିର୍ବାଚନ କମିସନଙ୍କର ସମସ୍ତ ତ୍ରୁଟିକୁ ପ୍ରକାଶ କରି କମିସନଙ୍କର ଭୁଲ୍‌କୁ ଜନସାଧାରଣଙ୍କ ସାମ୍ନାରେ ରଖିଛନ୍ତି। ଜଗନ ତାଙ୍କ ରାଜ୍ୟରେ ନିର୍ବାଚନ ଅନିୟମିତତା ବିଷୟରେ ଉଲ୍ଲେଖ କରି ଦାବି କରିଛନ୍ତି ଯେ, ଆନ୍ଧ୍ରପ୍ରଦେଶରେ ଘୋଷିତ ଫଳାଫଳ ଏବଂ ଗଣତି ଦିନର ଫଳାଫଳ ମଧ୍ୟରେ ୧୨.୫ ପ୍ରତିଶତ ଭୋଟ୍ ପାର୍ଥକ୍ୟ ଥିଲା। ଏହା ଏକ ଗମ୍ଭୀର ବିଷୟ ଯାହା ଉପରେ ରାହୁଲ ଗାନ୍ଧୀଙ୍କ ନୀରବତା ସନ୍ଦେହ ସୃଷ୍ଟି କରୁଛି।

ଜଗନ ମୋହନ ରେଡ୍ଡୀ କହିଛନ୍ତି, ରାହୁଲ ଗାନ୍ଧୀ ଭୋଟ ଚୋରି ବିଷୟରେ କହୁଥିବା ବେଳେ ଆନ୍ଧ୍ରପ୍ରଦେଶର ନାମ କାହିଁକି ନେଉ ନାହାନ୍ତି? ରାଜ୍ୟରେ ମଧ୍ୟ ଫଳାଫଳରେ ଏକ ବଡ଼ ପାର୍ଥକ୍ୟ ଦେଖାଦେଇଥିଲା। ଏହା କ'ଣ ଗଣତାନ୍ତ୍ରିକ ମୂଲ୍ୟବୋଧର ଅପମାନ ନୁହେଁ? ରାହୁଲ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ହାରିଥିବା ଅରବିନ୍ଦ କେଜ୍ରିୱାଲଙ୍କ ବିଷୟରେ କାହିଁକି କହୁ ନାହାନ୍ତି? ତାଙ୍କର ନୀରବତାର କାରଣ ସ୍ପଷ୍ଟ। ଚନ୍ଦ୍ରବାବୁ ନାଇଡୁ ରେବନ୍ତ ରେଡ୍ଡୀଙ୍କ ମାଧ୍ୟମରେ ହଟଲାଇନ୍‌ରେ ରାହୁଲ ଗାନ୍ଧୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ଜଗନ କଟାକ୍ଷ କରି କହିଛନ୍ତି, ଯିଏ ନିଜ କାମ ପ୍ରତି ସଚ୍ଚୋଟ ନୁହନ୍ତି ତାଙ୍କ ବିଷୟରେ କ'ଣ ଆଉ କୁହାଯାଇପାରେ। ଜଗନଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଆନ୍ଧ୍ରପ୍ରଦେଶ ପୁଲିସ ୩୫୦୦ କୋଟି ଟଙ୍କାର ମଦ ଦୁର୍ନୀତିରେ ଏକ ଚାର୍ଜସିଟ୍ ଦାଖଲ କରିଛି। ଯେଉଁଥିରେ ଜଗନଙ୍କ ନାମ ମଧ୍ୟ ସାମିଲ ଅଛି। ଏହି କାରଣରୁ ବିରୋଧୀ ଦଳଗୁଡ଼ିକ ତାଙ୍କ ଅଭିଯୋଗକୁ ଏକ ରାଜନୈତିକ ଅସ୍ତ୍ର ବୋଲି କହିଛନ୍ତି। ଏପରି ସ୍ଥଳେ ୱାଇଏସଆରସିପି ସମର୍ଥକମାନେ କହିଛନ୍ତି ଯେ, ଜଗନ କେବଳ ରାଜ୍ୟରେ ନୁହେଁ ବରଂ ଜାତୀୟ ସ୍ତରରେ ବିରୋଧୀ ରାଜନୀତିର ଦିଗ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଚାହୁଁଛନ୍ତି।

ଅନ୍ୟପକ୍ଷରେ, ରାଜ୍ୟର ରାଜନୈତିକ ସମୀକ୍ଷକଙ୍କ ଅନୁସାରେ ଏହି ମନ୍ତବ୍ୟ ଆଗାମୀ ମାସଗୁଡ଼ିକରେ ଆନ୍ଧ୍ର ଏବଂ ତେଲେଙ୍ଗାନାର ରାଜନୀତିକୁ ଆହୁରି ଜଟିଳ କରିପାରେ। ରାଜନୈତିକ ସମୀକ୍ଷକଙ୍କ ନଜର କଂଗ୍ରେସ ଏବଂ ତେଲୁଗୁ ଦେଶମ ପାର୍ଟି (ଟିଡିପି) ମଧ୍ୟରେ ହେବାକୁଥିବା ସମ୍ଭାବ୍ୟ ସମୀକରଣ ଉପରେ ମଧ୍ୟ ରହିଛି। ଜଗନ ମୋହନ ରେଡ୍ଡୀଙ୍କ ଏହି ଦାବି ବିଜେପି ଶିବିରରେ ଆଲୋଚନାକୁ ତୀବ୍ର କରିଥିବା ବେଳେ, କଂଗ୍ରେସ ଏପର୍ଯ୍ୟନ୍ତ ଏହା ଉପରେ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦେଇନାହିଁ।

## ଜୀବନ ପ୍ରତି ବିପଦଥିବା କହି କୋର୍ଟରେ ପହଞ୍ଚିଲେ ରାହୁଲ ଗାନ୍ଧି

**ନୂଆଦିଲ୍ଲୀ, ୧୩।୮:** କାଗଜପତ୍ର ଦେଖାଇ ଭୋଟ ଚୋରି ଭଳି ଅଭିଯୋଗ କରିଥିବା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରିଛନ୍ତି। ତାଙ୍କ ଜେଜେ ମା' ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଯେଉଁଭଳି ସ୍ଥିତିର ସମ୍ମୁଖୀନ ହୋଇଥିଲେ, ତାଙ୍କୁ ମଧ୍ୟ ସେଭଳି କିଛି ସାମ୍ନା କରିବାକୁ ପଡ଼ିବ ବୋଲି ଧମକ ମିଳୁଥିବା ରାହୁଲ କହିଛନ୍ତି।

୨୦୨୨ ଭାରତ ଯୋଡ଼ୋ ଯାତ୍ରା ସମୟରେ ସେ ବିନାୟକ ଦାମୋଦର ସାବରକରଙ୍କ ବିରୋଧରେ ଦେଇଥିବା ବୟାନ ପାଇଁ ତାଙ୍କୁ ଏପରି ଧମକ ମିଳୁଛି। ବିଜେପିର କିଛି ନେତା ତାଙ୍କୁ ଧମକ ଦେଉଥିବା ରାହୁଲ କହିବା ସହ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାବରକର ବୟାନ ପାଇଁ ରାହୁଲଙ୍କୁ ସମନ ହୋଇଥିଲା। କିନ୍ତୁ ସୁପ୍ରିମକୋର୍ଟ ଜୁଲାଇ ୨୫ରେ ଏହା ଉପରେ ରୋକ ଲଗାଇ ଦେଇଥିଲେ। ପୁଣେ କୋର୍ଟ ରାହୁଲଙ୍କ ବିରୋଧରେ ସାବରକରଙ୍କ ବଂଶଜ ସାତ୍ୟକି ରୁଜୁ କରିଥିବା ମାନହାନୀ କେସ୍‌ର ଶୁଣାଣି କରୁଛନ୍ତି। ଏଠାରେ ରାହୁଲ ନିଜ ଜୀବନ ପ୍ରତି ବିପଦ ଥିବା ଦାବି କରି ଗୋଟିଏ ପିଟିସନ ଦାଖଲ କରିଛନ୍ତି। ଆଇନଜୀବୀ ମିଳିନ୍ଦ ଦତ୍ତାତ୍ରୟ ପାୱାରଙ୍କ କହିବା କଥା ଯେ, କଂଗ୍ରେସ ପକ୍ଷରୁ ଗୋଟିଏ ସ୍ୱତନ୍ତ୍ର ଆବେଦନ କୋର୍ଟରେ ଦାଖଲ କରାଯାଇଛି। ବର୍ତ୍ତମାନ ଘଟୁଥିବା କିଛି ଘଟଣା ନ୍ୟାୟପାଳିକାଙ୍କ ଦୃଷ୍ଟିକୁ ଆସିବା ଦରକାର। ଏହାଦ୍ୱାରା ପୂରା ରାଜନୀତିକ ଓ ଐତିହାସିକ ବିଷୟବସ୍ତୁକୁ ମୋଟ ଉପରେ ଦେଖାଯାଇ ପାରିବ। ସେ କହିଛନ୍ତି, "ଗତ ୧୫ ଦିନ ହେବ ଆମ କ୍ଲାଏଣ୍ଟ ରାହୁଲ ଗାନ୍ଧି ନିର୍ବାଚନ କମିଶନଙ୍କ ବିରୋଧରେ ଗୋଟିଏ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ଏହି ବିକ୍ଷୋଭ ସଂସଦ ଅଧିବେଶ ବେଳେ ଚାଲୁଥିବା ବେଳେ ହିନ୍ଦୁତ୍ୱ ଶବ୍ଦକୁ ନେଇ ପ୍ରଧାନମନ୍ତ୍ରୀ ଓ ରାହୁଲ ବାକଯୁଦ୍ଧ ହୋଇଥିଲା। ଏସବୁ ରେକର୍ଡରେ ରହିଛି। ଏହି ସବୁ ଭିତରେ ବିଜେପିର ଦୁଇ ଜଣ ସାଂସଦ ଖୋଲାଖୋଲି ଭାବେ ରାହୁଲ ଗାନ୍ଧିଙ୍କୁ ଧମକ ଦେବା ସହ ପଛକୁ ହଟିଯିବାକୁ



କହିଛନ୍ତି। ଏଥିସହ ଭବିଷ୍ୟତରେ ସେ ତାଙ୍କ ଜେଜେ ମା'ଙ୍କ ଭଳି ସ୍ଥିତିର ସମ୍ମୁଖୀନ ହୋଇପାରନ୍ତି ବୋଲି ଚେତାବନୀ ଦେଇଛନ୍ତି। ସେମାନେ ତାଙ୍କୁ ସବୁଠାରୁ ବଡ଼ ଆତଙ୍କବାଦୀ କହି ଧମକାଇଛନ୍ତି। ଏସବୁ ଲୋକସଭାର ବିରୋଧୀ ଦଳ ନେତାମାନଙ୍କ ପାଇଁ ବେଶ ଚିନ୍ତାର ବିଷୟ। ଏହି ପୃଷ୍ଠଭୂମିରେ ରାହୁଲ ଗାନ୍ଧି ଏବେ ଯେଉଁଭଳି ପଦକ୍ଷେପ ନେଉଛନ୍ତି, ସେଥିପାଇଁ ତାଙ୍କୁ କ୍ଷତି ପହଞ୍ଚାଇବାକୁ ମଧ୍ୟ ଚେଷ୍ଟା କରାଯାଇ ପାରେ। ତେଣୁ ଏହାକୁ କୋର୍ଟଙ୍କୁ ଅବଗତ କରାଯିବାର ଆବଶ୍ୟକତା ରହିଛି। ଆମେ କୋର୍ଟରେ ଏପରି ଆବେଦନ କରିଥିଲୁ ଓ ଏହାକୁ ଗ୍ରହଣ କରାଯାଇଛି। ସେପ୍ଟେମ୍ବର ୧୦ରେ ଏହା ଶୁଣାଣି ହେବ।"

ଆବେଦନରେ ସାତ୍ୟକି ସାବରକରଙ୍କ ବୟାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଯେଉଁଥିରେ ସେ ସିଧାସଳଖ ନିଜକୁ ନାଥୁରାମ ଗଡସେ ଓ ଗୋପାଳ ଗଡସେର ବଂଶଜ ଭାବେ କହୁଛନ୍ତି। ନିଜର ମା'ଙ୍କ ଘର ପଟୁ ଦୁଇ ଗଡସେ ସହ ତାଙ୍କର ସମ୍ପର୍କ ଥିବା ସେ ସ୍ୱୀକାର କରିଛନ୍ତି। ନାଥୁରାମ ହେଉଛି ଜାତିର ପିତା ମହାତ୍ମା ଗାନ୍ଧିଙ୍କ ହତ୍ୟାର ମୁଖ୍ୟ ଦୋଷୀ।

ରାହୁଲ ଗାନ୍ଧି ନିଜ ଆବେଦନରେ କହିଛନ୍ତି ଯେ, ଅଭିଯୋଗକାରୀଙ୍କ ବଂଶଜଙ୍କ ଲିଙ୍କ ଐତିହାସିକ ଭାବେ ହିଂସା ଓ ସମ୍ବିଧାନ ବିରୋଧୀ ଆଭିମୁଖ୍ୟ ସହ ଜଡ଼ିତ। ତେଣୁ ଏହା କଂଗ୍ରେସ ସାଂସଦଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ସ୍ପଷ୍ଟ ସଙ୍କେତ ଦେଉଛି। କ୍ଷତି ପହଞ୍ଚାଇବା, ମିଛ କେସରେ ଫସାଇବା କିମ୍ବା ପରୋକ୍ଷରେ ଟାର୍ଗେଟ କରିବା ଭଳି ଘଟଣା ମଧ୍ୟ ଘଟିପାରେ। ତେଣୁ ବଂଶଜଙ୍କ ଇତିହାସକୁ ଦୃଷ୍ଟିରେ ରଖି ମାମଲାର ଶୁଣାଣି କରିବାକୁ ରାହୁଲ ନିବେଦନ କରିଛନ୍ତି। କୋର୍ଟ ସେପ୍ଟେମ୍ବର ୧୦ରେ ମାନହାନୀ କେସ୍‌ର ଶୁଣାଣି କରିବା ବେଳେ ଏହାର ବିଚାର ମଧ୍ୟ କରିବେ ବୋଲି ଜଣାପଡ଼ିଛି।

## ଆସନ୍ତା ସପ୍ତାହରେ ଭାରତ ଗସ୍ତରେ ଆସିପାରନ୍ତି ଚୀନର ବୈଦେଶିକ ମନ୍ତ୍ରୀ



**ନୂଆଦିଲ୍ଲୀ,୧୩।୮:** ଆସନ୍ତା ସପ୍ତାହରେ ଭାରତ ଗସ୍ତରେ ଆସିପାରନ୍ତି ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି। ଏହି ଗସ୍ତ ସମୟରେ ସେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲଙ୍କ ସହ ଆଲୋଚନା କରିବେ। ୱାଙ୍ଗ ଏବଂ ଡୋଭାଲ ଭାରତ ଏବଂ ଚୀନର ସ୍ୱତନ୍ତ୍ର ପ୍ରତିନିଧି। ଦୁଇ ଦେଶର ସୀମା ପ୍ରସଙ୍ଗରେ ସମସ୍ତ ଆଲୋଚନାରେ ଉଭୟଙ୍କ ନେତୃତ୍ୱରେ ହୋଇଥାଏ। ଏହି ଖବର ଏଭଳି ସମୟରେ ଆସିଛି ଯେତେବେଳେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଚଳିତ ମାସ ଶେଷ ବେଳକୁ ଏସସିଓ ସମ୍ମିଳନୀ ପାଇଁ ଚୀନ ଗସ୍ତରେ ଯାଉଛନ୍ତି। ୨୦୨୦ରେ ଗଲୱାନ ସଂଘର୍ଷ ପରେ ଏହା ମୋଦୀଙ୍କର ପ୍ରଥମ ଚୀନ ଗସ୍ତ ହେବ। ଏଲଏସିରେ ଉତ୍ତେଜନା ହ୍ରାସ ପରେ ବେଜିଂ ଏବଂ ନୂଆଦିଲ୍ଲୀ ମଧ୍ୟରେ ସମ୍ପର୍କରେ ସୁଧାର ଆସିବା ପରେ ଓ୍ବାଙ୍ଗଙ୍କ ମଧ୍ୟ ଏହା ପ୍ରଥମ ଭାରତ ଗସ୍ତ । ତେବେ କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏସୀୟ ଦେଶଗୁଡ଼ିକ ଉପରେ ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେଇଥିବାରୁ ଉଭୟ ଦେଶ ମଧ୍ୟ ସମ୍ପର୍କ ସୁଧାରିବାର ସଙ୍କେତ ଭାବରେ ଦେଖାଯାଉଛି। ୨୦୨୪ରେ, ପ୍ରଧାନମନ୍ତ୍ରୀ ମୋଦୀ କାଜାନରେ ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଜିନପିଙ୍ଗଙ୍କୁ ଭେଟିଥିଲେ, ଯାହା ଉଭୟ ଦେଶ ମଧ୍ୟରେ ସମ୍ପର୍କ ସ୍ଥିର ହେଉଥିବାର ସଙ୍କେତ ଦେଇଥିଲା। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଭାରତ ଏବଂ ଚୀନ୍ ମଧ୍ୟରେ ଆସନ୍ତା ମାସରୁ ସିଧାସଳଖ ବିମାନ ସେବା ଆରମ୍ଭ କରିବାକୁ ହେବାକୁ ଯାଉଛି।

## ବୁଲା କୁକୁର ମାମଲାର ବିଚାର କରିବେ ସିଜେଆଇ

**ନୂଆଦିଲ୍ଲୀ,୧୩।୮:** ସୁପ୍ରିମକୋର୍ଟ ନିକଟରେ ଦିଲ୍ଲୀ-ଏନସିଆରର ବୁଲା କୁକୁରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ । ସର୍ବୋଚ୍ଚ ଆଦାଲତ କୁକୁରଙ୍କୁ ରାସ୍ତାରୁ ହଟାଇ ଆଶ୍ରୟ ସ୍ଥଳରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶକୁ ନେଇ ସାରା ଦେଶରେ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଏବେ ସିଜେଆଇ ସୁପ୍ରିମକୋର୍ଟର ଦୁଇ ଭିନ୍ନ ଭିନ୍ନ ଖଣ୍ଡପୀଠଙ୍କ ରାୟ ଉପରେ ବିଚାର କରିବେ । ସିଜେଆଇ ବିଆର୍ ଗଭାଇ କହିଛନ୍ତି ଯେ, ସେ ନିଜେ ଏହି ମାମଲାକୁ ଦେଖିବେ । ଆଇନଜୀବୀ ନନିତା ବୁଧବାର ସିଜେଆଇ ବିଆର୍ ଗଭାଇଙ୍କ ଖଣ୍ଡପୀଠଙ୍କ ସାମନାରେ ଏହି ପ୍ରସଙ୍ଗକୁ ଉଠାଇଥିଲେ। ନନିତା ପୂର୍ବରୁ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ, ଯେଉଁଥିରେ ଏବିସି ନିୟମ (ପଶୁ ଜନ୍ମ ନିୟନ୍ତ୍ରଣ) ଓ ବନ୍ଧ୍ୟାକରଣ ଅଭିଯାନରେ ଶିଥିଳତା କଥା ଉଲ୍ଲେଖ କରିଥିଲେ ।

## ଭାରତୀୟ ନାଗରିକ ହେବା ପୂର୍ବରୁ ସୋନିଆ ଗାନ୍ଧୀଙ୍କ ନାମ ଭୋଟର ତାଲିକାରେ ଥିଲା', ବିଜେପିର ବଡ଼ ଅଭିଯୋଗ



**ନୂଆଦିଲ୍ଲୀ,୧୩।୮:** ସୋନିଆ ଗାନ୍ଧୀଙ୍କୁ ନେଇ ଏକ ସାଂଘାତିକ ଅଭିଯୋଗ ଆଣିଛି ବିଜେପି । ଯାହାକୁ ନେଇ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି । ବିଜେପି ଦାବି କରିଛି ଯେ ସୋନିଆ ଗାନ୍ଧୀ ଭାରତର ନାଗରିକତା ଗ୍ରହଣ କରିବା ପୂର୍ବରୁ ହିଁ ତାଙ୍କ ନାମ ଦିଲ୍ଲୀର ଭୋଟର ତାଲିକାରେ ସାମିଲ ହୋଇସାରିଥିଲା। ଏହାକୁ ଏକ ବଡ଼ ଧରଣର ଜାଲିଆତି ବୋଲି ଦର୍ଶାଇ ବିଜେପି ଗାନ୍ଧୀ ପରିବାର ଏବଂ କଂଗ୍ରେସ ଦଳକୁ ଟାର୍ଗେଟ୍ କରିଛି । ବିଜେପିର ଆଇଟି ସେଲ୍ ମୁଖ୍ୟ ଅମିତ ମାଳବୀୟ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଭୋଟର ତାଲିକାର ନକଲ ପୋଷ୍ଟ କରି ଏହି ଅଭିଯୋଗ ଆଣିଛନ୍ତି । ସେ ଦାବି କରିଛନ୍ତି ଯେ ୧୯୮୦ ମସିହାରେ ଦିଲ୍ଲୀର ଭୋଟର ତାଲିକାରେ ସୋନିଆ ଗାନ୍ଧୀଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିଲା, ଯେତେବେଳେ କି ସେ ୧୯୮୩ ମସିହାରେ ଭାରତୀୟ ନାଗରିକତା ଲାଭ କରିଥିଲେ । ମାଳବୀୟ ପ୍ରଶ୍ନ କରିଛନ୍ତି ଯେ ଜଣେ ବିଦେଶୀ ନାଗରିକ ହୋଇଥିବା ସତ୍ତ୍ୱେ କେଉଁ ପରିସ୍ଥିତିରେ ଏବଂ କାହାର ଚାପରେ ତାଙ୍କ ନାମ ଭୋଟର ତାଲିକାରେ ସ୍ଥାନ ପାଇଲା? ସେହିପରି ବିଜେପି ସାଂସଦ ଅନୁରାଗ ଠାକୁର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଇଟାଲୀରେ ଜନ୍ମିତ ସୋନିଆ ଗାନ୍ଧୀଙ୍କ ନାମ ୧୯୮୦ ମସିହାରେ ଭୋଟର ତାଲିକାରେ ଯୋଡା ଯାଇଥିଲା, କିନ୍ତୁ ସେ ୧୯୮୩ ମସିହାରେ ଭାରତ ଆସିଥିଲେ ।

# 'ପ୍ଲେୟାର ଅଫ ଦ ମଂଥ' ଜିତି ଗିଲଙ୍କ ବଡ଼ ରେକର୍ଡ





ନୂଆଦିଲ୍ଲୀ,୧୩।୮: ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲଙ୍କ ନାମ ଏବେ ବି ଖବରରେ ରହିଛି। ଜୁଲାଇରେ ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ତାଙ୍କୁ 'ପ୍ଲେୟାର ଅଫ ଦି ମଂଥ' ପୁରସ୍କାର ପ୍ରଦାନ କରାଯାଇଛି। ଏହି ଟାଇଟଲ ଜିତିବା ସହିତ, ଶୁବମନ ଏକ ସ୍ୱତନ୍ତ୍ର ରେକର୍ଡ କରିଛନ୍ତି। ହଁ, ସେ ସର୍ବାଧିକ 'ଆଇସିସି ପ୍ଲେୟାର ଅଫ ଦି ମଂଥ' ପୁରସ୍କାର ଜିତିଥିବା କ୍ରିକେଟର ହୋଇଛନ୍ତି। ଶୁବମନ ଗିଲଙ୍କ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ଏକ ବଡ଼ ସମ୍ମାନ ଦିଆଯାଇଛି। ଆଇସିସି ଭାରତୀୟ ଖେଳାଳିଙ୍କୁ ଜୁଲାଇ ପ୍ଲେୟାର ଅଫ ଦି ମଂଥ ଭାବରେ ବାଛିଛି। ଗିଲ ସମ୍ପ୍ରତି ଇଂଲଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବହୁତ ରନ କରିଥିଲେ। ଯାହା ଯୋଗୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଗିଲ ଇଂଲଣ୍ଡର ଡ୍ୟାସିଂ ଅଲରାଉଣ୍ଡର ବେନ ଷ୍ଟୋକ୍ସ ଏବଂ ଦକ୍ଷିଣ ଆଫ୍ରିକାର ୱାଇଆନ ମୁଲଡରଙ୍କୁ ପରାସ୍ତ କରି ଏହି ସମ୍ମାନ ହାସଲ କରିଛନ୍ତି। ଜୁଲାଇ ୨୦୨୫ରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ତିନୋଟି ଟେଷ୍ଟ ମ୍ୟାଚରେ ଭାରତ ପାଇଁ ବ୍ୟାଟ ସହିତ ତାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ଗିଲ ମଙ୍ଗଳବାର ଜୁଲାଇ ୨୦୨୫ ପାଇଁ ଆଇସିସି ପ୍ଲେୟାର ଅଫ ଦି ମଂଥ ପୁରସ୍କାର ପାଇଥିଲେ। ଏହା ଗିଲଙ୍କ ଚତୁର୍ଥ ପୁରସ୍କାର ଥିଲା। ଗିଲ ପୂର୍ବରୁ ଫେବୃଆରୀ ୨୦୨୫ଏବଂ ଜାନୁଆରୀ ଏବଂ ସେପ୍ଟେମ୍ବର ୨୦୨୩ ରେ ଆଇସିସି ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ।

## ସାଗର ଧନକର ହତ୍ୟା ମାମଲା

# ସୁଶୀଲ କୁମାରଙ୍କୁ ଲାଗିଲା ବଡ଼ ଝଟକା



ନୂଆଦିଲ୍ଲୀ,୧୩।୮: ଜୁନିଅର ମଲ୍ଲଯୋଦ୍ଧା ସାଗର ଧନକର ହତ୍ୟା ମାମଲାରେ ଅଭିଯୁକ୍ତ କୁସ୍ତିଯୋଦ୍ଧା ସୁଶୀଲ କୁମାରଙ୍କୁ ସୁପ୍ରିମକୋର୍ଟରୁ ଝଟକା ଲାଗିଛି। ସୁପ୍ରିମକୋର୍ଟ ଜଣେ ଅଲିମ୍ପିଆନ କୁସ୍ତିଯୋଦ୍ଧା ସୁଶୀଲ କୁମାରଙ୍କ ଜାମିନକୁ ବାତିଲ କରିଛନ୍ତି। ସୁପ୍ରିମକୋର୍ଟ ସୁଶୀଲ କୁମାରଙ୍କୁ ଏକ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟ ମାର୍ଚ୍ଚ ମାସରେ ସୁଶୀଲ କୁମାରଙ୍କୁ ନିୟମିତ ଜାମିନ ପ୍ରଦାନ କରିଥିଲେ। ତାଙ୍କୁ ମେ ୨୦୨୧ରେ ହତ୍ୟା ମାମଲାରେ ଗିରଫ କରାଯାଇଥିଲା।

ସୁଶୀଲ କୁମାର ହେଉଛନ୍ତି ଜୁନିଅର ମଲ୍ଲଯୋଦ୍ଧା ସାଗର ଧନକରଙ୍କ ହତ୍ୟାର ମୁଖ୍ୟ ଅଭିଯୁକ୍ତ। ବୁଧବାର ବିଚାରପତି ସଞ୍ଜୟ କରଲ ଏବଂ ବିଚାରପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ ସୁଶୀଲ କୁମାରଙ୍କୁ ଜାମିନ ପ୍ରଦାନ କରିବା ପାଇଁ ଦିଲ୍ଲୀ ହାଇକୋର୍ଟର ମାର୍ଚ୍ଚ ୪ ତାରିଖର ଆଦେଶକୁ ଖାରଜ କରିଦେଇଛନ୍ତି।

ବିଚାରପତି ସଞ୍ଜୟ କରଲ ରାୟର ମୁଖ୍ୟ ଅଂଶ ପଢ଼ିବା ସମୟରେ ଜାମିନ ଆଦେଶ ବିରୋଧରେ ସାଗରଙ୍କ ପିତାଙ୍କ ଦ୍ୱାରା ଦାୟର ଆବେଦନକୁ ଗ୍ରହଣ କରିଛନ୍ତି।

# ବିସିସିଆଇକୁ ଭଜ୍ଜିଙ୍କ ସମାଲୋଚନା



ନୂଆଦିଲ୍ଲୀ,୧୩।୮: ଏସିଆ କପ୍ ୨୦୨୫ ଭାରତ-ପାକିସ୍ତାନ ମ୍ୟାଚ୍ ନେଇ ବିସିସିଆଇର ନୀତିକୁ ହରଭଜନ ସିଂଙ୍କ କଡ଼ା ସମାଲୋଚନା। ପୂର୍ବତନ ଭାରତୀୟ କ୍ରିକେଟର ହରଭଜନ ସିଂ ଏସିଆ କପ୍ ୨୦୨୫ରେ ଭାରତ-ପାକିସ୍ତାନ ମ୍ୟାଚ୍ ନେଇ ବିସିସିଆଇର ନୀତିକୁ କଡ଼ା ସମାଲୋଚନା କରିଛନ୍ତି । ହରଭଜନ କହିଛନ୍ତି, ଆମେ ଗୋଟିଏ କ୍ରିକେଟ ମ୍ୟାଚ୍ ଖେଳିବାକୁ ଏଡ଼ାଇ ପାରିବୁ ନାହିଁ । ହରଭଜନଙ୍କ ମତରେ, ରକ୍ତ ଓ ପାଣି ଏକାସାଙ୍ଗରେ ବହିପାରିବ ନାହିଁ। ଆମେ ପାକିସ୍ତାନକୁ ଏତେ ଗୁରୁତ୍ୱ କାହିଁକି ଦେବା। କ୍ରିକେଟ ମ୍ୟାଚ୍‌କୁ ଛାଡ଼ିବା ବଡ଼ କଥା ନୁହେଁ ବୋଲି ହରଭଜନ କହିଛନ୍ତି।

# ଇଡି ଅଫିସରେ କ୍ରିକେଟର ସୁରେଶ ରାଇନା



ନୂଆଦିଲ୍ଲୀ,୧୩।୮: ଇଡି ନିକଟରେ ହାଜର ହେଲେ ପୂର୍ବତନ କ୍ରିକେଟର ସୁରେଶ ରାଇନା । ଅନଲାଇନ୍ ବେଟିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପଚରାଉଚରା କରୁଛି । ଯୁବରାଜ ସିଂହ, ଶିଖର ଧାୱନ ଏବଂ କିଛି ଫିଲ୍ମ ଷ୍ଟାରଙ୍କୁ ମଧ୍ୟ ପଚରାଉଚରା କରସାରିଛି ଇଡି । ସୁରେଶ ରାଇନାଙ୍କ ଉପରେ ବେଟିଂ ଆପ୍ ୱାନ ଏକ୍ସବେଟର ପ୍ରଚାର କରିବା ଅଭିଯୋଗ ହୋଇଛି । ସେ ଏହାର ବ୍ରାଣ୍ଡ ଆମ୍ବାସାଡର ବୋଲି ଜଣାପଡିଛି । ଠକେଇ ମାମଲାରେ ଇଡି ଅନ୍ୟାନ୍ୟ ବେଟିଂ ଆପ୍‌କୁ ନେଇ ତଦନ୍ତ ଚଳାଇଛି । ଦକ୍ଷିଣ ଭାରତୀୟ ସେଲିବ୍ରିଟି, କ୍ରିକେଟର ଏବଂ ବଲିଉଡ ଷ୍ଟାରମାନେ ଏବେ ଇଡି ନଜରରେ ରହିଛନ୍ତି । ସମାନ ମାମଲାରେ ଇଡି ପୂର୍ବରୁ ଗୁଗୁଲ୍-ମେଟାକୁ ମଧ୍ୟ ସମନ ଜାରି କରିସାରିଛି। ଭାରତରେ ୨୨କୋଟି ଲୋକ କୌଣସି ନା କୌଣସି ଅନଲାଇନ୍ ବେଟିଂ ଆପ୍ ସହିତ ଜଡିତ । ଏଥିମଧ୍ୟରୁ ୧୧କୋଟି ଲୋକ ନିୟମିତ ବ୍ୟବହାରକାରୀ, ଅର୍ଥାତ୍ ସେମାନେ ପ୍ରତିଦିନ ବେଟିଂ ଲଗାନ୍ତି । ୨୦୨୫ବର୍ଷର ପ୍ରଥମ ତିନି ମାସରେ, ଲୋକମାନେ ଏହି ବେଆଇନ ବେଟିଂ ୱେବସାଇଟ୍ ଗୁଡ଼ିକୁ ୧.୬ ବିଲିୟନ ଥର ପରିଦର୍ଶନ କରିଛନ୍ତି।ଭାରତରେ ଅନଲାଇନ୍ ବେଟିଂ ବଜାର ବର୍ତ୍ତମାନ ୧୦୦ବିଲିୟନ ଡଲାର (୮.୩ ଲକ୍ଷ କୋଟି) ରୁ ଅଧିକ ମୂଲ୍ୟର ଏବଂ ପ୍ରତିବର୍ଷ ୩୦% ହାରରେ ବୃଦ୍ଧି ପାଉଛି । ଆକଳନ କରାଯାଇଛି ଯେ, ଶ୍ରେଷ୍ଠ ବେଟିଂ ଆପ୍ ପ୍ରତିବର୍ଷ ୨୭,୦୦୦ କୋଟି ଟଙ୍କାର ଟିକସ ଫାଙ୍କି ଦେଉଛନ୍ତି।

# ୪୨ କୋଟିର ହୀରା ମୁଦି ପ୍ରେମିକାଙ୍କୁ ଦେଲେ ରୋନାଲ୍ଡୋ



ନୂଆଦିଲ୍ଲୀ,୧୩।୮: ପର୍ତ୍ତୁଗୀୟ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ତାଙ୍କ ଦୀର୍ଘଦିନର ଗାର୍ଲଫ୍ରେଣ୍ଡ ଜର୍ଜିନା ରଡ୍ରିଗେଜଙ୍କୁ ବିବାହ ପ୍ରସ୍ତାବ ଦେଇଛନ୍ତି। ଜର୍ଜିନା ସୋସିଆଲ ମିଡିଆରେ ଏକ ବିଶାଳ ହୀରା ମୁଦି ପ୍ରଦର୍ଶନ କରି ଏହି ଖବର ନିଶ୍ଚିତ କରିଛନ୍ତି, ଯାହା ପ୍ରଶଂସକମାନଙ୍କୁ ଉତ୍ସାହିତ କରିଛି। ମୁଦିଟି ପ୍ରାୟ ୫ ସେଣ୍ଟିମିଟର ଲମ୍ବା, ଯେଉଁଥିରେ ଏକ ବଡ଼ ଓଭାଲ ଆକୃତିର ହୀରା ସହ ଦୁଇଟି ଛୋଟ ହୀରା ରହିଛି। ଜୁଏଲାରୀ ବିଶେଷଜ୍ଞ କହିଛନ୍ତି ଯେ ମୁଖ୍ୟ ହୀରାଟି ୨୫-୩୦ କ୍ୟାରେଟ ମଧ୍ୟରେ ହୋଇପାରେ, ଅନ୍ୟ ବିଶେଷଜ୍ଞମାନେ ଏହାକୁ ଅତି କମରେ ୧୫ କ୍ୟାରେଟ ବୋଲି କହିଛନ୍ତି। ଫ୍ରାଙ୍କ ଡାର୍ଲିଂର ପ୍ରତିଷ୍ଠାତା କେଗାନ ଫିଶରଙ୍କ ମତେ, ପାର୍ଶ୍ୱରେ ଥିବା ଦୁଇଟି ହୀରା ପ୍ରାୟ ୧ କ୍ୟାରେଟ ପ୍ରତ୍ୟେକ। ଏହି ହୀରାର ଗୁଣବତ୍ତା ଓ ଆକାର ଏହାକୁ ଅତ୍ୟନ୍ତ ପ୍ରିମିୟମ ବୋଲି ସୂଚାଏ। ବିଶେଷଜ୍ଞମାନେ ମୁଦିର ମୂଲ୍ୟ ୨-୫ ମିଲିୟନ ଡଲାର (ପ୍ରାୟ ୧୬.୮ କୋଟିରୁ ୪୨ କୋଟି ଟଙ୍କା) ମଧ୍ୟରେ ବୋଲି ଆକଳନ କରିଛନ୍ତି। ଲୋରେଲ ଡାଏମଣ୍ଡସର ଲରା ଟେଲର ଏହାର ନ୍ୟୁନତମ ମୂଲ୍ୟ ୨ ମିଲିୟନ ଡଲାର ବୋଲି କହିଛନ୍ତି, ଆଉ ରେୟାର କାରାଟର ସିଇଓ ଅଜୟ ଆନନ୍ଦ ଏହାକୁ ୫ ମିଲିୟନ ଡଲାର ପର୍ଯ୍ୟନ୍ତ ଆକଳନ କରିଛନ୍ତି।

# ହିଟ୍‌ମ୍ୟାନ୍ କିଣିଲେ ଲମ୍ବରଗିନି ଉର୍ସୁ କାର, ଗାଡ଼ି ନମ୍ବର ପଛରେ ଲୁଚିଛି ରହସ୍ୟ



ନୂଆଦିଲ୍ଲୀ ୧୩।୮: ଟିମ୍ ଇଣ୍ଡିଆର ପୂର୍ବତନ କ୍ୟାପଟେନ । ଏକ କମଳା ଲମ୍ବରଗିନିନି ଉର୍ସୁ କାର କିଣିଛନ୍ତି । ଯାହା ଦେଖିବାକୁ ବହୁତ ସୁନ୍ଦର । କିନ୍ତୁ ରୋହିତଙ୍କ କାର ଅପେକ୍ଷା ଏହାର ନମ୍ବର ପ୍ଲେଟ୍ ବିଷୟରେ ହେଉଛି ଅଧିକ ଚର୍ଚ୍ଚା । ଯାହାର ନମ୍ବର ରହିଛି ୩୦୧୫। ଏହାପଛରେ ଲୁଚିଛି ଏକ ରହସ୍ୟ । ଏବେ ପ୍ରଶ୍ନ ଆସୁଛି ରୋହିତଙ୍କ ଲମ୍ବରଗିନି କାରର ନମ୍ବର ୩୦୧୫ କାହିଁକି ?

ରିପୋର୍ଟ ଅନୁଯାୟୀ, ରୋହିତଙ୍କ ଝିଅର ନାମ ସମାଇରା ଶର୍ମା । ଯିଏ ରୋହିତ ଓ ରିତିକାଙ୍କ ପ୍ରଥମ ସନ୍ତାନ । ସମାଇରା ୩୦ ଡିସେମ୍ବର ୨୦୧୮ରେ ଜନ୍ମଗ୍ରହଣ କରିଥିଲେ । ସୋସିଆଲ ମିଡିଆରେ ଦାବି କରାଯାଉଛି ଯେ କମଳା ରଙ୍ଗର ଲମ୍ବରଗିନି କାରର ପ୍ରଥମ ୨ ନମ୍ବର ଏଥିରେ ଅଛି ।

ସେହି ସମୟରେ ରିତିକା ୨୦୨୪ରେ ଏକ ପୁଅକୁ ଜନ୍ମ ଦେଇଥିଲେ । ରୋହିତଙ୍କ ପୁଅ ୧୫ ନଭେମ୍ବରରେ ଜନ୍ମ ହୋଇଥିଲା। କାରରେ ଶେଷ ୨ ନମ୍ବର ପୁଅର ଜନ୍ମ ତାରିଖରେ ଅଛି। ତେବେ ଏହି ୨ ନମ୍ବରକୁ ମିଶାଇଲେ ୪୫ ଆସିଥାଏ । ଆଉ ପ୍ରତ୍ୟେକ କ୍ରିକେଟ ଫ୍ୟାନ୍ସ ଜାଣନ୍ତି ଯେ ଏହା ତାଙ୍କର ଜର୍ସି ନମ୍ବର।

# ୨୦ ବର୍ଷ ପରେ ଭାରତ ଆୟୋଜନ କରିବ କମନୱେଲ୍ଥ ଗେମ



ନୂଆଦିଲ୍ଲୀ,୧୩।୮: ଭାରତ ପୁଣିଥରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ପ୍ରସ୍ତୁତ। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ବୁଧବାର, ଅଗଷ୍ଟ ୧୩ ତାରିଖରେ ଭାରତକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଆନୁଷ୍ଠାନିକ ଭାବରେ ଅନୁମୋଦନ କରିଛି। ୨୦୨୩ରେ ଅହମଦାବାଦରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ପାଇଁ ଅଲିମ୍ପିକ ସଂଘକୁ ଏକ ପ୍ରସ୍ତାବ ପଠାଯାଇଥିଲା। ଏବେ ଭାରତକୁ ଅଗଷ୍ଟ ୩୧ ସୁଦ୍ଧା ଚୂଡ଼ାନ୍ତ ବିଡ ପାଇଁ ଏକ ପ୍ରସ୍ତାବ ଦାଖଲ କରିବାକୁ ପଡିବ। ଭାରତୀୟ ଅଲିମ୍ପିକ ସଂଘର ଯୁଗ୍ମ ସଚିବ କଲ୍ୟାଣ ଚୌବେ ସ୍ୱତନ୍ତ୍ର ସାଧାରଣ ବୈଠକରେ କହିଛନ୍ତି ଯେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ସର୍ବସମ୍ମତିକ୍ରମେ ଅନୁମୋଦନ ପାଇଛି। ଏବେ ଭାରତ ଏଥିପାଇଁ ପୂର୍ଣ୍ଣ ବଳରେ ପ୍ରସ୍ତୁତି କରିବ। ୨୦୩୦ରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗୁଜରାଟର ରାଜଧାନୀ ଅହମଦାବାଦରେ ଅନୁଷ୍ଠିତ ହେବ। ଭାରତ ସହିତ କାନାଡା ମଧ୍ୟ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଆବେଦନ କରିଥିଲା, କିନ୍ତୁ ଏହି ଦେଶ ବାଦ ପଡ଼ିବା ପରେ, ଭାରତର ନାମ ଏବେ ଅନୁମୋଦନ ପାଇଛି। କାର୍ଯ୍ୟକାରୀ ପରିଷଦ ସଦସ୍ୟ ରୋହିତ ରାଜପାଲ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ରେ ସେହି ସମସ୍ତ କ୍ରୀଡ଼ା ରଖାଯିବ, ଯେଉଁଥିରେ ଆମର ପଦକ ଜିତିବାର ସମ୍ଭାବନା ଅଧିକ। ରୋହିତ ରାଜପାଲ ଆହୁରି କହିଛନ୍ତି ଯେ ୨୦୨୬ ମସିହାରେ ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଥିରେ ହକି, କୁସ୍ତି, ବ୍ୟାଡମିଣ୍ଟନ ଏବଂ ସୁଟିଂକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ ଏବଂ ଏହା ପଛରେ କାରଣ ଦର୍ଶାଯାଇଛି ଯେ ଏଗୁଡ଼ିକର ମୂଲ୍ୟ ଅଧିକ। ରାଜପାଲ କହିଛନ୍ତି ଯେ ଏହି ପ୍ରତିଯୋଗିତାରେ ଖେଳଗୁଡ଼ିକୁ ତିନୋଟି ଗୋଷ୍ଠୀରେ ରଖାଯାଇଛି। ପ୍ରଥମତଃ, ସେହି ଖେଳଗୁଡ଼ିକ ଯାହା ସର୍ବଦା ଅନୁଷ୍ଠିତ ହୋଇଆସୁଛି। ଦ୍ୱିତୀୟତଃ, ଯେଉଁଗୁଡ଼ିକୁ ଆୟୋଜକ ଦେଶ ବାଛିପାରିବ। ତୃତୀୟଟି ଅତିରିକ୍ତ ଖେଳ, ଯେଉଁଥିରେ ପାରମ୍ପରିକ ଏବଂ ସ୍ୱଦେଶୀ ଖେଳ ଅନ୍ତର୍ଭୁକ୍ତ ହୋଇପାରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚାଷୀଙ୍କ...

ଲିମିଟେଡ୍ କମ୍ପାନୀକୁ ଏଥିପାଇଁ ଚୟନ କରିଛନ୍ତି। ସେହିପରି ରାଜ୍ୟ ସରକାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଗୁରୁତ୍ୱ ଦେଉଛନ୍ତି। ଏହାର ଅଧିକ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେଇଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗରେ ସ୍ୱତନ୍ତ୍ର ସଂଗ୍ରହଳୟ ପାଇଁ ନିଯୁକ୍ତି ପାଇଁ କ୍ୟାଡର ଗଠନ ହେବ। ଏଥିରେ ଅତିରିକ୍ତ ସଚିବ ପାହ୍ୟା ଅଧିକାରୀ ମୁଖ୍ୟ ରହିବେ। ବର୍ତ୍ତମାନ ସମୟରେ ରାଜ୍ୟରେ ମୋଟ୍ ୧୭ଟି ସଂଗ୍ରହାଳୟ ଥିବା ବେଳେ ଆଗାମୀ ଦିନରେ ଆହୁରି ୩୯ଟି ସଂଗ୍ରହାଳୟ ପ୍ରତିଷ୍ଠା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ଏହାଛଡ଼ା ସହରାଞ୍ଚଳରେ ଆଲୋକୀକରଣ ପାଇଁ ସରକାର ଏଲ୍‌ଇଡି ଲାଇଟ ଲଗାଇବାକୁ ପଦକ୍ଷେପ ନେଇଛନ୍ତି। ନୂଆ ଲାଇଟ ଲାଗିବା ସହ ପୁରୁଣା ଲାଇଟ ମରାମତି କରାଯିବ। ଏଥିପାଇଁ ୩୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଛଡ଼ା ସମ୍ବଲପୁର ସହରବାସୀଙ୍କୁ ୨୪ ଘଣ୍ଟିଆ ପାଣି ମିଳିବ। ହୀରାକୁଦ ଡ୍ୟାମ୍‌ରୁ ପାଣି ଅଣାଯିବ। ଏଥିପାଇଁ ୩୮୨ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ହୋଇଛି। ରାଜ୍ୟରେ ଏବେ ୮ଟି ସରକାରୀ ନର୍ସିଂ କଲେଜ ପରିଚାଳିତ ହେଉଥିବା ବେଳେ ୨୧ଟି ଏଏନ୍‌ଏମ୍ ସେଣ୍ଟର ରହିଛି। ସରକାର ଆହୁରି ୭ଟି ନୂଆ ନର୍ସିଂ କଲେଜ ଖୋଲିବେ। ଏଥିସହ ଓଡ଼ିଶା ନର୍ସିଂ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ସଂସ୍କାର ଅଣାଯିବ ବୋଲି ଶ୍ରୀ ଆହୁଜା କହିଛନ୍ତି।

### ଆନ୍ଦୋଳନରୁ...

ସଂଘର ସଦସ୍ୟମାନେ ବିଭାଗ ପକ୍ଷରୁ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ଅପେକ୍ଷା ନ କରି ସମୂହ ଛୁଟିରେ ଯିବା ପଦକ୍ଷେପ କୌଣସି ଦୃଷ୍ଟିକୋଣରୁ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଏଥିସହ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସମସ୍ତଙ୍କ ଛୁଟି ବାତିଲ ହେବ। କାହାର ବି ଛୁଟି ମଞ୍ଜୁର ହେବନାହିଁ ବୋଲି ସ୍ପଷ୍ଟ କରିଛନ୍ତି ରାଜସ୍ୱ ମନ୍ତ୍ରୀ।

ସୂଚନାଯୋଗ୍ୟ ଯେ ୧୦ ଦଫା ଦାବି ନେଇ ଗତ ସୋମବାରଠାରୁ ଅମଲା ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାର୍ଯ୍ୟ ପର୍ଯ୍ୟନ୍ତ ବନ୍ଦ ଆନ୍ଦୋଳନ ଚାଲୁ ରହିଛି। ସାମୂହିକ ଛୁଟିରେ ରହିବା ସହ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନରେ ବସିଛନ୍ତି ଅମଲା କର୍ମଚାରୀ। ଫଳରେ ସରକାରୀ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଅମଲାଙ୍କ ମୂଳ ଦରମା ଲେଭଲ୍ ୯ କରିବା ସହ ସ୍ୱାସ୍ଥ୍ୟ ବୀମା ପରିମାଣ ୨୦ ଲକ୍ଷକୁ ବୃଦ୍ଧି, ୪ ବର୍ଷରେ ପଦୋନ୍ନତି, ନୂଆ ପେନସନ୍ ଯୋଜନା ରଦ୍ଦ କରି ପୁରୁଣା ପେନସନ୍ ଯୋଜନା ଲାଗୁ ଭଳି ୧୦ ଦଫା ଦାବିରେ ସେମାନେ ଏହି ଆନ୍ଦୋଳନ ଚଳାଇଛନ୍ତି।

ପୂର୍ବରୁ କଳା ବ୍ୟାଜ୍ ପରିଧାନ କରି ସେମାନେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଗତ ୮ ତାରିଖ ସୁଦ୍ଧା ସରକାର କୌଣସି ପ୍ରକାର ପଦକ୍ଷେପ ଗ୍ରହଣ ନ କରିବାରୁ ଶେଷରେ ସେମାନେ ୧୧ରୁ ସମଗ୍ର ରାଜ୍ୟରେ ସମୂହ ଛୁଟିରେ ଯାଇ ପ୍ରତିବାଦ ଚଳାଇଆସୁଛନ୍ତି।

### ଏନକାଉଣ୍ଟରରେ...

ସୂଚନା ଦେଇଛନ୍ତି। ବିଜୟ ଆନ୍ଧ୍ର ପ୍ରଦେଶ କ୍ୟାଡର୍‌ର ସଦସ୍ୟ ଥିବା ବେଳେ ସେ ରାଜନନ୍ଦଗାଓଁ-କାଙ୍କେର୍ ବର୍ଡର୍ (ଆର୍‌କେବି) ଡିଭିଜନ୍ ଅଞ୍ଚଳରେ ଗତ ୧୨ରୁ ୧୪ ବର୍ଷ ହେଲା ସକ୍ରିୟ ଥିଲା। ସେହିପରି ୨୦୦୮ରୁ ମାଓ ସଂଗଠନ ସହ ସାମିଲ୍ ହୋଇଥିବା ଲୋକେଶ ପୂର୍ବରୁ ଗଡ଼ଚିରୌଲିଠାରେ ଆତ୍ମସମର୍ପଣ କରିବା ସହ କାଙ୍କେରଠାରେ ସାଧାରଣ ନାଗରିକ ଭାବେ ଜୀବନ ଅତିବାହିତ କରୁଥିବା ନେଇ ନାଟକବାଜି କରିଆସୁଥିଲା।

ମିଳିଥିବା ସୂଚନାନୁସାରେ, ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାର ମାନପୁର ମୋହଲା ଅଞ୍ଚଳରେ ଆଜି ସକାଳେ ପୁଲିସ ଏବଂ ନକ୍ସଲ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ତେବେ ସକାଳରୁ ପ୍ରବଳ ବର୍ଷା ସତ୍ତ୍ୱେ ଯବାନ ମଦନବାଡ଼ା ଥାନା ଅଞ୍ଚଳର ରେତଗାଓଁ ନିକଟସ୍ଥ ଜଙ୍ଗଲରେ ଚଢ଼ାଉ କରିଥିଲେ। ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ପରେ ଘଟଣାସ୍ଥଳରେ ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଦୁଇ ଜଣ ମାଓବାଦୀଙ୍କର ଶବ ଜବତ କରାଯାଇଥିଲା। ମୃତ ମାଓବାଦୀଙ୍କୁ ଚିହ୍ନଟ କରାଯାଇଥିଲା। ଏସଜେଡସି ବିଜୟ ରେଡ୍ଡୀ ବହୁ ଥର ପୁଲିସ ଗୁଳିରୁ ବର୍ତ୍ତିଯାଉଥିଲା। ଏହି ଦୁଇ ହାର୍ଡକୋର୍ ମାଓବାଦୀ ମୃତ୍ୟୁ ପରେ ଆରକେବି ଡିଭିଜନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ପୁଲିସ ଦୃଢ଼ୋକ୍ତି ପ୍ରକାଶ କରିଛି। ତେବେ ଯବାନମାନେ ଜଙ୍ଗଲରୁ ଫେରିବା ପରେ ହିଁ କେତେ ସଂଖ୍ୟକ ନକ୍ସଲ ମୃତାହତ ହୋଇଛନ୍ତି, ସେନେଇ ସଠିକ ଭାବେ ସୂଚନା ଦିଆଯାଇପାରିବ ବୋଲି ପୁଲିସ କହିଛି।

### ଶିକ୍ଷକଙ୍କୁ...

୧୩୫/୧୧ରେ ଅଡବା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଆଧାରରେ ପ୍ରତାପଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା କହିଛନ୍ତି। ଅଡବା, ମୋହନା, ଆର.ଉଦୟଗିରି ଥାନା ଅଞ୍ଚଳରେ ଆହୁରି ଅନେକ ଶିକ୍ଷକଙ୍କ ନାମରେ ମାଓବାଦୀ ସମ୍ପୃକ୍ତି ଓ ଗଞ୍ଜେଇ ଚୋରା ଚାଲାଣ ମାମଲା ରହିଛି। ସେମାନଙ୍କୁ ତୁରନ୍ତ ଥାନାରେ ଆତ୍ମସମର୍ପଣ କରିବା ପାଇଁ ମଧ୍ୟ କୁହାଯାଇଛି। ଏଥିସହ ବ୍ଲକ ଶିକ୍ଷାଧିକାରୀଙ୍କୁ ପୁଲିସ ପକ୍ଷରୁ ଚିଠି କରାଯାଇଛି। ଯଦି ସେମାନେ ଆତ୍ମସମର୍ପଣ ନ କରନ୍ତି, ତା'ହେଲେ ସେମାନେ ଯେଉଁଠି ଥିଲେ ବି ଗିରଫ ହେବ ବୋଲି ଗଜପତି ଏସ୍‌ପି କହିଛନ୍ତି। ଅପରପକ୍ଷରେ ଏହି ସମ୍ପର୍କରେ ମୋହନା ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର ବେହେରା କହିଛନ୍ତି ଯେ ତାଙ୍କ ପାଖରେ ଅଦ୍ୟାବଧି କୌଣସି ଚିଠି ପହଞ୍ଚିନାହିଁ। ଯଦି କୌଣସି ଶିକ୍ଷକଙ୍କ ନାମରେ ଥାନା ପକ୍ଷରୁ ଚିଠି ଆସେ, ତା'ହେଲେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ସୌର ...

ବୃଦ୍ଧି ଫଳରେ ୨୦୨୧ ରେ ୨୧ ରୁ ୧୦୦ ବୃଦ୍ଧି ପାଇଛି ଯେଉଁମାନେ ଏବେ ୧୨୩ ଉତ୍ପାଦନ ୟୁନିଟ୍ ପରିଚାଳନା କରୁଛନ୍ତି। ଏହି ଅଭିବୃଦ୍ଧିରେ ଉଭୟ ପ୍ରତିଷ୍ଠିତ କମ୍ପାନୀ ଏବଂ ନୂତନ ପ୍ରବେଶକାରୀଙ୍କ ଯୋଗଦାନ ଅନ୍ତର୍ଭୁକ୍ତ, ଯେଉଁମାନଙ୍କ ମଧ୍ୟରୁ ଅନେକ ଉଚ୍ଚ ଦକ୍ଷତା ପ୍ରଯୁକ୍ତିବିଦ୍ୟା ଏବଂ ସମାନ୍ତରାଳ ଭାବେ ସମନ୍ୱିତ ପରିଚାଳନା ଗ୍ରହଣ କରିଛନ୍ତି। ଏହାର ପରିଣାମ ହେଉଛି ଏକ ବିବିଧ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ଉତ୍ପାଦନ ପରିଦୃଶ୍ୟ ଯାହା ଘରୋଇ ଆବଶ୍ୟକତା ପୂରଣ କରିବା ଏବଂ ବିଶ୍ୱ ବଜାରକୁ ସେବା ପ୍ରଦାନ କରିବାରେ ସକ୍ଷମ। ୧୦୦ ଗିଗାୱାଟ୍ ସୌର ମଡ୍ୟୁଲ୍ ଉତ୍ପାଦନ କ୍ଷମତାକୁ ଅତିକ୍ରମ କରିବା ଭାରତୀୟ ସୌର ପିଭି ଉତ୍ପାଦନ କାହାଣୀର ସଫଳତା ଏବଂ ଶିଳ୍ପ, ବିଭିନ୍ନ ରାଜ୍ୟ ସରକାର ଏବଂ ଭାରତ ସରକାରଙ୍କ ସାମୂହିକ ପ୍ରୟାସକୁ ଦର୍ଶାଉଛି।

### ଖୁବଶୀଘ୍ର...

ଆଧାରିତ ହେବ। ସୂଚନାଯୋଗ୍ୟ ଯେ ହାଇଡ୍ରୋଜେନ ଟ୍ରେନ୍ ଦୁନିଆର ସବୁଠାରୁ ଶକ୍ତିଶାଳୀ ଓ ସବୁଠାରୁ ଲମ୍ବା ହାଇଡ୍ରୋଜେନଚାଳିତ ଟ୍ରେନ। ଗତ ଜୁଲାଇରେ ଚେନ୍ନାଇସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରିରେ ଏହାର ପରୀକ୍ଷଣ କରାଯାଇଥିଲା। ଏହି ଟ୍ରେନରୁ ଧୂଆଁ ବଦଳରେ ବାଷ୍ପ ଛାଡ଼ିବ, ଯାହାଦ୍ୱାରା ପ୍ରଦୂଷଣ ହେବ ନାହିଁ। ଏହି ଟ୍ରେନ ପରିବେଶ ଅନୁକୂଳ ରହିବ। କିନ୍ତୁ ଡିଜେଲରେ ଚାଲୁଥିବା ଟ୍ରେନ୍ ତୁଳନାରେ ହାଇଡ୍ରୋଜେନ୍ ଟ୍ରେନ୍ ଅଧିକ ମହଙ୍ଗା। କାରଣ ହାଇଡ୍ରୋଜେନ୍ ଇନ୍ଧନର ଦାମ୍ କିଲୋ ପ୍ରତି ୪୯୨ ଟଙ୍କା ।

### ଆତ୍ମହତ୍ୟା...

ହେଉଛନ୍ତି, ତାଙ୍କୁ ବୁଝେଇବାକୁ ପଡ଼ିବ। ଉଚିତ ଫୋରମ ଅଛି, ତାଙ୍କୁ ସେ ବିଷୟରେ ବୁଝାଇବାକୁ ପଡ଼ିବ। ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ ଛାତ୍ରଛାତ୍ରୀଙ୍କଠୁ ଆରମ୍ଭ କରି ପିତାମାତା ଓ ଶିକ୍ଷକମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯିବ।

### ଆଉ ଏକ...

ଜଣାପଡ଼ିଛି। ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ଆକଳନ କହୁଛି ଯେ ୨୦୨୬ରେ ରାଜ୍ୟରେ ଏକ ବଡ଼ ରାଜନୈତିକ ପରିବର୍ତ୍ତନ ହେବ। ବହୁ ନେତାଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ। ବହୁ ନେତା ରାଜନୀତି ଇତିହାସରୁ ଲିଭିଯିବେ। ତେବେ ଦେଖିବାର କଥା ଯେ ଏହି ଉଦ୍ୟମ କେତେଦୂର ସଫଳ ହେଉଛି।

### ଚରମ...

ପାଇନଥିବା ଅଭିଯୋଗ କରିଥିଲେ। ତଞ୍ଚକତା କରି ମାଥିଲି ଲ୍ୟାମ୍ପସ ତରଫରୁ ସାର କଳାବଜାରୀ କରାଯାଉଥିବା ସ୍ପଷ୍ଟ ହୋଇଯାଇଛି। ଲ୍ୟାମ୍ପସ କର୍ତ୍ତୃପକ୍ଷ ମିଳିମିଶି ସାର ଦୁର୍ନୀତି କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ଶହଶହ ଚାଷୀ ଆଜି ଲ୍ୟାମ୍ପସ ଘେରିବା ସହ ସେମାନଙ୍କୁ ୬ଟି ଲେଖାଏଁ ସାର ପ୍ରଦାନ କରିବାକୁ ଦାବି କରିଥିଲେ। ଶ୍ରୀ ବୁରୁଦା ମଧ୍ୟ ତୁରନ୍ତ ଚାଷୀଙ୍କୁ ଅନଲାଇନରେ ଯାହା ରେକର୍ଡ କରାଯାଇଛି ତାହା ଦେବାକୁ ଦାବି କରିଥିଲେ। ବର୍ତ୍ତମାନ ମାଥିଲି ଲ୍ୟାମ୍ପସରେ ୪୦୭୨ କ୍ୱିଣ୍ଟାଲ ୫୦ କିଲୋ ୟୁରିଆ ସାର ମହଜୁଦ ରହିଥିବା ଜଣାପଡ଼ିଛି। ଏହାର ଉଚିତ ତଦନ୍ତ ହେଲେ ସାର ଦୁର୍ନୀତିର ପର୍ଦ୍ଦାଫାସ ହୋଇପାରିବ ବୋଲି ଚାଷୀ ଦାବି କରିଛନ୍ତି।

### ଗଳାବାଟ...

ଘମାସାନ ଚାଲିଛି। କାରଣ ନିର୍ବାଚନରେ ହାରିବା ପରେ ଆଞ୍ଚଳିକ ଦଳ ଭାବେ ବିଜେଡି ମଧ୍ୟ ଭୋଟ ଚୋରିର ଅଭିଯୋଗ ଆଣିଥିଲା ଓ ରାଜ୍ୟର ୧୯ଟି ବିଧାନସଭା କ୍ଷେତ୍ରରେ ଏଭଳି ଅନିୟମିତତା ହୋଇଥିବା କହିଥିଲା। ଏନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବି ଦଳ ଫେରାଦ ହୋଇଥିଲା। ଏବେ କିନ୍ତୁ କଂଗ୍ରେସ ଆନ୍ଦୋଳନକୁ ଦୃଷ୍ଟିରେ ରଖି ନିର୍ବାଚନରେ ତ୍ରୁଟି ହୋଇଥିବା କହିବାରେ ଲାଗିଛି। ବିଜେଡି କାହିଁକି ଜୋରଦାର ପ୍ରତିବାଦ କରୁନାହିଁ ବୋଲି ଏବେ ଦଳୀୟ କର୍ମୀମାନେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି।

ଦୁଇ ଦୁଇଟି ଘଟଣାରେ ଅକଳରେ ପଡିବା ପରେ ଉପରାଷ୍ଟ୍ରପତି ନିର୍ବାଚନରେ ଯେଭଳି ଦଳର ଭାବମୂର୍ତ୍ତି କ୍ଷତିଗ୍ରସ୍ତ ନହୁଏ, ସେଥିପାଇଁ ଏବେଠାରୁ ଗଳାବାଟ ଖୋଜା ଆରମ୍ଭ ହୋଇଛି। ଏହାର ସର୍ବଶ୍ରେଷ୍ଠ ବାଟ ଭୋଟଦାନ ସମୟରେ ଅନୁପସ୍ଥିତ ବୋଲି ଦଳ ଭିତରେ ଆଲୋଚନା ଚାଲିଥିବା ବେଳେ ଏ ନେଇ କର୍ମୀଙ୍କୁ କିଭଳି ବୁଝାଇବେ, ତାହାକୁ ନେଇ ମାମଲତକାରମାନେ ଅଡୁଆରେ ପଡିଥିବା ଲକ୍ଷ୍ୟ କରାଯାଉଛି।

# କାଳିସୀ ମହିଳାଙ୍କ ବେତ ମାଡ଼ରେ ୨ ନାବାଳିକା ଗୁରୁତର : ୪ ଗିରଫ

ଧର୍ମଶାଳା, ୧୩।୮(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରୀ ଗ୍ରାମ ନିକଟସ୍ଥ ଏକ ମନ୍ଦିରରେ ପୂଜା ସହ ଗଣିଗାରେଡ଼ି ଘଟଣାରେ ୨ ଜଣ ନାବାଳିକାଙ୍କ ସହ ତାଙ୍କ ପରିବାର ଲୋକଙ୍କୁ ମାଡ଼ମାରି ଲହୁଲୁହାଣ କରିବା ଘଟଣାରେ ପୋଲିସ ୨ ଜଣ ମହିଳା ଓ ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସେମାନେ ହେଲେ ପନ୍ତୁରୀ ଗ୍ରାମର ସୁବାସ ଦେଉରୀ, ଗେଡ଼ି ଦେଉରୀ, ବ୍ରହ୍ମବରଦା ଥାନା ଅନ୍ତର୍ଗତ ଚାରିଗାରପୁର ଗ୍ରାମର ଅଭିମନ୍ୟୁ ଓଝା ଓ ସ୍ଥାନୀୟ ଆଦାମପୁର ଗ୍ରାମର ତୁଳସୀ ମହାକୁଡ ବୋଲି ଜଣାପଡ଼ିଛି।

# ମଧ୍ୟାହ୍ନଭୋଜନ ଦୁର୍ନୀତିରେ ପ୍ରଧାନଶିକ୍ଷକ ନିଲମ୍ବିତ

କେନ୍ଦୁଝର, ୧୩।୮(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ପାଟଣା ବ୍ଲକ ଗସ୍ତ ସମୟରେ କେନ୍ଦେଇପଶି ପଞ୍ଚାୟତର ଖୁଣ୍ଟାପଡ଼ା ଅଙ୍ଗନବାଡି କେନ୍ଦ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଖୁଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାନ ଭୋଜନ ଯାଞ୍ଚ କରିଛନ୍ତି। ଯାଞ୍ଚ ସମୟରେ ଖୁଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶୌଚାଳୟ ତାଲା ପଡ଼ିଥିବା, ପରିବେଶ ଅପରିଷ୍କାର ଥିବା ଏବଂ ମଧ୍ୟାହ୍ନ ଭୋଜନରେ ଗଫଲତି କରି ୨ଛାତ୍ରଙ୍କ ମିଲ୍ସ ଅଧିକ ପକାଇ ଥିବା ଯାଞ୍ଚ ସମୟରେ ଦେଖିବାକୁ ପାଇଥିଲେ। ଏନେଇ ଜିଲ୍ଲାପାଳ ପ୍ରଧାନ ଶିକ୍ଷକ ମୌଜିରାମ ପାତ୍ରଙ୍କୁ ନିଲମ୍ବିତ କରିଛନ୍ତି। ପାଟଣା ବିଇଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୭୧୨/୨୫ରେ ଶ୍ରୀ ପାତ୍ରଙ୍କୁ ନିଲମ୍ବିତ କରାଯାଇଥିବା ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାତ ସୂଚନା ଦେଇଛନ୍ତି।

# ୨ଟି ପିକ୍‌ଅପ୍‌ରୁ ୩ ମୃତ, ୩୨ଟି ଜୀବନ୍ତ ବାଛୁରୀ ଉଦ୍ଧାର

ଧର୍ମଶାଳା, ୧୩।୮(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ଦିନକୁ ଦିନ ବିଭିନ୍ନ ଉପାୟରେ ଗୋ ଚାଲାଣକାରୀମାନେ ସକ୍ରିୟ ଅଛନ୍ତି। ଏପରିକି ସ୍ଥାନୀୟ ପ୍ରଶାସନକୁ ହାତବାରିସୀ କରି ବେଧଡ଼କଭାବେ ଏହି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଗଲା କିଛିଦିନ ହେବ ବଡ଼ଚଣା ଥାନା ପକ୍ଷରୁ ନିୟମିତଭାବେ ପାଟ୍ରୋଲିଂ କଡ଼ାକଡି କରିବାରୁ ଏହି ଚାଲାଣରେ ସାମାନ୍ୟ ବ୍ରେକ୍ ଲାଗିଛି। ମଙ୍ଗଳବାର ବିଳମ୍ବିତ ରାତିରେ ୨ଟି କ୍ଷୀର ବୁହା ପିକଅପ୍ ଗାଡ଼ି ଯାଉଥିବା ସମୟରେ ସନ୍ଦେହ ହୋଇଥିଲା। ତାକୁ ସ୍ଥାନୀୟ ଲୋକେ ଓ ପୋଲିସ ପକ୍ଷରୁ ଅଟକା ଯାଇଥିଲା। ତେବେ ଗାଡି ଭିତରୁ ୩୨ଟି ଜୀବନ୍ତ ବାଛୁରୀ ଓ ୩ଟି ମୃତ ବାଛରୀକୁ ଉଦ୍ଧାର କରାଯାଇଥିଲା। ବାଛୁରୀଗୁଡିକୁ ସ୍ଥାନୀୟ ଗୋ ସେବାକାରୀଙ୍କୁ ହସ୍ତାନ୍ତରିତ କରାଯାଇଥିଲା। ଏହି ଘଟଣାରେ ଗାଡିଚାଳକ ଓ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

# ଚାଲାଣ ବେଳେ ଉଦ୍ଧାର ହେଲେ ୨୦ ଦାଦନ

ବାରିପଦା,୧୩।୮(ସଂଚାର ବ୍ୟୁରୋ): ଦାଦନ ମୁକ୍ତ ଓଡ଼ିଶା ନାରାରେ ସରକାର ବଦଳିଲେ ସୁଦ୍ଧା ବଦଳୁନି ଦାଦନ ଶ୍ରମିକର ଦୁଃଖ। ମୟୂରଭଞ୍ଜ ଜିଲ୍ଲାରୁ ଗୁଜରାଟକୁ ଦାଦନ ଶ୍ରମିକ ଚାଲାଣ ବେଳେ ଜିଲ୍ଲାର ସାରସକଣା, ବାଙ୍ଗିରିପୋଷି, କୁଳିଅଣା, ଶୁଳିଆପଦା ଆଦି ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ଦାଦନ ଶ୍ରମିକ ଉଦ୍ଧାର ହୋଇଛନ୍ତି। ଗୁଜରାଟରେ ଉଚ୍ଚ ବେତନରେ କାର୍ଯ୍ୟ କରିବେ ବୋଲି ମିଛ ପ୍ରତିଶ୍ରୁତି ଦେଇ ଦଲାଲ ଏମାନଙ୍କୁ ନେଉଥିଲେ। ବାରିପଦାର ମଞ୍ଚାବନ୍ଧା ନିକଟସ୍ଥ ଏକ ହୋଟେଲରେ ଦାଦନ ଶ୍ରମିକ ନେଇ ଯାଉଥିବା ବସ୍‌ଟି ଅଟକିଥିଲା। ଯାହାକୁ ନେଇ ସନ୍ଦେହ ହେବାରୁ ବିଜେଡିର ପ୍ରତିନିଧି ଦଳ ଗାଡିକୁ ଅଟକାଇ ପଚରାଉଚରା କରିଥିଲେ। କେହି ସଠିକ ଭାବେ କେଉଁଠି କି ଯାଉଛନ୍ତି କହିପାରି ନଥିଲେ। ଯାହାକୁ ନେଇ ସନ୍ଦେହ ହେବାରୁ ଗାଡି ଅଟକାଇ ପୁଲିସ ଓ ଶ୍ରମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚିବାରୁ ବସ ଚାଳକ ଓ ଦାଦନ ଶ୍ରମିକ ନେଇ ଯାଉଥିବା ଦଲାଲମାନେ ସେଠାରୁ ଚମ୍ପଟ ମାରିଥିଲେ। ଶ୍ରମିକ ବିଭାଗ ଅଧିକାରୀ ଯାଞ୍ଚ କରିବାରୁ ବିନା କୋଣସି ବୈଧ ଲାଇସେନ୍ସ କିମ୍ବା କାଗଜପତ୍ରରେ ଗୁଜରାଟକୁ ଦାଦନ ଶ୍ରମିକ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ବସ ଓ ଶ୍ରମିକଙ୍କୁ ବାରିପଦା ସଦର ଥାନାକୁ ନେଇ ପଚରାଉଚରା କରିବା ପରେ ଶ୍ରମିକମାନଙ୍କୁ ଘରକୁ ଛାଡି ଦେଇଥିଲେ। ବସକୁ ଅଟକ ରଖିଥିବା ବେଳେ ଶ୍ରମିକ ନେଇ ଯାଉଥିବା ଦଲାଲମାନଙ୍କୁ ଖୋଜା ଖୋଜି ଜାରି ରହିଛି।

## ତିରଙ୍ଗା ବାଣ୍ଟିଲେ ବ୍ରହ୍ମପୁର ବିଧାୟକ



ବ୍ରହ୍ମପୁର,୧୩।୮ (ସଂଚାର ବ୍ୟୁରୋ): ଦେଶ ବ୍ୟାପି ଜାରି ରହିଛି ହର ଘର ତିରଙ୍ଗା ଅଭିଯାନ। ଏନେଇ ସ୍ୱାଧୀନତା ଦିବସ ପୂର୍ବରୁ ତିରଙ୍ଗା ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି। ଆଜି ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଘର ଘର ବୁଲି ତିରଙ୍ଗା ବଣ୍ଟନ କରିଛନ୍ତି। ସ୍ଥାନୀୟ ୩୩ ନମ୍ବର ୱାର୍ଡରେ ଆୟୋଜିତ ତିରଙ୍ଗା ବଣ୍ଟନ କାର୍ଯ୍ୟରେ ଯୋଗ ଦେଇ ପ୍ରତ୍ୟେକ ଘରେ ତିରଙ୍ଗା ବାଣ୍ଟିବା ସହ ଏହି ଅଭିଯାନକୁ ସଫଳ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ବିଧାୟକ କହିଥିଲେ, ଜାତୀୟ ପତାକା ପ୍ରତି ସମ୍ମାନ ବୃଦ୍ଧି କରିବା ସହ ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମ ଓ ଏକତାର ଭାବନା ସୃଷ୍ଟି କରିବା ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ଏହାର ମୂଳ ଉଦେଶ୍ୟ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟରଙ୍କ ସମେତ ଦଳୀୟ କର୍ମୀ ଓ ବହୁ ସାଧାରଣ ଜନତା ସାମିଲ ହୋଇଥିଲେ।

## ବିଧାୟକଙ୍କ କରକମଳରେ ନୂତନ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ



ନାଉଗାଁ,୧୩।୮ (ସଂଚାର ବ୍ୟୁରୋ): ନାଉଗାଁ କୋରୁଆ ପଞ୍ଚାୟତର ଗାରୋଇ ନିକଟରେ ଓମଫେଡ ପକ୍ଷରୁ ଏକ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀ କରଣ କେନ୍ଦ୍ର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ବିଧାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ କଟକ ଦୁଗ୍ଧ ଶୀତଳୀ କରଣ କେନ୍ଦ୍ରର ଅଧକ୍ଷ ଆର୍ତ୍ତତ୍ରାଣ ପତି, ସାଧାରଣ ପରିଚାଳକ ଦିଗମ୍ବର ନାୟକ, ଜଗତସିଂହପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶଶାଙ୍କ ଶେଖର ନାୟକ, କୋରୁଆ ପଞ୍ଚାୟତର ସମିତି ସଭ୍ୟ ପପୁ ମଲ୍ଲିକ ଓ ଅନ୍ୟ ମାନ୍ୟଗଣ ଅତିଥି ଙ୍କ ସହିତ ଶତାଧିକ ଦୁଗ୍ଧ ଚାଷୀ ଏହି ଉଦଘାଟନୀ ଉତ୍ସବରେ ସାମିଲ ହୋଇଥିଲେ । ଅନ୍ୟପଟେ ମାନ୍ୟବର ବିଧାୟକ ଶ୍ରୀ ଦାସ ନିଜର ଅଭିଭାଷଣ ମାଧ୍ୟମରେ ଏହି ଦୁଗ୍ଧ ଶୀତଳୀ କରଣ କେନ୍ଦ୍ର ଖୋଲା ହେବା ଦ୍ୱାରା ସ୍ଥାନୀୟ ଦୁଗ୍ଧ ଚାଷୀ ଙ୍କର ଦୁଗ୍ଧ ବ୍ୟବସାୟ କ୍ଷେତ୍ରରେ ବ୍ୟାପକ ସମୃଦ୍ଧି ହେବ ବୋଲି ପ୍ରକାଶ କରିଥିଲେ ।

## ଜିଲ୍ଲାସ୍ତରୀୟ ହର ଘର ତ୍ରିରଙ୍ଗା ରାଲି



ଖୋର୍ଦ୍ଧା,୧୩।୮ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନ ୯.୦୦ ଘଟିକାରେ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ହର ଘର ତିରଙ୍ଗା ଏକ ବିଶାଳ ରାଲି ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ପୌରହିତ୍ୟରେ ଜିଲ୍ଲା ଅଫିସ ପରିସରରୁ ଜୟୀ ରାଜଗୁରୁ ଟାଉନ ହଲ ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ , ଅବକାରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ ଦେଶ ମାତୃଭୂମି ସେବାରେ ସମସ୍ତ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ମାନ୍ୟବର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ରାଷ୍ଟ୍ର ପାଇଁ ଆମେ ସମସ୍ତେ ସେବା କରିବାର ଅଛି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମାନ୍ୟବର ବିଧାୟକ, ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କହିଲେ ଦେଶ ପାଇଁ ଭକ୍ତି, ଭାବ, ପ୍ରେମ ବନ୍ଦନୀୟ । ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରତାପ ଚନ୍ଦ୍ର ଦେଉରୀ ହର ଘର ତିରଙ୍ଗା ଅଭିଯାନ ତିରଙ୍ଗା ରାଲି, ତିରଙ୍ଗା ସାଂସ୍କୃତିକ କାର୍ଯ୍ୟକ୍ରମ,ଓ ତିରଙ୍ଗା ମେଳାର ସମସ୍ତ କାର୍ଯ୍ୟକ୍ରମ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ତିରଙ୍ଗା ବିଶାଳ ରାଲି ଭାରତ ମାତାର ଜୟ ଜୟ ଧ୍ୱନିରେ ଜୟୀ ରାଜଗୁରୁ ଟାଉନ ହଲ୍ ଠାରେ ପହଞ୍ଚିଥିଲା। ରାଲିରେ ସମସ୍ତ ବର୍ଗର ଜନ ସାଧାରଣ ଯୋଗ ଦେଇଥିଲେ ।

# ସଞ୍ଜ ନଇଁଲେ 'ଓପନ୍ ବାର' ପାଲଟୁଛି ମିନିଷ୍ଟାଡିୟମ ପରିସର

ହିଞ୍ଜିଳିକାଟୁ,୧୩।୮ (ସଂଚାର ବ୍ୟୁରୋ): ଯୁଆଡେ ଦେଖିଲେ ମଦ ବୋତଲ ଓ ଗ୍ଲାସ । କେଉଁଠି ଭଙ୍ଗା ପଡିଛି ତ ଆଉ କେଉଁଟି ପଲିଥିନରେ ଭର୍ତ୍ତି କରି ଥୋଇ ଦିଆଯାଉଛି । ଏହି ଦୃଶ୍ୟ ହେଉଛି ହିଞ୍ଜିଳିକାଟୁ ମିନିଷ୍ଟାଡିୟମ ପଡ଼ିଆର। ଏହି ପ୍ରମୁଖ ପଡିଆ ଏବେ ତାର ମୂଳ ଲକ୍ଷ୍ୟଠୁ ଦୂରେଇବାରେ ଲାଗିଛି । ଉକ୍ତ ସହରର କ୍ରିକେଟର କଥା କହୁଥିବା ଏହି ପଡିଆ ଏବେ ସଞ୍ଜ ନଇଁଲେ ପାଲଟି ଯାଉଛି ଏକ ପ୍ରକାର ଓପନ୍ ବାର । ରାତି ସାରା ପଡିଆ ଗେଟ ମୁକୁଳା ପଡୁଥିବାରୁ ଲୋକଙ୍କ ଅବାଧ ଯାତାୟାତ କରୁଛନ୍ତି । ଜମୁଛି ମଦର ଆସର, କିନ୍ତୁ ଜଗିବାକୁ କି କହିବାକୁ କେହି ନଥିବାରୁ କେବଳ ଅସାମଜିକ ଆଡ୍ଡା ଜମୁଥିବା ବେଳେ ହିଞ୍ଜିଳି ମିନିଷ୍ଟାଡିୟମ ପଡିଆ ତାର ପୂର୍ବ ଗାରିମା ହରାଇବା ସହ କ୍ରୀଡା ଭିତ୍ତିଭୂମି ମାଟିରେ ମିଶିବାକୁ ବସିଲାଣି।

ହିଞ୍ଜିଳି ସହରର ଛାତି ଉପରେ ଅବସ୍ଥିତ ଏହି ମିନିଷ୍ଟାଡିୟମ ପଡିଆ। ଏହା ବହୁ ଗୌରବମୟ ଇତିହାସର ମୁକସାକ୍ଷୀ । ଏହି ପଡିଆରେ ଉକ୍ତ ସହର ସମେତ ଏହାର ଆଖପାଖର ବହୁ ଛାତ୍ରମାନେ ଆସି କ୍ରିକେଟ ଖେଳନ୍ତି ଓ ଦୈନିକ ପ୍ରାତଃ ଭ୍ରମଣକାରୀ ଆସନ୍ତି । ତେବେ ଛୁଟି ଦିନରେ ମଧ ଛାତ୍ର ମାନଙ୍କ ସଂଖ୍ୟା ଏହି ପଡିଆରେ ଶହ ଶହରେ ପହଂଚିଥାଏ।



ଯୁଆଡେ ଦେଖିଲେ ମଦ ବୋତଲ ଓ ଗ୍ଲାସ

ଚିନ୍ତାରେ ଖେଳାଳି ଓ ପ୍ରାତଃ ଭ୍ରମଣକାରୀ

ଏହି ପଡିଆର ଭୌଗୌଳିକ ଅବସ୍ଥିତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଶତାଧିକ କ୍ରୀଡାପ୍ରେମୀଙ୍କୁ ଆକର୍ଷିତ କରିଥାଏ।

ତେବେ ଏହି ପଡିଆ ଏବେ ନିଜର ସ୍ୱତନ୍ତ୍ରତା ହରାଇବାକୁ ବସିଛି। ସନ୍ଧ୍ୟା ହେଲେ ଏହି ପଡିଆ କେତେକ ଅସାମାଜିକ ଲୋକଙ୍କ ପାଇଁ ଆଡ୍ଡାସ୍ଥଳୀ ପାଲଟୁଛି। ସଞ୍ଜ ନଇଁବା ପରେ ଅନ୍ଧାରର ସୁଯୋଗରେ ଏହି ପଡିଆରେ ବହୁ ଆସାମାଜିକ ଯୁବକଙ୍କ ଭିଡ ଜମୁଛି। ନିୟମିତ ଭାବରେ ଏହି ଯୁବକମାନେ ଦଳ ବଳ ହୋଇ ପଡିଆରେ ବସି ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ସେବନ କରୁଛନ୍ତି। ନିଶା ସେବନ ପରେ ସେମାନେ ବ୍ୟବହାର କରିଥିବା ମଦ ବୋତଲ, ପାଣି ପାଉଚ, ପ୍ଲାଷ୍ଟିକ୍ ଗ୍ଲାସ୍ ସେଇ ପଡିଆରେ ପକାଇ ପଳାଉଛନ୍ତି। ପଡିଆର ବିଭିନ୍ନ ସ୍ଥାନରେ ଏହି ପରିତ୍ୟକ୍ତ ନିଶା ସାମଗ୍ରୀର ଦୃଶ୍ୟ ଦେଖିବାକୁ ମିଳୁଛି। ସକାଳ ହେଲେ ପଡିଆକୁ ଶାରୀରିକ ବ୍ୟାୟାମ୍ ପାଇଁ ଆସୁଥିବା ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଏହି ଦୃଶ୍ୟ ଦେଖି ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରୁଛନ୍ତି। ତେଣୁ ଏହି ସୁନ୍ଦର ପଡିଆର ସ୍ୱତନ୍ତ୍ରତା କିପରି ରକ୍ଷା ହୋଇପାରିବ, ସେଥିପ୍ରତି କଲେଜ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ବହୁ କ୍ରୀଡାପ୍ରେମୀ ଦାବି କରିଥିବା ବେଳେ ହିଞ୍ଜିଳିକାଟୁ ପୁଲିସ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂକୁ ଟିକେ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି ।

## ୩ ବାଲିବୋଝେଇ ହାଇୱା ଜବତ





କାକଟପୁର/ଅସ୍ତରଙ୍ଗ,୧୩।୮ (ସଂଚାର ବ୍ୟୁରୋ): ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ବେଳେ ବୁଧବାର ସକାଳୁ କାକଟପୁର ପୋଲିସ ଖଣ୍ଡାସାହି ଓ ବଲରା ଛକ ନିକଟରୁ ୩ ଟି ବାଲି ବୋଝେଇ ହାଇୱା ଜବତ କରି କାକଟପୁର ଥାନାରେ ଅଟକ ରଖିଛି। ଖବର ମୁତାବକ କିଛି ଦିନ ହେବ ହାଇୱା ଗୁଡିକ ପ୍ରତିଦିନ ବେଧଡକ ଭାବେ ବାଲି ଚୋରା ଚାଲାଣ କରି ଆସୁଥିଲେ। କିନ୍ତୁ ବୁଧବାର ସକାଳୁ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ଙ୍କ ନିର୍ଦ୍ଦେଶ କ୍ରମେ କାକଟପୁର ପୋଲିସ ଖଣ୍ଡାସାହି ଛକ ଓ ବଲରା ଛକ ନିକଟରୁ ୩ ଟି ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ଯାହାର ନମ୍ବର ଓଡି ୩୩ ଏପି ୫୦୧୮, ଓଡି ୦୫ଏନ ୯୮୨୨, ଓଡି ୦୯ଜେ ୩୯୩୮ନମ୍ବର ହାଇୱା କୁ କାକଟପୁର ପୋଲିସ ଥାନାରେ ଅଟକ ରଖି ପୃଥକ ଭାବେ ଥାନା କେଶ ନମ୍ବର ୨୧୬/୨୫, ୨୧୭/୨୫, ୨୧୮/୨୫ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଗାଡି ଚାଳକ ଙ୍କୁ ନୋଟିସ ଜାରୀ କରାଯାଇଛି। ଯାହାକି ସୂଚନା ଦେଇଛନ୍ତି କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



ବାଲିଅନ୍ତା,୧୩।୮ (ସଂଚାର ବ୍ୟୁରୋ): ବାଳକାଟି ଫାଣ୍ଡି ଅଧୀନ ସାଇଫନ ଛକ ନିକଟ ପୁରୀ ମୁଖ୍ୟ କେନାଲରୁ ଆଜି ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ବାଲିପାଟଣା ଥାନା ଗିରଙ୍ଗ ଗ୍ରାମର ଦିବାକର ମହାନ୍ତି ( ୭ ୬ । ଦିବାକର ୨ ଦିନ ତଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର ପତ୍ତା ମିଳିନଥିଲା । ପରିବାର ଲୋକେ ବାଲିପାଟଣା ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ । ଖବର ପାଇ ବାଲି ଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉପରକୁ ଆଣିଥିଲେ । ବାଳକାଟି ଫାଣ୍ଡି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନେଇ କ୍ୟାପିଟାଲ ହସ୍ପିଟାଲ ପଠାଇଛି ।

# ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ପାଲଟିଛି ଡମ୍ପିଙ୍ଗୟାର୍ଡ

ଖୋର୍ଦ୍ଧା,୧୩।୮ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ପୌର ପରିଷଦ ଅଧିନସ୍ଥ ୨୨ ଗୋଟି ୱାର୍ଡର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ସହରର ମୁଖ୍ୟ ରାସ୍ତା କଡ଼ ଏବଂ ଗଳି କନ୍ଦିରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦୀର୍ଘ ସମୟ ଧରି ପଡି ରହୁଛି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଏବଂ ମାରୱାଡ଼ି ପଟ୍ଟୀ ଇଉକୋ ବ୍ୟାଙ୍କ ସାମ୍ନାରେ।





ଦୈନନ୍ଦିନ ବାହାରୁଥିବା ଅଳିଆ ଆବର୍ଜନା ଗୁଡିକୁ ସହର କିଛି ବ୍ୟବସାୟୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଫୋପାଡ଼ି ଦେଉଥିବାରୁ ସେଠାରେ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ, ଜନସାଧାରଣ ସେହି ରାସ୍ତା ଦେଇ ଯିବା ଆସିବା କରିବା ସମୟରେ ଅଶ୍ୱସ୍ତିକର ଅନୁଭବ କରୁଛନ୍ତି। ଅଳିଆ ଆବର୍ଜନା ପକେଇବା ଦ୍ୱାରା ଡ୍ରେନଟି ପୋତି ହୋଇଯାଇଛି, ଫଳରେ ବର୍ଷା ଜଳ ସେହି ବାଟ ଦେଇ ପ୍ରଭାବିତ ହେବା ସମୟରେ ଅଳିଆ ଆବର୍ଜନା ଗୁଡିକ ରାସ୍ତାରେ ଭାସୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ଖୋର୍ଦ୍ଧା ପୌର ପରିଷଦ କର୍ତ୍ତୃପକ୍ଷଙ୍କ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାର କୌଣସି ସୁଫଳ ମିଳିପାରିନାହିଁ । କେବଳ କାଗଜ କଲମରେ ଖୋର୍ଦ୍ଧା ସହରକୁ ସରସ ସୁନ୍ଦର ପ୍ରୟାସ ଜାରି ରହିଛି। ଯାହାକୁ ନେଇ ଖୋର୍ଦ୍ଧା ସହରବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କୁଢ଼ କୁଢ଼ ଅଳିଆ ଆବର୍ଜନାରେ ଖୋର୍ଦ୍ଧା ସହର ଆଜି ଭରପୁର ହୋଇ ପଡିଛି । ଯାହାଫଳରେ ସହରରେ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

### ଡିଜିଟାଲ ଯୁଗରେ ମାଧ୍ୟମ ସାଜିଲା ଡାକବାକ୍ସ

# ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ଚିଠି ପଠାଇଲେ ବିଦ୍ୟାର୍ଥୀ

ବ୍ରହ୍ମପୁର,୧୩।୮ (ସଂଚାର ବ୍ୟୁରୋ): ରାଜ୍ୟରେ ନାରୀ ନିର୍ଯ୍ୟାତନା ଓ କ୍ୟାମ୍ପସ୍ ସୁରକ୍ଷା ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ବିଭିନ୍ନ ଅଞ୍ଚଳରୁ ଏନେଇ ମୁଖ୍ୟମନ୍ତ୍ରୀ ଏବଂ ପୁଲିସ୍ ଡିଜିଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଉଛି। ଏନେଇ ଗଞ୍ଜାମ ଜିଲ୍ଲା ସୋରଡା ନିର୍ବାଚନ ମଣ୍ଡଳୀର ବେଲଗୁଣ୍ଠା ଠାରେ ବୁଧବାର ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ସ୍ଥାନୀୟ କଲେଜ ଛାତ୍ରଛାତ୍ରୀ ଡାକବାକ୍ସ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଉପରୋକ୍ତ ପ୍ରସଙ୍ଗ ନେଇ ଚିଠି ପଠାଇଛନ୍ତି। ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବିଦ୍ୟାର୍ଥୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏହି ପୋଷ୍ଟ କାର୍ଡ ପ୍ରେରଣ କରିଛନ୍ତି। ଓଡ଼ିଶାରେ ଦୈନିକ ମହିଳା ଓ ଛାତ୍ରୀ ନିର୍ଯ୍ୟାତନା ତଥା ଅସୁରକ୍ଷିତ ଘଟଣା ସାମ୍ନାକୁ ଆସୁଛି। ଯାହା ଏକ ବଡ଼ ଚିନ୍ତାର କାରଣ ପାଲଟିଛି। କଲେଜ କ୍ୟାମ୍ପସ୍‌ରେ ବିଦ୍ୟାର୍ଥୀମାନେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ତେଣୁ ସରକାର ତୁରନ୍ତ ଏପ୍ରତି ଆବଶ୍ୟକୀୟ ପଦକ୍ଷେପ ନେବାକୁ ବିଦ୍ୟାର୍ଥୀ ଅନୁରୋଧ କରିଛନ୍ତି।



ବଡ କଥା ହେଲା,ଡିଜିଟାଲ ଯୁଗରେ ହାତ ପାହାନ୍ତାରେ ସବୁ କିଛି ଉପଲବ୍ଧ ହେଉଥିବା ବେଳେ ଡାକବାକ୍ସର ବ୍ୟବହାର ଖୁବ୍ ଚର୍ଚ୍ଚାକୁ ଆସିଛି। ସମୟ କ୍ରମେ ଡାକବାକ୍ସର ବ୍ୟବହାର କ୍ୱଚିତ୍ ଦେଖିବାକୁ ମିଳେ। ଚିଠି ବଦଳରେ ଇଣ୍ଟରନେଟ ଏବେ ଦୂରତା କମାଇଛି। ସମ୍ପ୍ରତି ଇମେଲ, ଚାଟ୍,ମେସେଜ ଜରିଆରେ ଖୁବ୍ କମ୍ ସମୟରେ ଚିଠି କିମ୍ବା ଅଭିଯୋଗ ପହଂଚୁଥିବା ବେଳେ ଏଠି କିନ୍ତୁ ଅତୀତର ସ୍ମୃତିକୁ ଉଜ୍ଜୀବିତ କରିବାକୁ ଏକ ଭିନ୍ନ ପ୍ରୟାସ କରାଯାଇଥିଲା। ଯାହା ଡାକବାକ୍ସର ଗୁରୁତ୍ୱ ଓ ମହତ୍ତ୍ୱକୁ ପୁର୍ନବାର ମନେ ପକାଇଥିଲା। ବିଦ୍ୟାର୍ଥୀଙ୍କ ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଂଚଳରେ ଖୁବ୍ ପ୍ରଶଂସା କରାଯାଇଛି।

## ପୋଚିଲିମା ଠାରେ ଶ୍ରୀଗୁରୁ ଭାଗବତ ଟୁଙ୍ଗି ପ୍ରତିଷ୍ଠା

ହିଞ୍ଜିଳିକାଟୁର,୧୩।୮ (ସଂଚାର ବ୍ୟୁରୋ):ହିଞ୍ଜିଳିକାଟୁ ନିକଟସ୍ଥ ପୋଚିଲିମା ସ୍ଥିତ ସାଇ ସୁନ୍ଦର ଧାମ ପରିସରରେ ନୂତନ ଭାବେ ଶ୍ରୀଗୁରୁ ଭାଗବତ ଟୁଙ୍ଗି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ଦିନ ଜଳଯାତ୍ରା ,କର୍ମାରମ୍ଭ ,ହୋମାରମ୍ଭ , ପ୍ରସାଦ ସଂସ୍କାର ନୀତି ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ଦିନ ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ତତ୍ତ୍ୱାବଧାନରେ ପୂର୍ଣ୍ଣାହୁତି,ପଞ୍ଚମହାବୃକ୍ଷ ସ୍ଥାପନ, ଶ୍ରୀଗୁରୁ ଭାଗବତ ଟୁଙ୍ଗି ଲୋକାର୍ପଣ ହୋଇଛି। ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରକାଶିତ ୯ ଖଣ୍ଡ ଅମୁଲ୍ୟ ଗ୍ରନ୍ଥ ସମ୍ପୂର୍ଣ୍ଣ ଗୁରୁ ତତ୍ତ୍ୱକୁ ନେଇ ଆଧାରିତ। ଶ୍ରୀଗୁରୁ ଭାଗବତ ଓଡିଆ ଅସ୍ମିତାର ମଧ୍ୟ ପ୍ରଚାର କରୁଛି ,ଗୁରୁମନ୍ତ୍ର ଓ ପ୍ରକୃତିର ଶକ୍ତି ହିଁ ମଣିଷକୁ ଆଗକୁ ନେବାରେ ସହାୟକ ହୁଏ ନେଇ ଶ୍ରୀ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀ କହିଥିଲେ। ପ୍ରତିଷ୍ଠାତା ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ପବିତ୍ର ମୋହନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଦୁଇ ଦିନ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଥିବା ବେଳେ ଉକ୍ତ ଉତ୍ସବରେ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇଥିଲେ।

## ସବୁଜ ବାହିନୀର ସଚେତନତା ବାର୍ତ୍ତା



ବ୍ରହ୍ମପୁର,୧୩।୮ (ସଂଚାର ବ୍ୟୁରୋ): ବିଶ୍ୱ ହସ୍ତୀ ଦିବସ ଅବସରରେ ସବୁଜ ବାହିନୀ ପକ୍ଷରୁ ହାତୀ ମାନଙ୍କ ସୁରକ୍ଷା ପାଇଁ ବ୍ରହ୍ମପୁର ଉପକଣ୍ଠ ବରପଲ୍ଲୀ ଗ୍ରାମବାସୀ ମାନଙ୍କୁ ନେଇ "ହାତୀଙ୍କ ପାଇଁ ତାଳ ଗଛ, ପୃଥିବୀ ପାଇଁ ସୁରକ୍ଷା କବଚ" ନାମକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାମଗୁଡ଼ା ସଂରକ୍ଷିତ ଜଙ୍ଗଲ ହେଉଛି ହାତୀ ମାନଙ୍କ ଚଳପ୍ରଚଳ ସ୍ଥାନ। ସେଥିପାଇଁ ଏହି ସ୍ଥାନରେ ତାଳ ଗଛର ଆବଶ୍ୟକତା ଥିବାରୁ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଜଙ୍ଗଲ ଆଖପାଖ ଅଞ୍ଚଳରେ ଚାରି ହଜାରରୁ ଅଧିକ ତାଳ ଗୋଟମା ରୋପଣ କରାଯାଇଛି। ଯାହା ଆଗାମୀ ଦିନରେ ପରିବେଶକୁ ସନ୍ତୁଳନ ରଖିବା ସହିତ ହାତୀ ମାନଙ୍କ ପାଇଁ ଖାଦ୍ୟ ଓ ସୁରକ୍ଷା ଦେଇପାରିବ ବୋଲି ସବୁଜ ବାହିନୀ ସଭାପତି ଆଶାବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବନ ଖଣ୍ଡ ଅଧିକାରୀ ସନ୍ନି ଖୋଖର ଯୋଗଦେଇ ହାତୀର ସୁରକ୍ଷା ଓ ତାଳ ଗଛର ଆବଶ୍ୟକତା ଉପରେ ଲୋକମାନଙ୍କୁ ସୋଚେତନ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ବଢପଲ୍ଲି ସରପଞ୍ଚ କାମିନୀ ନାୟକ ଯୋଗଦେଇ ଜଙ୍ଗଲରେ ଆଗକୁ କିଭଳି ଆହୁରି ଅଧିକରୁ ଅଧିକ ତାଳ ଗୋଟମା ରୋପଣ କରାଯାଇପାରିବ ସେଥିପାଇଁ ଚେଷ୍ଟା କରାଯିବ ବୋଲି ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ତାଳ ଗୋଟମା ଅତିଥିଙ୍କ ଦ୍ୱାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସବୁଜ ବାହିନୀ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳନା କରିଥିବା ବେଳେ ପରିବେଶବିତ୍ ତଥା ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର୍ ପାତ୍ର,ସମାଜସେବୀ ଟୁନା ନାୟକ, ସାମ୍ବାଦିକ ତଥା ଷ୍ଟେପ ଅନ ନେଚର ପ୍ରତିଷ୍ଠାତା ସ୍ୱାଧୀନ ସାହୁ, ଏ ପ୍ରକାଶ, ପି ବିନୋଦ, ଅଜୟ କୁମାର ସାହୁ, ପ୍ରବୀଣ ନାୟକ, ଆକାଶ ରାଉତ, ଗଣେଷ ପାଣିଗ୍ରାହୀ,କିରଣ କୁମାର୍, ଅନିଲ ଚୌଧୁରୀ, ବିଜେନ୍ଦ୍ର ମାଝୀ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ଉଚ୍ଚ ଜୁଆରରେ ଖୋଲିଲା କେଲୁଣୀ ମୁହାଁଣ

କାକଟପୁର/ଅସ୍ତରଙ୍ଗ,୧୩।୮ (ସଂଚାର ବ୍ୟୁରୋ): କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଛି ଲଘୁଚାପ ପ୍ରଭାବରେ ସମୁଦ୍ର ଉଚ୍ଚ ଉଚ୍ଚ ଜୁଆରରେ କ୍ରମଶଃ ଖୋଲିବାରେ ଲାଗିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ କେଲୁଣୀ ମୁହାଁଣ, ଯାହା ଫଳରେ ନିକଟରେ ଥିବା ବେଲେଶ୍ୱର ଶୈବ ପୀଠ ପ୍ରତି ବିପଦ ବଢୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ କେଲୁଣୀ ମୁହାଁଣ ନିକଟରେ ରହିଥିବା ସର୍ବ ପ୍ରାଚୀନ ଶୈବ ପୀଠ ବେଲେଶ୍ୱର ଶୈବ ପୀଠ।

ଏଠିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଶ୍ରଦ୍ଧାଳୁଙ୍କୁ ଏଠାକୁ ବାରମ୍ବାର ଆସିବାକୁ ଆକର୍ଷିତ କରିଥାଏ। ସମୁଦ୍ର, ପ୍ରାଚୀ, ଦେବୀ ଏବଂ କାଦୁଆ ନଦୀର ସଙ୍ଗମର ଦୃଶ୍ୟ ଶୈବପୀଠଟିକୁ ସ୍ୱତନ୍ତ୍ର ଭାବେ ଚିତ୍ରଣ କରିଛି। ହେଲେ ବେଲେଶ୍ୱର ପୀଠ ପାଇଁ କାଳ ସାଜିଛି କେଲୁଣୀ ମୁହାଁଣ ଓ ପ୍ରାଚୀ ନଦୀର ମୁହାଁଣ ଧାର। ହେଲେ ନଦୀର ପ୍ରଖର ସ୍ରୋତ ଶୈବପୀଠର ବାଲିବନ୍ଧକୁ କ୍ଷୟ କରି ଚାଲିଛି, ଫଳରେ ଶୈବପୀଠ ପରିସରରେ ରହିଥିବା ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି।

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ୧୩ତାରିଖରୁ ଲଘୁଚାପ। ଉତ୍ତର ପଶ୍ଚିମ ବଙ୍ଗୋପସାଗର ଲଘୁଚାପ ସୃଷ୍ଟି ଫଳରେ ସମୁଦ୍ର ଉଚ୍ଚ ଜୁଆର କୂଳ ଲଂଘୁଛି। ପ୍ରାଚୀ ନଦୀ ଏବଂ ଦେବୀ ନଦୀର ସଙ୍ଗମ ସ୍ଥଳରେ କେଲୁଣୀ ମୁହାଁଣରୁ ଆସୁଥିବା ଜୁଆର ଏବଂ ଭଟ୍ଟାର ସ୍ରୋତ ଦିନକୁ ଦିନ ବେଲେଶ୍ୱର ମନ୍ଦିରକୁ ନିଜ ଗର୍ଭରେ ଲୀନ କରିବାକୁ ଯେମିତି ପ୍ରତିଯୋଗିତା କରୁଛି। ନଦୀ ଠାରୁ ମାତ୍ର ଅଳ୍ପ କେତେ ମିଟର ଦୂରରେ ରହିଥିବା ମନ୍ଦିର, କେଲୁଣୀ ମୁହାଁଣ ଖୋଲିବା ପରେ କ୍ରମଶଃ ବଢୁଛି ବିପଦ। ପୂର୍ବରୁ ବେଲେଶ୍ୱର ଶୈବ ପୀଠକୁ ସୌନ୍ଦର୍ଯ୍ୟ କରଣ ପାଇଁ ୫ଟି ପକ୍ଷରୁ ୯ଲକ୍ଷ ଟଙ୍କାରୁ ଉର୍ଦ୍ଧ ଅନୁଦାନ ଆସିଥିଲେ ମଧ ଏହି ପୀଠଟି ଏବେ ମୁହାଁଣ ମୁହଁରେ ନିଶ୍ଚିହ୍ନ ହେବାକୁ ବସିଛି। ଯାହାକୁ ନେଇ ଚିନ୍ତାରେ ସ୍ଥାନୀୟ ଅଞ୍ଚଳବାସୀ।

ବର୍ତ୍ତମାନ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଉଚ୍ଚ ଜୁଆର ଯୋଗୁଁ ଖୋଲିଯାଇଛି କେଲୁଣୀ ମୁହାଁଣ। ଯାହାର ପ୍ରଭାବରେ ବେଲେଶ୍ୱର ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି। ଅନେକ ସମୟରେ ଉଚ୍ଚ ଜୁଆର, ନଦୀର ସ୍ରୋତ ବାଲି ବସ୍ତାକୁ ଭସାଇ ନେଇଯାଇଛି। ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ବହୁ ପୁରାତନ ଶୈବ ପୀଠ ପ୍ରତି ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଗୁରୁତର ଶହ ନେଇ ସୁରକ୍ଷା ପାଇଁ ବନ୍ଦୋବସ୍ତ କରନ୍ତୁ।

- ଶୈବପୀଠ ପାଇଁ ବଢୁଛି ବିପଦ
- ମେଲୁଛି ମୁହାଁଣ, ବଢୁଛି ବିପଦ





## କେନାଲରେ ଭାସୁଥିଲା ୨୦ କିଲୋ ଓଜନର ପଥର, ଆଶ୍ଚର୍ଯ୍ୟ ହୋଇଗଲେ ଗ୍ରାମବାସୀ

ଗୋପ,୧୩।୮ (ସଂଚାର ବ୍ୟୁରୋ): ପୌରାଣିକ ଗାଥା ଅନୁସାରେ ତ୍ରେତୟା ଯୁଗରେ ମାତା ସୀତାଙ୍କୁ ହରଣ କରିନେଇଥବା ରାବଣକୁ ବଧକରିବା ପାଇଁ ପ୍ରଭୁ ଶ୍ରୀରାମ ବାନରସେନାଙ୍କ ସହାୟତାରେ ଲଙ୍କାକୁ ରାମ ସେତୁ ନିର୍ମାଣ କରିଥିଲେ। ପ୍ରଭୁ ଶ୍ରୀ ରାମଙ୍କ ପାଦସ୍ପର୍ଶ ପାଇଁ ପଥର ପାଣିରେ ନବୁଡି ଭାସିବା ଦ୍ୱାରା ରାମସେତୁ ନିର୍ମାଣ ହୋଇଥିବା କିମ୍ବଦନ୍ତୀ ରହିଛି। ପାଣିରେ ପଥର ଭାସିବାର ଏପରି ଏକ ଘଟଣା ଗୋପ ବ୍ଲକ ବାଲିସାହି କେନାଲରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ସକାଳୁ ବାଲିସାହିର ଶିବ ପ୍ରସାଦ ମୁଦୁଲି ଏବଂ କାଳନ୍ଦୀ ବେହେରା କେନାଲ ବନ୍ଧରେ ଯାଉଥିବା ବେଳେ ଏକ ବଡ଼ ପଥର କେନାଲରେ ଭାସୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ। ଗ୍ରାମର କିଛି ଲୋକଙ୍କୁ କେନାଲ ଭିତରେ ପଥରଟି ଭାସୁଥିବାର ପ୍ରତ୍ୟକଦର୍ଶୀ ସୂଚନା ଦେଇଥିଲେ। ଗ୍ରାମବାସୀଙ୍କ ଦ୍ୱାରା ପାଣିରୁ ପଥରଟିକୁ ଉପରକୁ ଅଣାଯାଇଥିଲା। ଏହି ପଥରର ଓଜନ ୨୦ କିଲୋ ହୋଇଥିବା ବେଳେ ଏତେ ଓଜନର ପଥରଟି କେମିତି ପାଣିରେ ଭାସୁଥିଲା ତାହା ସାଧାରଣରେ ଏକ ବିଶ୍ୱାସ ଅବିଶ୍ୱାସ ଅନ୍ଧ ବିଶ୍ୱାସ ହୋଇ ରହିଯାଇଛି। ଏହି ପଥର ଟିକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଅନେକ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା।



ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ରହିଥିବା ଚେୟାର ବିପଦପୂର୍ଣ୍ଣ ଅବସ୍ଥାରେ, ସଜାଡ଼ିବାକୁ ଦାବି।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar Dated 07/08/2025, I Smrutisaroj Khuntia, Vill: Bengitangi, PO: Gudum, Dist.- Khordha, Odisha, Pin-752056 declare that, I have changed my name from Samruti Saroj Khuntia to Smrutisaroj Khunita. Henceforth, I shall be known as Smrutisaroj Khuntia for all purposes.

# ‘ଏମ୍‌ଏଲ୍‌ଏ ଲ୍ୟାଡ୍’ ୱେବ୍ ପୋର୍ଟାଲର ଶୁଭାରମ୍ଭ



ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ): ‘ଏମଏଲଏ ଲ୍ୟାଡ୍’ ୱେବ୍ ପୋର୍ଟାଲ ଆଜି ଉନ୍ମୋଚିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏହାର ଶୁଭାରମ୍ଭ କରିଛନ୍ତି।

**ସିଏମ୍‌ଏସ୍‌ଏ ଗାଇଡ୍‌ଲାଇନ୍ ସରଳୀକୃତ**

ଏଥିସହ ସିଏମଏସଏର ସରଳୀକୃତ ଗାଇଡଲାଇନ ମଧ୍ୟ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଆଜି କ୍ୟାବିନେଟ୍ ବୈଠକ ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କ ଉପସ୍ଥିତିରେ ଏହା ଉନ୍ମୋଚିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ‘ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ବା ଏମଏଲଏ ଲ୍ୟାଡ୍’ ନିର୍ଦ୍ଦେଶାବଳୀର ସରଳୀକରଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସରଳ ଓ ସମୟ ଉପଯୋଗୀ ହୋଇପାରିଛି। ଏହି ନୂତନ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହ ଜନସାଧାରଣଙ୍କ ପାଇଁ ଅତ୍ୟାବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମିଗୁଡିକୁ ଶୀଘ୍ର ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ। ଏହି ନୂଆ ଗାଇଡଲାଇନରେ ବିଭିନ୍ନ କ୍ଷେତ୍ର ପ୍ରତି ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡ଼ିକୁ ଗ୍ରହଣ କରିବାର ବ୍ୟବସ୍ଥା ରହିଛି। ଅନାବଶ୍ୟକ ପ୍ରକଳ୍ପଗୁଡିକୁ ଏଥିରୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏଥିସହ ପ୍ରକଳ୍ପର ସୁପାରିସ୍‌ଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ସମୟ ଅବଧି ୩୦ ଦିନ ରଖାଯାଇଛି। ଆହୁରି ସିଏମଏସଏ ଗାଇଡଲାଇନକୁ ମଧ୍ୟ ସରଳ କରାଯାଇଛି । ଏହାଦ୍ୱାରା ପ୍ରକଳ୍ପଗୁଡ଼ିକ ତ୍ୱରିତ ବେଗରେ କାର୍ଯ୍ୟକାରୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ନୂତନ ‘ଏମଏଲଏ ଲ୍ୟାଡ୍ ୱେବ ପୋର୍ଟାଲ’ରେ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିସ୍, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ହୋଇପାରିବ।

ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କର ନିର୍ବାଚନମଣ୍ଡଳୀରେ ସୁପାରିସ୍ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ ଓ ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ମଧ୍ୟ ପୋର୍ଟାଲରେ ଉପଲବ୍ଧ ହେବ। ଏଥିସହ ବିଧାନସଭା ଅଞ୍ଚଳର ଜନସାଧାରଣ ମଧ୍ୟ ସେମାନଙ୍କ ବିଧାୟକଙ୍କ ଦ୍ୱାରା ସୁପାରିସ୍ କରାଯାଇଥିବା ପ୍ରକଳ୍ପଗୁଡିକ ସମ୍ପର୍କରେ ପୋର୍ଟାଲ ଜରିଆରେ ଅବଗତ ହୋଇପାରିବେ।

ସୂଚନାଯୋଗ୍ୟ ଯେ ‘ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି’ ଯୋଜନା ୧୯୯୭-୯୮ରୁ ଆରମ୍ଭ ହୋଇ ଜନସାଧାରଣଙ୍କ ଛୋଟ ଛୋଟ କିନ୍ତୁ ନିତ୍ୟାନ୍ତ ଆବଶ୍ୟକ ଭିତ୍ତିଭୂମି ଗଠନ କରିବା ଦିଗରେ ଏକ ମଜବୁତ୍ ମାଧ୍ୟମ ହୋଇପାରିଛି। ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ଏହି ଅନୁଦାନ ୫ ଲକ୍ଷରୁ ୩ କୋଟି ଟଙ୍କାକୁ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ୫ କୋଟି ଟଙ୍କା ହିସାବରେ ବ୍ୟୟବରାଦ କରାଯାଇଛି। ଏହି ନୂତନ ଗାଇଡଲାଇନ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବିଧାନସଭା କମିଟି ସଦସ୍ୟ ଓ ବିଧାୟକମାନଙ୍କ ପରାମର୍ଶ ନିଆଯାଇଛି। ପଡୋଶୀ ରାଜ୍ୟଗୁଡିକର ‘ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀ’ର ଅଧ୍ୟୟନ କରାଯାଇଛି ଓ କ୍ଷେତ୍ର ସ୍ତରରେ ଉପୁଜୁଥିବା ସମସ୍ୟାଗୁଡିକର ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏହି ପ୍ରକ୍ରିୟାରେ ସଂଶ୍ଳିଷ୍ଟ ସମସ୍ତ ମନ୍ତ୍ରୀ, ବିଧାୟକ ଓ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏହି ନୂତନ ସରଳୀକୃତ ଗାଇଡ୍‌ଲାଇନ ଓ ୱେବ୍ ପୋର୍ଟାଲ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ଉପସ୍ଥିତ ଥିଲେ।

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା

# ଆଉ ୪ ଅଭିଯୁକ୍ତ କୋର୍ଟ ଚାଲାଣ



ରାଜନଗର, ୧୩।୮(ସଂଚାର ବ୍ୟୁରୋ): ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଅମାନବୀୟ ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ଏହା ସାଙ୍ଗରେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଗତକାଲି କେବଳ ପିଇସାଙ୍କୁ କୋର୍ଟ ଚାଲାଣ କରିଥିଲା। ଅନ୍ୟ ୪ ଅଭିଯୁକ୍ତଙ୍କୁ ଛାଡିଦେବା ପାଇଁ ପୋଲିସ ଉପରେ ବିଭିନ୍ନ ସ୍ତରରେ ଚାପ ପଡ଼ିଥିଲା। ପୋଲିସ ମଧ୍ୟ ଏମାନଙ୍କ ସମ୍ପୃକ୍ତି ନାହିଁ ବୋଲି ପରୋକ୍ଷରେ କହିବାକୁ ପଛାଉନଥିଲା। ୪ ଅଭିଯୁକ୍ତଙ୍କ ନାଁରେ ପୀଡ଼ିତା ନିଜେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ସେମାନଙ୍କ ସମ୍ପୃକ୍ତି ନାହିଁ କହି ଛାଡିଦେବ ବୋଲି କହିବା ରାଜନଗରରେ ଚର୍ଚ୍ଚା ହେଉଥିଲା। ଆଜି ପୋଲିସ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କୁଜୁପୁରୁ ଗାଁର ଜ୍ୟୋତିରଞ୍ଜନ ଦାଶ (୨୦ ବର୍ଷ ), ଦୀପକ କୁମାର ଦାଶ ( ୨୦ ବର୍ଷ ), ସୌରଭ ଦାଶ (୨୫ ବର୍ଷ ) ଓ ଆଲୋକ ସାହୁ (୧୯) ଙ୍କୁ ରାଜନଗର ଥାନାରେ କେସ ନମ୍ବର ୨୬୬ /୨୦୨୫, ଗଣଦୁଷ୍କର୍ମ ଦଫା ୭୦ (୨ ), ମାରପିଟ ଦଫା ୧୧୫ (୨), ଧମକ ଚମକ ୩୫୧ (୩ ), ୨୦୧୨, ୨୦୧୯ ପୋକ୍ସୋ ଆକ୍ଟ ୬ (୧) ରେ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଗତକାଲି ମୁଖ୍ୟ ଅଭିଯୁକ୍ତ ପିଇସା ଚିତ୍ତରଞ୍ଜନ ମଲ୍ଲିକ ଓରଫ ହାପିଙ୍କୁ କୋର୍ଟ ଚାଲାଣ କରିଥିଲା। ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ପବିତ୍ର ରାଖୀ ପୂର୍ଣ୍ଣିମା ଶନିବାର ଅପରାହ୍ନ ୫ ଘଟିକାରେ ନିଜର ପିଇସା ସହ ଦଶମ ଶ୍ରେଣୀ ଛାତ୍ରୀ ଖୁଦୁରୁକୁଣୀ ମୂର୍ତ୍ତି ଆଣିବାକୁ ଉପଡାଙ୍କୁ ବାହାରିଥିଲେ। ଉପଡା ଦେବା ପରିବର୍ତ୍ତେ କୁଜୁପୁର ମଶାଣିର ନିଛାଟିଆ ସ୍ଥାନରେ ପୀଡ଼ିତାଙ୍କ ବିରୋଧ ସତ୍ତ୍ୱେ ଦୁଷ୍କର୍ମ କରିଥିଲା। ପୀଡ଼ିତା ଯେତେ ବିରୋଧ କଲେ ମଧ ପିଇସା ଶୁଣିନଥିଲା। ପୀଡ଼ିତା ଚିତ୍କାର ଶୁଣି ସେଠାରେ ମଦ ପିଉଥିବା ୪ ଜଣ ଯୁବକ ଆସି ନାବାଳିକା ଓ ପିଇସାର ଫଟୋ ଉଠାଇବା ସହିତ ନାବାଳିକା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହି ୪ ଯୁବକ ପୀଡିତଙ୍କୁ ଖୋଇଓଟରା କରି, ମାଡ଼ ମାରି ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ନିଜେ ଏଚଲାରେ ଦର୍ଶାଇଛନ୍ତି।

# ଲାଞ୍ଚ ନେଇ ଧରାପଡ଼ିଲେ ୩ ସ୍ୱାସ୍ଥ୍ୟକର୍ମୀ



ମୁନିଗୁଡ଼ା,୧୩।୮(ସଂଚାର ବ୍ୟୁରୋ): ଆଜି ଦୁଇଟି ପୃଥକ୍ ଘଟଣାରେ ୩ ଜଣ ସ୍ୱାସ୍ଥ୍ୟକର୍ମୀ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏହି ତିନି ଜଣ ସ୍ୱାସ୍ଥ୍ୟକର୍ମୀ ହେଲେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କୁଞ୍ଜବିହାରୀ

**ଜନ୍ମ ପ୍ରମାଣପତ୍ର ପାଇଁ ଦାବି କରିଥିଲେ ୬ ହଜାର**

ରାଉତ ଏବଂ ପାରଳାଖେମୁଣ୍ଡି ସିଡିଏମଓଙ୍କ କାର୍ଯ୍ୟାଳୟର କ୍ଳର୍କ ଜଗଦୀଶ ପଟ୍ଟନାୟକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିରଞ୍ଜନ ନାୟକ। ଏମାନେ ୨୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେମାନଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଛି।

ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ କୁଞ୍ଜବିହାରୀ କନ୍ଧମାଳ ଜିଲ୍ଲା ଦୁର୍ଗାପଙ୍ଗାର ଜଣେ ବ୍ୟକ୍ତିଙ୍କଠାରୁ ଜନ୍ମ ପ୍ରମାଣପତ୍ର ସଂଶୋଧନ ପାଇଁ ସେ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଗିରଫ କରାଯାଇଛି। କୁଞ୍ଜବିହାରୀ ଉକ୍ତ ବ୍ୟକ୍ତିଙ୍କଠାରୁ ଏ ବାବଦରେ ମୋଟ ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପୂର୍ବରୁ ସେ ପ୍ରଥମ ପର୍ଯ୍ୟାୟରେ ୩ ହଜାର ନେଇସାରିଥିବା ବେଳେ ଆଜି ଅବଶିଷ୍ଟ ୩ ହଜାର ଟଙ୍କା ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ପ୍ରମାଣ ଭାବେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଉକ୍ତ ୩ ହଜାର ଟଙ୍କା ମଧ୍ୟ ଜବତ କରିଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ କୁଞ୍ଜବିହାରୀଙ୍କ ବିଷମକଟକସ୍ଥିତ ଦୁକୁମ ରାସ୍ତାରେ ଥିବା ବାସଭବନରେ ମଧ୍ୟ ଭିଜିଲାନ୍ସ ଟିମ୍ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

ସେହିପରି ଶ୍ରୀ ପଟ୍ଟନାୟକ ଓ ଶ୍ରୀ ନାୟକ ଜଣେ ମେଡିକାଲ୍ ଡାକ୍ତରଙ୍କଠାରୁ ତାଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତିପତ୍ର ଓ ତତ୍ ସଂକ୍ରାନ୍ତ ଫାଇଲ୍ ଦେବା ସକାଶେ ମୋଟ ୨୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ସମ୍ପୃକ୍ତ ଡାକ୍ତର ଜଣଙ୍କ ଏହି ଟଙ୍କା ଦେବା ସକାଶେ ତାଙ୍କର ଅକ୍ଷମତା ପ୍ରକାଶ କରିଥିଲେ ମଧ୍ୟ ଉଭୟ ପଟ୍ଟନାୟକ ଓ ନାୟକ କିଛି ବି ଶୁଣିନଥିଲେ। ଶେଷରେ ସମ୍ପୃକ୍ତ ଡାକ୍ତର ଜଣଙ୍କ ଏନେଇ ଭିଜିଲାନ୍ସରେ ଜଣାଇଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନା ଅନୁସାରେ, ଅଭିଯୋଗକାରୀ ଜଣଙ୍କ ଆଜି ଶ୍ରୀ ପଟ୍ଟନାୟକ ଓ ନାୟକଙ୍କୁ ସେମାନଙ୍କ ଦାବି ମୁତାବକ ୨୫ ହଜାର ଟଙ୍କାର ଲାଞ୍ଚ ଦେଇଥିଲେ। ଏହି ସମୟରେ ସେଠାରେ ମହଜୁଦ ଥିବା ଭିଜିଲାନ୍ସ କର୍ମଚାରୀମାନେ ସେମାନଙ୍କୁ କାବୁ କରିନେଇଥିଲେ। ଏଥିସହ ଉଭୟଙ୍କ ସହ ଜଡ଼ିତ କେତେକ ସ୍ଥାନରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଚଢ଼ାଉ କରାଯାଇଛି।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ୭୫ ଲକ୍ଷ ଚାରା ରୋପଣ ପ୍ରସ୍ତୁତି ବୈଠକ

# ସର୍ବାଧିକ ୩୪ ଲକ୍ଷ ଚାରା ଲଗାଇବ ପଞ୍ଚାୟତିରାଜ ବିଭାଗ

ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୫ତମ ଜନ୍ମଦିବସ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପାଳିତ ହେବାକୁ ଥିବା ବେଳେ ଏଥିସକାଶେ ଓଡ଼ିଶାରେ ୭୫ ଲକ୍ଷ ଚାରା ରୋପଣ କରିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ପ୍ରଧାନମନ୍ତ୍ରୀଙ୍କ ପାଇଁ ଏହା ଅନନ୍ୟ ଉପହାର ହେବାକୁ ଥିବା ବେଳେ ‘ଏକ ପେଡ୍ ମା’ କେ ନାମ୍ ୨.୦’ ଯୋଜନା ଅଧୀନରେ ଏହି ଚାରା ରୋପଣ କରାଯିବ। ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ଚାରା ଗୋଟିଏ ଦିନରେ ରୋପଣ କରାଯିବା ଦ୍ୱାରା ଏକ ଅନନ୍ୟ ରେକର୍ଡ ମଧ୍ୟ ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମ ସକାଶେ ଆଜି ଏଠାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଶାସନ ସଚିବ ଗିରୀଶ ଏସ୍.ଏନ୍., ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ, ମୁଖ୍ୟ ବନ ସଂରକ୍ଷକ ଜି. ରାଜେଶ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ସମସ୍ତ ଜିଲ୍ଲାପାଳ ଓ ଅନ୍ୟ ସମ୍ପୃକ୍ତ ବିଭାଗୀୟ ଉଚ୍ଚାଧିକାରୀ ଯୋଗଦେଇଥିଲେ।

ଶ୍ରୀ ସାହୁ କହିଛନ୍ତି ଯେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଗୋଟିଏ ଦିନରେ ୧୫ ଲକ୍ଷ ଚାରା ରୋପଣ କରିବ। ୨୦୨୫-୨୬ ବର୍ଷର ବନୀକରଣ ଲକ୍ଷ୍ୟରୁ ଏହି ୧୫ ଲକ୍ଷ ଚାରା ରୋପଣ କରାଯିବ। ସମ୍ପୃକ୍ତ ବନଖଣ୍ଡ ଅଧିକାରୀମାନେ ବିଭାଗୀୟ ଲକ୍ଷ୍ୟରୁ ଚାରା ରୋପଣ ସ୍ଥାନ ଓ ଚାରା ଚିହ୍ନଟ କରିବେ। ପ୍ରତ୍ୟେକ ଡିଏଫ୍‌ଓ ଏସିଏଫ୍‌ଙ୍କୁ ସବ୍‌ଡିଭିଜନାଲ ନୋଡାଲ ଅଧିକାରୀ ଭାବେ ମନୋନୀତ କରିବେ। ଯଦି ସମ୍ଭବ ନ ହୁଏ, ତେବେ ଜିଲ୍ଲାପାଳଙ୍କ ଦ୍ୱାରା ନିଯୁକ୍ତ ଜଣେ ଉପଯୁକ୍ତ ଅଧିକାରୀ ସମନ୍ୱୟରେ ସହାୟତା କରିବେ। ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ୫୦୦ ଚାରା ଯୋଗାଇବା ସହ ପଞ୍ଚାୟତିରାଜ ବିଭାଗକୁ ମାଗଣାରେ ୩୩.୯୭ ଲକ୍ଷ ଚାରା (୯ରୁ ୮ ମାସ ପୁରୁଣା) ଯୋଗାଇବେ। ଚାରାଗୁଡ଼ିକ




ମୁଖ୍ୟତଃ ଫଳଦାୟକ, ଫୁଲ, ବହୁ-ଉପଯୋଗୀ ଓ ଏନ୍‌ଟିଏଫ୍‌ପି ପ୍ରଜାତିର ହେବ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଭୂମିକା ବିଷୟରେ ଉଲ୍ଲେଖ କରି ଶାସନ ସଚିବ ଶ୍ରୀ ଗିରୀଶ ପଞ୍ଚାୟତ ସ୍ତରରେ ଏକ ଦିବସୀୟ ରୋପଣ ପଞ୍ଚାୟତ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି। ତାଙ୍କ କହିବା କଥା ଯେ ସେପ୍ଟେମ୍ବର ୧୭ରେ ବିଭାଗ ପକ୍ଷରୁ ସର୍ବାଧିକ ୩୪ ଲକ୍ଷ ଚାରା ରୋପଣ କରାଯିବ। ସେହିପରି ଜିପି-ସ୍ତରୀୟ ପିଆଇଏମାନେ ୩ ସେପ୍ଟେମ୍ବର ସୁଦ୍ଧା କଲେକ୍ଟର-କମ୍-ଡିପିସି ଅନୁମୋଦନ ପାଇଁ ଆକଳନ ସହ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ ଓ ଦାଖଲ କରିବେ। ପିଆରଆଇମାନେ ଜିଆରଏସ, ଇକୋ-କ୍ଲବ ଶିକ୍ଷକ, ଅଙ୍ଗନୱାଡି ଏବଂ ଆଶା କର୍ମୀ, ଡବ୍ଲୁଏସଏଚଜି, ମାଇଁ ଭାରତ ସ୍ୱେଚ୍ଛାସେବକ ଏବଂ ମିଶନ ଶକ୍ତି ହିତାଧିକାରୀଙ୍କୁ ସଂଗଠିତ କରିବେ। ସିଡିଓ ଏହି ଅଭିଯାନ ପାଇଁ ଏହି ହିତାଧିକାରୀମାନଙ୍କର ପଞ୍ଚାୟତ ସ୍ତରୀୟ ଦଳ ଗଠନ କରିବେ। ପିଇଓ ଓ ଏଡିଓ ଉକ୍ତଦିନ ମେରିଲାଇଫ୍ ପୋର୍ଟାଲରେ ରୋପଣ ତଥ୍ୟ ଓ ଜିଓଟ୍ୟାଗ୍ ହୋଇଥିବା ଫଟୋ ଅପଲୋଡ୍ କରିବେ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ବିଭାଗ ପକ୍ଷରୁ ୨୩ ଲକ୍ଷ ଚାରା ରୋପଣ କରାଯିବ ବୋଲି କହିବା ସହ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶାଳୟ ୧୦ ଲକ୍ଷ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା ଅବଶିଷ୍ଟ ୧୩ ଲକ୍ଷ ଚାରା ରୋପଣ କରିବ ବୋଲି କହିଛନ୍ତି। ଆହୁରି ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ କହିଛନ୍ତି ଯେ ଯେ ଏକ ପେଡ୍ ମା’ କେ ନାମ ଏକଦିବସୀୟ ରୋପଣ ଅଭିଯାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍, ସାମାଜିକ ଏବଂ ବାହ୍ୟ ଗଣମାଧ୍ୟମରେ ଏକ ଉତ୍ସର୍ଗୀକୃତ ଅଭିଯାନ ଆରମ୍ଭ କରାଯିବ।

# ମାଛ ବ୍ୟବସାୟୀଙ୍କୁ ନିସ୍ତୁକ ମାଡ଼ ମାରି ଲୁଟ୍

ଭଦ୍ରକ,୧୩।୮(ସଂଚାର ବ୍ୟୁରୋ): ପୁଣି ଦୁର୍ବୃତ୍ତଙ୍କ ଭଦ୍ରକ ପୁଲିସକୁ ଖୋଲା ଚ୍ୟାଲେଞ୍ଜ। ରାଜରାସ୍ତାରେ ମାଛ ବ୍ୟବସାୟୀଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ଭୁଜାଲି ମୁନରେ ଲୁଟିନେଲେ ଟଙ୍କା ଓ ବାଇକ୍। ଘଟଣା ଘଟିଛି ଭଦ୍ରକ ସହରର ଡ଼ାହାଣିଗଡ଼ିଆ ଛକ ନିକଟରେ। ଆଜି ସକାଳୁ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ଗୌଡ଼ଦିଆ ଗ୍ରାମର ମାଛ ବ୍ୟବସାୟୀ ରଞ୍ଜନ ଦାସ ଭଦ୍ରକକୁ ମାଛ ନେବାକୁ ଆସୁଥିବା ବେଳେ ଡାହାଣୀଗଡ଼ିଆ ପୋଲ ଉପରେ ତିନି ଜଣ ଦୁର୍ବୃତ୍ତ ଆସି ତାଙ୍କୁ ହଠାତ ଅଟକାଇବା ସହିତ ନିସ୍ତୁକ ମାଡ଼ ମାରିଥିଲେ। ପରେ ଭୁଜାଲି ଦେଖାଇ ତାଙ୍କ ପକେଟରେ ଥିବା ପାଞ୍ଚ ହଜାର ଟଙ୍କା ଲୁଟ କରିବା ସହିତ ବାଇକ୍ ଛଡ଼ାଇ ଫେରାର ହୋଇଯାଇଥିଲେ। ରଞ୍ଜନଙ୍କୁ ସ୍ଥାନୀୟ କିଛି ଲୋକ ଉଦ୍ଧାର କରିବା ସହିତ ଭଦ୍ରକ ମେଡିକାଲରେ ଭର୍ତ୍ତି କରିଛନ୍ତି। ଦୁର୍ବୃତ୍ତଙ୍କ ମାଡ଼ରେ ରଞ୍ଜନଙ୍କ ଗୋଟିଏ ହାତ ଭାଙ୍ଗିଯାଇଛି।

# ଦୀପ ନିଆଁରେ ଜଳିଗଲେ ମହିଳା

ପିପିଲି,୧୩।୮(ସଂଚାର ବ୍ୟୁରୋ): ରାଜ୍ୟରେ ସଂପ୍ରତି ନିଆଁରେ ପୋଡ଼ି ହୋଇ ମୃତ୍ୟୁ ଘଟିବା ମାମଲା ଥମିବାର ନାଁ ଧରୁନି। ପ୍ରାୟ ପ୍ରତ୍ୟେକ ଦିନ ରାଜ୍ୟର କେଉଁଠୁ ନା କେଉଁଠୁ ନିଆଁରେ ଜଳିଯିବା ଖବର ସାମ୍ନାକୁ ଆସୁଛି। ଏହା ମଧ୍ୟରେ ଦୀପ ନିଆଁରେ ଜଣେ ମହିଳା ଜଳି ଯାଇଥିବାର ଦୁଃଖଦ ଖବର ପିପିଲିରୁ ଆସିଛି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଇଛି।

# ଶ୍ରୀମନ୍ଦିରରେ ଧମକପୂର୍ଣ୍ଣ ପୋଷ୍ଟର୍ ଘଟଣାରେ ବ୍ୟକ୍ତି ଚିହ୍ନଟ



ପୁରୀ,୧୩।୮(ସଂଚାର ବ୍ୟୁରୋ): ଧମକ ଦେଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ଅଧିକ ତଥ୍ୟ ହାସଲ କରିବା ସକାଶେ ତାଙ୍କୁ ସିଂହଦ୍ୱାର ପୁଲିସ୍ ପଚରାଉଚରା କରୁଛି। ସିସିଟିଭି ଫୁଟେଜ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ତାଙ୍କୁ ପୁଲିସ୍ ଚିହ୍ନଟ କରିଛି। ତେବେ ଉକ୍ତ ବ୍ୟକ୍ତି ଜଣଙ୍କ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି। ସେ ନିଜେ ଉକ୍ତ ଧମକପୂର୍ଣ୍ଣ ପୋଷ୍ଟର୍ ଲେଖିଥିବା ପୁଲିସ୍ ନିକଟରେ ସ୍ୱୀକାର କରିଛି। ତେବେ କେବେ ଓ କ’ଣ ପାଇଁ ସେ ଏହା ଲେଖିଥିଲେ, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ପୂର୍ବରୁ ମଧ୍ୟ ପାରିବାରିକ ସମସ୍ୟା ନେଇ ସେ ଏଭଳି ଆଚରଣ କରିଥିବା ଜଣାପଡ଼ିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ବୁଢ଼ୀମା’ ମନ୍ଦିର କାନ୍ଥରେ ମିଳିଥିଲା ଏକ ଧମକପୂର୍ଣ୍ଣ ବାର୍ତ୍ତା। ତାକୁ ସେ ଲେଖିଥିବା ବେଳେ ତାଙ୍କର ବୟସ ପ୍ରାୟ ୬୫ ବର୍ଷ। ପୁଲିସ୍ ତାଙ୍କୁ ଧରିକି ଥାନାକୁ ଆଣିବା ସମୟରେ ଉକ୍ତ ବ୍ୟକ୍ତି ଜଣଙ୍କ ପୁଲିସ୍ ସହ ପ୍ରବଳ ପାଟିତୁଣ୍ଡ ବି କରିଥିଲେ। ସିଂହଦ୍ୱାର ଥାନାରେ ପୁଲିସ୍ ମଧ୍ୟ ସିନ ରିକ୍ରିଏଟ କରିଛି। ମନ୍ଦିର କାନ୍ଥରେ ଲେଖାଯାଇଥିବା ଧମକପୂର୍ଣ୍ଣ ବାର୍ତ୍ତାକୁ ଫଟୋଗ୍ରାଫି ଓ ଭିଡିଓଗ୍ରାଫି ପରେ ପ୍ରଶାସନ ପକ୍ଷରୁ ଲିଭାଇ ଦିଆଯାଇଥିଲା।

# ନାବାଳିକା ଅପହରଣକାରୀକୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ

କେନ୍ଦୁଝର,୧୩।୮(ସଂଚାର ବ୍ୟୁରୋ): କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଆଜି ଏକ ନାବାଳିକା ଅପହରଣ ମାମଲାର ବିଚାର କରି ଦୈତାରୀ ଥାନା ଅନ୍ତର୍ଗତ ସାନସିଆଡ଼ିମାଳ ଗ୍ରାମର ଚିତ୍ତରଞ୍ଜନ ମହାନ୍ତକୁ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ପରିସ୍ଥିତିରେ ତାକୁ ଅଧିକ ୩ ମାସ ସଶ୍ରମ କାରାଦଣ୍ଡାଦେଶ ସକାଶେ ବିଚାରପତି ଶ୍ରୀ ମିଶ୍ର ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ଏଥିସହ ଚିତ୍ତରଞ୍ଜନଙ୍କ ବାପା ଗଙ୍ଗାଧର ମହାନ୍ତଙ୍କୁ ଅପହରଣ ପରେ ନାବାଳିକାଙ୍କୁ ଧମକ ଦେଇଥିବା ଅଭିଯୋଗରେ ୧ ବର୍ଷ ଜେଲଦଣ୍ଡାଦେଶ ସହ ୧ ହଜାର ଟଙ୍କା ଜରିମାନା ମଧ୍ୟ କରାଯାଇଛି। ଏହି ମାମଲାରେ ଜରିମାନା ଅନାଦେୟ ହେଲେ ଗଙ୍ଗାଧରଙ୍କୁ ଅଧିକ ୧ ମାସ ଜେଲଦଣ୍ଡାଦେଶ ଶୁଣାଇଛନ୍ତି ବିଚାରପତି। ଗତ ୨୦୧୬ରେ ନାବାଳିକା ଜଣଙ୍କ ପରୀକ୍ଷା ଦେବାକୁ ବିଦ୍ୟାଳୟକୁ ଯାଇଥିଲେ। ତେବେ ସେଠାରୁ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ଚିତ୍ତରଞ୍ଜନ ବାଇକ୍‌ରେ ଅପହରଣ କରିନେବା ସହ ଅନ୍ୟ ଏକ ଯୁବକଙ୍କୁ ବିବାହ କରିବାକୁ ବାଧ୍ୟ କରିଥିବା ସେମାନେ ଜାଣିବାକୁ ପାଇଥିଲେ।। ଗଙ୍ଗାଧର ମଧ୍ୟ ନାବାଳିକାଙ୍କୁ ବିବାହ ନ କରିବାକୁ ଧମକ ଦେଇଥିଲା। ଏନେଇ ନାବାଳିକାଙ୍କ ବାପା ହରିଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ନାବାଳିକାଙ୍କୁ ବ୍ରାହ୍ମଣୀପାଳ ନିକଟରୁ ଉଦ୍ଧାର କରିବା ସହ ତାଙ୍କର ବୟାନ ରେକର୍ଡ କରିଥିଲେ। ଏଥିସହ ପୁଲିସ୍ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିଥିଲା। ଆଜି ବିଚାରପତି ଶ୍ରୀ ମିଶ୍ର ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ଚିତ୍ତରଞ୍ଜନକୁ ୩୬୩/୩୬୬ ଆଇପିସି ଓ ଗଙ୍ଗାଧରଙ୍କୁ ୫୦୬ ଆଇପିସି ଦଫା ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।



ବଜାରରେ ଖସିପଡ଼ିଲା ଗହଣାଭର୍ତ୍ତି ବ୍ୟାଗ୍

# ମହିଳାଙ୍କ ହାତଗୋଡ଼ ବାନ୍ଧି ଘର ଲୁଟିଲେ ଦୁର୍ବୃତ୍ତ

ବାସୁଦେବପୁର,୧୩।୮(ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଧୀନସ୍ଥ ପଦୁଆଁ ବଜାର ନିକଟସ୍ଥ ପଳନ୍ଦ୍ର ମିଶ୍ରଙ୍କ ଘରେ ଗତକାଲି ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଘରେ କେହି ପୁରୁଷ ଲୋକ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶି ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ସତ୍ୟଭାମା ଓ ସମ୍ପର୍କୀୟ ବୈଦେହୀଙ୍କ ଗୋଡ଼ହାତ ବାନ୍ଧି ମୁହଁରେ ସେଲୋ ଟେପ୍ ଲଗାଇ ସବୁକିଛି ଲୁଟିନେଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ଘରେ ଥିବା ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ସହ ନଗଦ ୩୬ ହଜାର ଟଙ୍କା ଲୁଟିନେଇ ପଳାଇଛନ୍ତି। ତେବେ ଉକ୍ତ ଡକାୟତମାନେ ଖସି ପଳାଉଥିବା ସମୟରେ ଅସାବଧାନତାବଶତଃ ସ୍ଥାନୀୟ ତ୍ରିନାଥ ବଜାର ନିକଟରେ ଚୋରି ସାମଗ୍ରୀ ଭର୍ତ୍ତି ବ୍ୟାଗ୍‌ଟି ଖସିପଡ଼ିଥିଲା। ସେମାନେ ଭୟ କରି ଆଉ ବ୍ୟାଗ୍ ଉଠାଇନଥିବା ବେଳେ ସେଥିରୁ ଦୁଇ ହଳ କାନଫୁଲ, ଘଣ୍ଟା, ରୁପା ମୁକୁଟ, ଦୁଇଟି କାତି, ସ୍କ୍ରୁ ଡ୍ରାଇଭର, ହାତୁଡ଼ି ଆଦି ମିଳିଛି।

# ଯୁକ୍ତ ୩ ଛାତ୍ରୀ ଆତ୍ମହତ୍ୟା ଘଟଣା, ପୁରୁଷ ବନ୍ଧୁ ଅଟକ

ଭଦ୍ରକ,୧୩।୮(ସଂଚାର ବ୍ୟୁରୋ): ଘରୋଇ ମେସରେ ଯୁକ୍ତ ୩ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଆଜି ତାଙ୍କର ପୁରୁଷ ବନ୍ଧୁଙ୍କୁ ଥାନାରେ ଅଟକ ରଖାଯାଇଛି। ଏଥିସହ ଏହି ମାମଲାରେ ସ୍ଥାନୀୟ ଏସପିଙ୍କୁ ଭେଟିଛନ୍ତି ମୃତ ଛାତ୍ରୀଙ୍କ ବାପା। ଭଦ୍ରକ କଲେଜ ନିକଟସ୍ଥ ଏକ ଘରୋଇ ମେସରେ ଉକ୍ତ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା ଘଟଣାରେ ବିଭିନ୍ନ ଦିଗକୁ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ଭାବେ ମୃତ ଛାତ୍ରୀଙ୍କ ମୋବାଇଲ୍ କଲ୍ ଡିଟେଲ୍ସ ଓ ଫଟୋକୁ ତଦନ୍ତ କରିବା ସମୟରେ ପୁଲିସ୍ ପୁରୁଷ ବନ୍ଧୁଙ୍କ ସମ୍ପର୍କରେ ସୁରାକ ପାଇବା ପରେ ପାଳିଆଠାରୁ ତାଙ୍କୁ ଉଠାଇ ଆଣିଛି। ଭଦ୍ରକ ସହରାଞ୍ଚଳ ପୁଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟେ ମୃତ ଛାତ୍ରୀଙ୍କ ବାପା ଓ ସମ୍ପର୍କୀୟ ଭଦ୍ରକ ଏସପି ମନୋଜ ରାଉତଙ୍କୁ ଭେଟିଛନ୍ତି। ଆଲୋଚନା ପରେ ସେମାନେ କହିଛନ୍ତି ଯେ ମାମଲାରେ ସେମାନେ ଖୁବଶୀଘ୍ର ଏତଲା ଦେବେ। ଯେଉଁ ଯୁବକଙ୍କୁ ପୁଲିସ ଅଟକ ରଖିଛି, ଉକ୍ତ ଯୁକ୍ତ ତିନି ଛାତ୍ରୀଙ୍କ ମୃତ୍ୟୁ ପାଇଁ ସେ ହିଁ ଦାୟୀ। ଭଦ୍ରକ ଏସପି ଶ୍ରୀ ରାଉତ କହିଛନ୍ତି ଯେ ତାଙ୍କୁ ନିଶ୍ଚିତ ଭାବେ ନ୍ୟାୟ ମିଳିବ। ଅଟକ ଯୁବକଙ୍କ ମୋବାଇଲ୍ ଯାଞ୍ଚ ହୋଇଛି, କଲ୍ ରେକର୍ଡକୁ ଅପେକ୍ଷା କରାଯାଇଛି। ଏବେ ତାଙ୍କୁ ଜେରା ଚାଲିଛି ବୋଲି ଏସ୍‌ପି କହିଛନ୍ତି।

# ଅକ୍ଟୋବର-ନଭେମ୍ବରରେ ଆର୍‌ଆଇ-ଅମିନ ପ୍ରିଲିମିନାରୀ ପରୀକ୍ଷା

● ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ): ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ପଦବୀରେ ନିଯୁକ୍ତି ପାଇଁ ପୁଣିଥରେ ପ୍ରିଲିମିନାରୀ ପରୀକ୍ଷା ହେବ। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଅକ୍ଟୋବର ଓ ନଭେମ୍ବରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। କମ୍ପ୍ୟୁଟର ବେସ୍‌ଡ ନିଯୁକ୍ତି ପରୀକ୍ଷା (ସିବିଆର୍‌ଇ) ମାଧ୍ୟମରେ ପରୀକ୍ଷା କରିବାକୁ ଗତକାଲି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ହୋଇଥିବା ସମସ୍ତ ପ୍ରକ୍ରିୟାକୁ ବାତିଲ୍ କରାଯାଇ ପୁଣିଥରେ ମୂଳରୁ ପ୍ରକ୍ରିୟା ଆରମ୍ଭ କରାଯିବ। ପୂର୍ବରୁ ଆବେଦନ କରିଥିବା ସମସ୍ତ ଆଶାୟୀ ଉକ୍ତ ପରୀକ୍ଷାରେ ଅବତୀର୍ଣ୍ଣ ହୋଇପାରିବେ। ଫଳରେ ମୋଟ ୫ ଲକ୍ଷ ୫୮ ହଜାର ୧୨୮ ଜଣ ଆବେଦନକାରୀ ପରୀକ୍ଷାରେ ଉପନୀତ ହେବେ ବୋଲି ଜଣାପଡ଼ିଛି।

# ମାର୍କେଟ ବିଲ୍ଡିଂ ଉଠାଦୋକାନୀଙ୍କ ପେଟ ଗର୍ଜନ ସମାବେଶ




ଉଚ୍ଛେଦ ବିରୋଧରେ ଏକାଠି ହେଲେ ୟୁନିଟ୍-୨ର ସବୁ ଉଠାଦୋକାନୀ

ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ ମଧ୍ୟମ ଜୋନ ଅଞ୍ଚଳରେ ଥିବା ମାର୍କେଟ ବିଲ୍‌ଡିଂର ପଛପଟେ ବିନା କୌଣସି ସୂଚନାରେ ଉଠାଦୋକାନୀମାନଙ୍କୁ ଉଚ୍ଛେଦ ଉଦ୍ୟମ ହୋଇଥିଲେ ହେଁ ଏହାକୁ ଶହ ଶହ ଉଠାଦୋକାନୀ ବିରୋଧ କରିବାରୁ ଉଚ୍ଛେଦକାରୀ ସ୍କ୍ୱାଡ୍ ସେଠାରୁ ପଳାଇଯାଇଥିଲେ। ମାର୍କେଟ ବିଲ୍‌ଡିଂର ଉଠାଦୋକାନୀଙ୍କୁ ଉଚ୍ଛେଦ କରି ସେଠାରେ ସରକାର ଅତିଥି ଭବନ ନିର୍ମାଣ ଯୋଜନା କରିଥିବା ଚର୍ଚ୍ଚା ହେଉଥିବା ବେଳେ ଏହା ବାସ୍ତବରେ ପରିଣତ ହେଲେ ମାର୍କେଟ ବିଲ୍‌ଡିଂ ଅଞ୍ଚଳର ପାଖାପାଖି ଦେଢ଼ ହଜାର ଉଠାଦୋକାନୀ କ୍ଷତିଗ୍ରସ୍ତ ହେବେ। ତେଣୁ ଏହାକୁ ବିରୋଧ କରି ମାର୍କେଟ ବିଲ୍‌ଡିଂ ଉଠାଦୋକାନ ଏକତା ମଞ୍ଚ ଡାକରାରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହଯୋଗରେ ଆଜି ପୁରୁଣା ବସଷ୍ଟାଣ୍ଡଠାରେ ଉଠାଦୋକାନୀମାନଙ୍କ ଏକ ପେଟଗର୍ଜନ ସମାବେଶ ଅନୁଷ୍ଠିତ ହୋଇଛି। ସେଠାରୁ ମହାସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ମହାପାତ୍ରଙ୍କ ନେତୃତ୍ୱରେ ହିମାଂଶୁ ବଳିୟାରସିଂ, କଇମ୍ ଖାନ୍, ମାନସ କୁମାର ବଳିୟାରସିଂ, ଏମ୍‌ଡି ଗୁଲଜର, ଦେବାନନ୍ଦ ସାହାଣୀ, ଶ୍ୟାମସୁନ୍ଦର କୁଅଁର ଓ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ପ୍ରମୁଖ ୭ଜଣିଆ ପ୍ରତିନିଧି ଦଳ ବିଏମ୍‌ସି କାର୍ଯ୍ୟାଳୟରେ ଭେଣ୍ଡିଂ ଜୋନ ଡେପୁଟି କମିଶନର ଅଜୟ ମହାନ୍ତିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେଥିରେ ମାର୍କେଟ ବିଲ୍‌ଡିଂ ଅଞ୍ଚଳର ସମସ୍ତ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ/ମାର୍କେଟ କଂପ୍ଲେକ୍ସ ମାଧ୍ୟମରେ ଥଇଥାନ କରିବା, ଥଇଥାନ କରା ନ ଯିବା ପର୍ଯ୍ୟନ୍ତ ଉଚ୍ଛେଦ ବନ୍ଦ କରିବା, କୌଣସି ଜାଗା ଆବଶ୍ୟକ ପଡ଼ିଲେ ବିଏମ୍‌ସି ସ୍ଥାନୀୟ କମିଟି ମାର୍କେଟ ବିଲ୍‌ଡିଂ ଉଠାଦୋକାନୀ ଏକତା ମଞ୍ଚ ସହ ଆଲୋଚନା ମାଧ୍ୟମରେ ସମାଧାନ, ନୂତନ ଦୋକାନ ପ୍ରବେଶ ବନ୍ଦ, ସମସ୍ତଙ୍କୁ ଟ୍ରେଡ ଲାଇସେନ୍ସ ପ୍ରଦାନ, ୟୁଜର ଫି’, ଗ୍ରାଉଣ୍ଡ ରେଣ୍ଟ, ଭେଣ୍ଡିଂ ସାର୍ଟିଫିକେଟ, ଭେଣ୍ଡିଂ କାର୍ଡ ପ୍ରଦାନ, ସବୁଠି ପାଣି, ପାଇଖାନା, ବିଜୁଳି ବ୍ୟବସ୍ଥା, ଗୁଣ୍ଡା, ବଦମାସ, ତସ୍କରଙ୍କ କବଳରୁ ଉଠାଦୋକାନୀଙ୍କୁ ରକ୍ଷା କରିବା ସହ ମିଛ ଟ୍ରେଡ୍ ଲାଇସେନ୍ସ, ଏଲ.ଓ.ଆର, ଲୋନ, ସାର୍ଟିଫିକେଟ ପ୍ରଦାନ କରୁଥିବା ନକଲି କର୍ମଚାରୀଙ୍କୁ ଚିହ୍ନଟ କରିବା ଏବଂ ଦୋକାନଗୁଡ଼ିକ ଆଗରେ ଅନ୍ୟ କୌଣସି ଦୋକାନ ନ ରଖିବା ଆଦି ଦାବି କରାଯାଇଥିଲା। ଦାବିପତ୍ର ଗ୍ରହଣ କରିବା ପରେ ଶ୍ରୀ ମହାନ୍ତି ଦାବିଗୁଡ଼ିକ ଉପରେ ବିଚାର ପୂର୍ବକ ନିଷ୍ପତ୍ତି ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର୍‌ର ଅନାବରଣ

ଭୁବନେଶ୍ୱର,୧୩।୮(ସଂଚାର ବ୍ୟୁରୋ): କ୍ଲାସିକ୍ ଲିଜେଣ୍ଡସ ପ୍ରାଇଭେଟ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ ତଥା ଜାଓ୍ବା ୟେଜ୍‌ଦି ମୋଟରସାଇକେଲର ବହୁ ପ୍ରତୀକ୍ଷିତ ମଡେଲ 'ଅଲ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର (୨୦୨୫ ୟେଜ୍‌ଦି ରୋଡ୍‌ଷ୍ଟର)'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁମ୍ବାଇଠାରେ

## ଯୁବବର୍ଗଙ୍କୁ କରିବ ଆକୃଷ୍ଟ

ମଙ୍ଗଳବାର କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହାର ଅନାବରଣ କରାଯାଇଥିଲା।
ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର ସ୍ୱତନ୍ତ୍ର ଥିମ୍ 'ବର୍ନ ଆଉଟ୍ ଅଫ ଲାଇନ୍'ରେ ଡିଜାଇନ କରାଯାଇଛି। ଏଥିରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଓ ଫିଚର ସାମିଲ ରହିଛି। ସେହିଭଳି ଏହି ମଡେଲ ଏକ



ଶକ୍ତିଶାଳୀ ଇଞ୍ଜିନ ଓ ବୃହତ୍ ଅଏଲ ଟ୍ୟାଙ୍କ୍(୧୨.୫ ଲି. କ୍ଷମତା) ସହ ଆକର୍ଷଣୀୟ ଡିଜାଇନ୍‌ରେ ସଜ୍ଜିତ ହୋଇଛି। ସେହିପରି ୨ଟି ଭାରିଆଣ୍ଟ ଓ ୪ଟି ଚିତ୍ତାକର୍ଷକ କଲରରେ ଏହି ମଡେଲ ସବୁବର୍ଗର ଗ୍ରାହକ ଓ ଯୁବବର୍ଗଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ବ୍ରାଣ୍ଡ ପକ୍ଷରୁ ଆକଳନ କରାଯାଇଛି। ଏପରିକି ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ ୨,୦୯,୯୬୯ ଟଙ୍କା ରହିଛି।
ଏ ସମ୍ପର୍କରେ ଜାଓ୍ବା ୟେଜ୍‌ଦି ମୋଟରସାଇକେଲର ସହପ୍ରତିଷ୍ଠାତା ଅନୁପମ ଥାରେଜା କହିଥିଲେ, ଆମେ ଆମର ନୂତନ ମଡେଲ 'ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଏହି ମଡେଲ ବଜାରରେ ଏକ ନୂଆ ଓ ବୈପ୍ଳବିକ ପରିବର୍ତ୍ତନ ସହ ଗାଡ଼ିଚାଳନା (ରାଇଡିଂ)ରେ ଏକ ସମ୍ଭାବନା ସୃଷ୍ଟି କରିବ। ଏହାର ଡିଜାଇନ ଓ କଲର ବେଶ୍ ଆକର୍ଷଣୀୟ ହୋଇଥିଲାବେଳେ ଲମ୍ବାରାସ୍ତାର ଯାତ୍ରା ପାଇଁ ଏହା ଏକ ଅଭିନବ ଅନୁଭବ ଦେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଆଜିର ସୁନା ଦର



କମିଛି ସୁନା, ରୂପା ଦର। ଗତକାଲି ୨୪ ଓ ୨୨ କ୍ୟାରେଟ୍ ସୁନା ଦର ବୃଦ୍ଧି ହୋଇଥିବାବେଳେ ଆଜି ସୁନା ଦର ହ୍ରାସ ପାଇଛି। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର।
ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୧, ୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧୦,୦୧,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨, ୯୦୦ ଟଙ୍କାକୁ ପହଞ୍ଚିଛି।
ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୯୦୦ ଟଙ୍କା ରହିଛି।
ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୦୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୯୦୦ ଟଙ୍କା ରହିଛି।

# ସାଧାରଣ ଲୋକଙ୍କୁ ମିଳିଲା ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୩।୮: ଦେଶରେ ମୁଦ୍ରାସ୍ଫୀତି ମୋର୍ଚ୍ଚାରେ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ଜୁଲାଇ ମାସରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ଯୋଗୁଁ, ଏହି ମାସରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୧.୫୫ ପ୍ରତିଶତକୁ ହ୍ରାସ ପାଇଛି। ଏହା ଗତ ଆଠ ବର୍ଷ ମଧ୍ୟରେ ସର୍ବନିମ୍ନ।



ସରକାରୀ ତଥ୍ୟ ଅନୁଯାୟୀ, ଏହା ଜୁନ ୨୦୧୭ ପରଠାରୁ ଖୁଚୁରା ମୁଦ୍ରାସ୍ଫୀତିର ସର୍ବନିମ୍ନ ସ୍ତର। ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ଚଳିତ ବର୍ଷ ଜୁନ ମାସରେ ୨.୧ ପ୍ରତିଶତ ତୁଳନାରେ ୫୫ ବେସିସ ପଏଣ୍ଟ କମ ଥିଲା, ଯାହା ଜାନୁଆରୀ ୨୦୧୯ ପରଠାରୁ ଖୁଚୁରା ମୁଦ୍ରାସ୍ଫୀତିର ସର୍ବନିମ୍ନ ସ୍ତର।
ଚଳିତ ବର୍ଷ ଜୁଲାଇରେ ଖାଦ୍ୟ ମୁଦ୍ରାସ୍ଫୀତି ଗତ ବର୍ଷ ସମାନ ମାସ ତୁଳନାରେ -୧.୭୬ ପ୍ରତିଶତ ନକାରାତ୍ମକ କ୍ଷେତ୍ରକୁ ହ୍ରାସ ପାଇଛି। ଜୁନ ତୁଳନାରେ ଜୁଲାଇରେ ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ୭୫ ବେସିସ ପଏଣ୍ଟ ହ୍ରାସ ପାଇଛି। ଜାନୁଆରୀ ୨୦୧୯ ପରଠାରୁ ଏହା ଖାଦ୍ୟ ମୁଦ୍ରାସ୍ଫୀତିର ସର୍ବନିମ୍ନ ସ୍ତର।
ଜୁଲାଇ ୨୦୨୫ରେ ମୂଳ ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ମୁଦ୍ରାସ୍ଫୀତିରେ ଏହି ହ୍ରାସର କାରଣ ଡାଲି, ପନିପରିବା, ଶସ୍ୟ, ଅଣ୍ଡା ଏବଂ ଚିନିର ହ୍ରାସିତ ମୂଲ୍ୟ।
ଜୁଲାଇର ଖାଦ୍ୟ ମୁଦ୍ରାସ୍ଫୀତି ହାର ଜାନୁଆରୀ ୨୦୧୯ ପରଠାରୁ ସର୍ବନିମ୍ନ। ଜୁଲାଇରେ ଗ୍ରାମାଞ୍ଚଳ ମୁଦ୍ରାସ୍ଫୀତି ଜୁନ ମାସରେ ୧.୭୨ ପ୍ରତିଶତରୁ ହ୍ରାସ ପାଇ ୧.୧୮ ପ୍ରତିଶତକୁ ହ୍ରାସ ପାଇଛି, ଯେତେବେଳେ ସହରାଞ୍ଚଳ ମୁଦ୍ରାସ୍ଫୀତି ସେହି ସମୟ ମଧ୍ୟରେ ୨.୫୬ ପ୍ରତିଶତରୁ ହ୍ରାସ ପାଇ ୨.୦୫ ପ୍ରତିଶତକୁ ହ୍ରାସ ପାଇଛି। ଗୃହ ମୁଦ୍ରାସ୍ଫୀତି ପ୍ରାୟ ୩.୧୭ ପ୍ରତିଶତରେ ସ୍ଥିର ରହିଛି, ଶିକ୍ଷା ମୁଦ୍ରାସ୍ଫୀତି ୪.୩୭ ପ୍ରତିଶତରୁ ହ୍ରାସ ପାଇ ୪ ପ୍ରତିଶତ ଏବଂ ସ୍ୱାସ୍ଥ୍ୟ ମୁଦ୍ରାସ୍ଫୀତି ଏକ ମାସ ପୂର୍ବେ ୪.୩୮ ପ୍ରତିଶତରୁ ବୃଦ୍ଧି ପାଇ ୪.୫୭ ପ୍ରତିଶତକୁ ବୃଦ୍ଧି ପାଇଛି।

# ଆଇସିଆଇସିଆଇ ବ୍ୟାଙ୍କ୍ ପରେ ଏଚ୍‌ଡିଏଫ୍‌ସିର ବଡ଼ ଝଟକା

## ସର୍ବନିମ୍ନ ବାଲାନ୍ସ ୨୫ ହଜାରକୁ ବୃଦ୍ଧି!

ନୂଆଦିଲ୍ଲୀ,୧୩।୮: ଆଇସିଆଇସିଆଇ ବ୍ୟାଙ୍କ ପରେ, ଦେଶର ସବୁଠାରୁ ବଡ଼ ଘରୋଇ ବ୍ୟାଙ୍କ ଏଚ୍‌ଡ଼ିଏଫ୍‌ସି ମଧ୍ୟ ଏହାର ଜମାଖାତାର ସର୍ବନିମ୍ନ ବାଲାନ୍ସ ବୃଦ୍ଧି କରିଛି। ପୂର୍ବରୁ ଏହି ସୀମା ୧୦,୦୦୦ ଟଙ୍କା ଥିଲା, ଯାହାକୁ ଏବେ ୨୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଯଦି ଆପଣଙ୍କ ଆକାଉଣ୍ଟରେ ଏହି ରାଶି ନାହିଁ, ତେବେ ବ୍ୟାଙ୍କ ଏକ ଚାର୍ଜ ଲଗାଇପାରେ। କିନ୍ତୁ ଏହି ନିୟମ କେବଳ ସେହି ଗ୍ରାହକମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ଯେଉଁମାନେ ୧ ଅଗଷ୍ଟ, ୨୦୨୫ ପରେ ନୂଆ ଆକାଉଣ୍ଟ ଖୋଲିଛନ୍ତି। ପୁରୁଣା ଗ୍ରାହକମାନେ ଏପର୍ଯ୍ୟନ୍ତ ପ୍ରଭାବିତ ହୋଇନାହାଁନ୍ତି। ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏହାର ସଞ୍ଚୟ ଖାତା ସହିତ ଜଡିତ ନିୟମରେ ଏକ ବଡ଼ ପରିବର୍ତ୍ତନ କରିଛି। ଯାହା ବିଶେଷକରି ମେଟ୍ରୋ ସହର ଏବଂ ସହରାଞ୍ଚଳର ଶାଖା ପାଇଁ ଲାଗୁ କରାଯାଇଛି। ଏବେ ଏହି ଅଞ୍ଚଳଗୁଡ଼ିକରେ ଆକାଉଣ୍ଟ ଥିବା ଗ୍ରାହକମାନଙ୍କୁ ସବୁବେଳେ ସେମାନଙ୍କ ଆକାଉଣ୍ଟରେ ଅତି କମରେ ୨୫,୦୦୦ ଟଙ୍କା ରଖିବାକୁ ପଡିବ। ଯଦି ଆକାଉଣ୍ଟ ବାଲାନ୍ସ ଏହି ସୀମା ତଳେ ଯାଏ, ତେବେ ବ୍ୟାଙ୍କ ପ୍ରତି ମାସରେ ଏକ ଶୁଳ୍କ ଆଦାୟ କରିବ। ତେବେ ଏହି ନିୟମ କେବଳ ସହରାଞ୍ଚଳ ମଧ୍ୟରେ ସୀମିତ ନୁହେଁ। ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ସେମି ଅର୍ବାନ ଶାଖାଗୁଡ଼ିକରେ ମଧ୍ୟ ସର୍ବନିମ୍ନ ବାଲାନ୍ସ ସୀମା ବୃଦ୍ଧି କରିଛି। ପୂର୍ବରୁ ଏହି ଅଞ୍ଚଳଗୁଡ଼ିକରେ କେବଳ ୫,୦୦୦ ଟଙ୍କା ରଖିବା ଆବଶ୍ୟକ ଥିଲା, କିନ୍ତୁ ଏବେ ଏଠାରେ ମଧ୍ୟ ୨୫,୦୦୦ ଟଙ୍କା ରଖିବା ବାଧ୍ୟତାମୂଳକ କରାଯାଇଛି। ସେହି ସମୟରେ, ଗ୍ରାମୀଣ ଶାଖାଗୁଡ଼ିକ ପାଇଁ ନିୟମ ମଧ୍ୟ ପରିବର୍ତ୍ତନ କରାଯାଇଛି। ପୂର୍ବରୁ, ଗାଁରେ ସର୍ବନିମ୍ନ ବାଲାନ୍ସ ୫,୦୦୦ ଟଙ୍କା ଥିଲା, ଯାହାକୁ ଏବେ ୧୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

# ଲଞ୍ଚ ହେଲା ଭିଭୋ ଭି୬୦ ସ୍ମାର୍ଟଫୋନ୍



ନୂଆଦିଲ୍ଲୀ,୧୩।୮: ଗୋଟିଏ ପରେ ଗୋଟିଏ ସ୍ମାର୍ଟଫୋନ୍ ପ୍ରଡକ୍ସନ କରି ଭାରତୀୟ ମାର୍କେଟ୍ ଶେୟାର ଉପରେ କବ୍ଜା କରିଛି ଭିଭୋ। ମଙ୍ଗଳବାର କମ୍ପାନୀ ଏହାର କ୍ୟାମେରା ସେଣ୍ଟ୍ରିକ୍ ସ୍ମାର୍ଟଫୋନ୍ ଭିଭୋ ଭି-୬୦ ଲଞ୍ଚ କରିଛି। ଫୋଟୋଗ୍ରାଫୀ ପାଇଁ ଏଥିରେ ନ୍ୟୁ ୱେଡିଂ ଭ୍ଲଗ୍ ମୋଡ ଭଳି ଖାସ୍ ଫିଚର୍ସ ଏଥିରେ ଦିଆଯାଇଛି। ଯାହାକୁ ବିନା ଏଡିଟ୍‌ରେ ସୋସିଆଲ୍ ମିଡଆରେ ଅପଲୋଡ କରିହେବ। ନୂଆ ଭିଭୋ ଭି୬୦ରେ ୫୦ଏମ୍‌ପି କ୍ୟାମେରା ସେଟଅପ୍ ଦିଆଯାଇଛି। ଫଟୋଗ୍ରାଫୀକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏହା ଜାଏସଜ୍ ଟ୍ୟୁନ୍ ଅପ୍ଟିକ୍ସ ଏବଂ ଫିଲ୍ଟର ବ୍ୟବହାର କରେ ବୋଲି କମ୍ପାନୀ ଦାବି କରିଛି। ଭାରତରେ ଭିଭୋ ଭି୬୦ ଚାରୋଟି ଭ୍ୟାରିଏଣ୍ଟର ଉପଲବ୍ଧ ହେବ। କେଉଁ ଭ୍ୟାରିଏଣ୍ଟ ପାଇଁ କେତେ ଦାମ ରହିବ ଆସନ୍ତୁ ଜାଣିବା

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଟାଙ୍କି ଭରିବା ପୂର୍ବରୁ ଜାଣି ରଖନ୍ତୁ ଆଜିର ତେଲ ଦର କେତେ ଅଛି। ଦେଶରେ ପେଟ୍ରୋଲ ଓ ଡିଜେଲର ନୂଆ ମୂଲ୍ୟ ଜାରି କରାଯାଇଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୯. ୭୪ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍।
ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ସୁନା ପରି ଏବେ ରୁପାରେ ଲାଗିବ ହଲ୍‌ମାର୍କ

## ଠକେଇରୁ ରକ୍ଷା ପାଇବେ ଗ୍ରାହକ, ପୁରୁଣା ଅଳଙ୍କାର ଉପରେ ଲାଗୁ ହେବ ନାହିଁ

ନୂଆଦିଲ୍ଲୀ, ୧୩।୮: ସୁନା ପରେ, ଏବେ ରୁପା ଅଳଙ୍କାରର ବି ହଲମାର୍କ ଲାଗୁ ହେବ। ୧ ସେପ୍ଟେମ୍ବରରୁ ଏହାକୁ ସ୍ୱେଚ୍ଛାକୃତ ଭାବରେ ଲାଗୁ କରାଯିବ। ସୁନା ପରି ୬ ଗ୍ରେଡ୍ ରୁପା ଅଳଙ୍କାର ଉପରେ ହଲମାର୍କ ଲାଗୁ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ରୁପାର ଶୁଦ୍ଧତା ଜାଣିବାକୁ ଅଳଙ୍କାର ଉପରେ ଉପରେ ୬ ଅଙ୍କ ବିଶିଷ୍ଟ ହଲମାର୍କିଂ ରହିବ।
ହଲମାର୍କିଂ ଶୁଦ୍ଧତା ଗ୍ୟାରେଣ୍ଟି ଦିଏ। ହଲମାର୍କ ପ୍ରମାଣ କରେ ଯେ ଅଳଙ୍କାରରେ ଦିଆଯାଇଥିବା ରୂପା କେତେ ଶୁଦ୍ଧ। ଏହା ଗ୍ରାହକଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରେ। ସରକାର ୧ ଏପ୍ରିଲ ୨୦୨୪ ରୁ ସୁନା ଏବଂ ଏହାର ଅଳଙ୍କାର ଉପରେ ହଲମାର୍କିଂ ବାଧ୍ୟତାମୂଳକ କରିଥିଲେ। ତେବେ ରୁପା ଉପରେ ହଲ୍ ମାର୍କିଂ ଆରମ୍ଭରୁ ସ୍ୱେଚ୍ଛାକୃତ ହେବ। ପରେ



ଏହାକୁ ବାଧ୍ୟତାମୂଳକ କରାଯାଇପାରେ। ଯେପରି ସୁନା ସହିତ କରାଯାଇଥିଲା। ହଲମାର୍କିଂରେ, ରୁପା ଅଳଙ୍କାର ଉପରେ ଏକ ସ୍ୱତନ୍ତ୍ର ଚିହ୍ନ ଲଗାଯାଏ। ଏଥିରେ ୬-ଅଙ୍କ ବିଶିଷ୍ଟ ଏକ ୟୁନିକ କୋଡ୍ ଥାଏ, ଯାହା ପ୍ରତ୍ୟେକ ଅଳଙ୍କାର ପାଇଁ ଭିନ୍ନ। ଏହି କୋଡ୍ ଦ୍ୱାରା ପ୍ରମାଣ ମିଳେ ଯେ ଏହି ଧାତୁର ସୁଦ୍ଧତାକୁ ବିଆଇଏସ୍ ଦ୍ୱାରା ଯାଞ୍ଚ କରାଯାଇଛି ରୁପା ପାଇଁ ୬ଟି ଗ୍ରେଡ୍ ରହିବ, ଯେପରିକି ୮୦୦, ୮୩୫, ୯୦୦, ୯୨୫,୯୭୦ ଏବଂ ୯୯୦ ଯାହା ଶୁଦ୍ଧତାର ସ୍ତର ଦେଖାଇବ।
ତେବେ ପୁରୁଣା ଅଳଙ୍କାର ଉପରେ ଏହି ନିୟମ ଲାଗୁ ହେବ ନାହିଁ। ତେବେ ଆପଣ ଚାହିଁଲେ ବିଆଇଏସ କେନ୍ଦ୍ରଗୁଡ଼ିକରେ ଯାଞ୍ଚ କରାଇ ଆପଣଙ୍କର ପୁରୁଣା ଅଳଙ୍କାରର ହଲମାର୍କିଂ କରିପାରିବେ। ଏହା ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ଉପରେ ନିର୍ଭର କରିବ।

# ଗ୍ରାହକଙ୍କୁ ବଡ଼ ଝଟ୍‌କା ଦେଲା ଏସ୍‌ବିଆଇ

ନୂଆଦିଲ୍ଲୀ,୧୩।୮: ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଗ୍ରାହକଙ୍କୁ ଏକ ବଡ଼ ଝଟ୍‌କା ଦେଇଛି। ବ୍ୟାଙ୍କ ଇମିଡିଏଟ ପେମେଣ୍ଟ ସର୍ଭିସ (ଆଇଏମ୍‌ପିଏସ୍) ଟ୍ରାନଜାକସନ ଉପରେ ଲାଗୁ ହେଉଥିବା ଶୁଳ୍କରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି। ଏହା ଅନଲାଇନ ଓ ଶାଖା (ବ୍ରାଞ୍ଚ) ଚ୍ୟାନେଲରେ ଭିନ୍ନ ଭାବେ ପ୍ରଭାବ ପକାଇବ। କମ ରାଶିର ଲେଣଦେଣ ଏବେ ମଧ ମାଗଣା ରହିବ। କିନ୍ତୁ କିଛି ଅଧିକ ରାଶିର ଅନଲାଇନ ଟ୍ରାନ୍ସଫର ଉପରେ ଏବେ ସାମାନ୍ୟ ଶୁଳ୍କ ଲାଗୁ ହେବ। ତେବେ ବ୍ରାଞ୍ଚରେ କରାଯାଉଥିବା ଆଇଏମ୍‌ପିଏସ୍ ଟ୍ରାନ୍ସାକସନର ଶୁଳ୍କରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଯାଏ ଅନଲାଇନ ଆଇଏମ୍‌ପିଏସ୍ ଟ୍ରାନ୍ସଫର ଉପରେ କୌଣସି ଶୁଳ୍କ ଲାଗୁ ହେଉ ନ ଥିଲା।

# ବିଶ୍ୱର ସବୁଠୁ ଲମ୍ବା ଟ୍ରେନ୍

## ଲାଗିଛି ୮ ଇଞ୍ଜିନ୍, ୬୮୨ ବଗି ଓ ୫,୬୪୮ ଚକ



ନୂଆଦିଲ୍ଲୀ ୧୩।୮: ଭାରତୀୟଙ୍କ ପାଇଁ ଟ୍ରେନ୍ ହେଉଛି ଲାଇଫ୍ ଲାଇନ୍। ଟ୍ରେନ ମାଧ୍ୟମରେ କମ୍ ଖର୍ଚ୍ଚରେ ଅତି ସହଜରେ ଯିବା ଆସିବା କରନ୍ତି ଲୋକେ। ସମସ୍ତେ ପ୍ରାୟ ଅନେକ ପ୍ରକାର ଟ୍ରେନ୍ ଦେଖିଥିବେ। କିନ୍ତୁ ଜାଣନ୍ତି କି ଦୁନିଆର ସବୁଠୁ ବଡ଼ ଟ୍ରେନ୍ କେଉଁଠି ଏବଂ ଏହା କେଉଁଠି ଚାଲିଥାଏ ?
ଭାରତୀୟ ରେଳବାଇ ଦେଶର ସବୁଠାରୁ ଲମ୍ବା ଟ୍ରେନର ନାଁ 'ରୁଦ୍ରସ୍ତ୍ର'। ଏହି ମାଲବାହୀ ଟ୍ରେନର ମୋଟ ଲମ୍ବ ୪.୫ କିଲୋମିଟର ଏବଂ ଏଥିରେ ୩୫୪ଟି ୱାଗନ ଅଛି। ଏହାକୁ ୭ଟି ଇଞ୍ଜିନ ଏକତ୍ର ଟାଣିଥାଏ। 'ରୁଦ୍ରସ୍ତ୍ର' ଗଞ୍ଜଖ୍ୱାଜା ଷ୍ଟେସନରୁ ଆରମ୍ଭ ହୋଇ ପ୍ରାୟ ୨୦୦ କିଲୋମିଟର ଦୂର ଗଡ଼ୱା ରୋଡରେ ପହଞ୍ଚିଥିଲା ଏବଂ ୫ ଘଣ୍ଟାରେ ଏହି ଯାତ୍ରା ଅତିକ୍ରମ କରିଥିଲା।
ତେବେ ବିଶ୍ୱର ସବୁଠାରୁ ଲମ୍ବା ଟ୍ରେନ ହେଉଛି ଅଷ୍ଟ୍ରେଲିଆରେ ଚାଲୁଥିବା ଅଷ୍ଟ୍ରେଲିୟାନ ଲୁହା ପଥର। ଏହା ମଧ୍ୟ ଏକ ମାଲବାହୀ ଟ୍ରେନ। ଏହି ଟ୍ରେନର ଲମ୍ବ ୭.୩ କିଲୋମିଟର। ଏଥିରେ ୬୮୨ଟି କୋଚ୍ ଅଛି। ତଥ୍ୟ ଅନୁଯାୟୀ ଏଥିରେ ୨୨ଟି ଆଇଫିଲ୍ ଟାୱାର ଫିଟ୍ ହୋଇପାରିବ। ଏତେ ଲମ୍ବା ଟ୍ରେନକୁ ଟାଣିବା ପାଇଁ ଏଥିରେ ଲାଗିଛି ୮ଟି ଇଞ୍ଜିନ। ଯାହା ଟ୍ରେନକୁ ଏକତ୍ର ଟାଣିଥାଏ। ସମ୍ପୂର୍ଣ୍ଣ ଟ୍ରେନଟିରେ ୫,୬୪୮ ଚକ ଅଛି।
ଏହାର ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ଲିପିବଦ୍ଧ ହୋଇଛି।
ଅଷ୍ଟ୍ରେଲିୟ ଲୁହା ପଥର କେବଳ ବିଶ୍ୱର ସବୁଠାରୁ ଲମ୍ବା ଟ୍ରେନ ନୁହେଁ, ବରଂ ଏହା ବିଶ୍ୱର ସବୁଠାରୁ ଓଜନଦାର ଟ୍ରେନ ଏବଂ ଏହାର ଓଜନ ଏକ ଲକ୍ଷ ଟନ୍ ରୁ ଅଧିକ। ଅଷ୍ଟ୍ରେଲିୟ ଲୁହା ପଥର ଟ୍ରେନ ଲୁହା ପଥର ପରିବହନ ପାଇଁ ବ୍ୟବହୃତ ହୁଏ। ସେଥିପାଇଁ ଏହାକୁ ଲୁହା ପଥର ଟ୍ରେନ କୁହାଯାଏ। ଏହି ମାଲବାହୀ ଟ୍ରେନ ମୋଟ ୯୯, ୭୪୩ ଟନ୍ ଲୁହା ପଥର ବହନ କରେ।
ଏହି ଟ୍ରେନକୁ ୨୧ ଜୁନ୍ ୨୦୦୧ ରେ ଆରମ୍ଭ କରିଥିଲା। ୟାଣ୍ଡି ଖଣିରୁ ଅଷ୍ଟ୍ରେଲିଆର ପୋର୍ଟ ହେଡଲ୍ୟାଣ୍ଡ ପର୍ଯ୍ୟନ୍ତ ଚାଲୁଥିବା ଏହି ଟ୍ରେନ ୨୭୫ କିଲୋମିଟର ଦୂରତା ଅତିକ୍ରମ କରେ, ଯାହା ୧୦ ଘଣ୍ଟା ସମୟ ନିଏ। ଏଥିରେ ସଂଲଗ୍ନ ଇଞ୍ଜିନରେ ବସିଥିବା ଲୋକୋ ପାଇଲଟ୍ ଅନ୍ୟ ୭ଟି ଇଞ୍ଜିନକୁ ଏକକାଳୀନ ନିୟନ୍ତ୍ରଣ କରିପାରିବ, ତେବେ ଏହି ଇଞ୍ଜିନଗୁଡ଼ିକ ଟ୍ରେନର ଲମ୍ବରେ ପ୍ରାୟ ଏକ କିଲୋମିଟର ବ୍ୟବଧାନରେ ସ୍ଥାପିତ ହୋଇଥାଏ।

# ଫ୍ୟାଶନ ଫ୍ୟାକ୍ଟ୍ରିର 'ନୋ କଣ୍ଡିସନ୍ସ ସେଲ୍'

● ନାମୀ ବ୍ରାଣ୍ଡ୍ ଉପରେ ଗ୍ରାହକଙ୍କୁ ମିଳିବ ୫୦ ପ୍ରତିଶତ ରିହାତି




ମୁମ୍ବାଇ, ୧୩।୮: ଫ୍ୟାଶନ୍ ପ୍ରେମୀଙ୍କ ରିଲାଏନ୍ସ ରିଟେଲ୍‌ର ଫ୍ୟାଶନ୍ ଫ୍ୟାକ୍ଟ୍ରି ନେଇଆସିଛି 'ନୋ କଣ୍ଡିସନ୍ସ ସେଲ୍'। ଫ୍ୟାଶନ୍ ଡିସକାଉଣ୍ଟର ଏହି ମେଗା ଇଭେଣ୍ଟ ଅଗଷ୍ଟ ୧୪ରୁ ୧୭ ତାରିଖ ଯାଏ ଚାଲିବ। ଏହି ସେଲ୍‌ରେ ସମସ୍ତ ବଡ଼ ବ୍ରାଣ୍ଡଗୁଡ଼ିକ ଉପରେ ୫୦ ପ୍ରତିଶତର ରିହାତି ଉପଲବ୍ଧ ହେବ। ଏହା ସହିତ ୨୪୯୯ ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର ପୋଷାକ କ୍ରୟ ଉପରେ ମାଗଣା ଉପହାର ମଧ୍ୟ ଉପଲବ୍ଧ ହେବ।
ଲିଭାଇସ୍, ପେପେ, ପାର୍କ ଏଭେନ୍ୟୁ, ରେମଣ୍ଡ, କଲର ପ୍ଲସ୍, ପାର୍କ୍ସ, ଟର୍ଟଲ୍, ଟ୍ୱିଲ୍ସ, ହୁର୍, ଲି କୁପର, ଇଣ୍ଡିବି, ଜନ୍ ପ୍ଲେୟର୍ସ, ନେଟପ୍ଲେ, ପିଟର ଇଂଲଣ୍ଡ, କିଲର, ପାଇନ୍ କ୍ଲବ୍, ସାଡଲ୍ ଏଣ୍ଡ ମେଲେଟ୍ ଭଳି ଅନେକ ବ୍ରାଣ୍ଡ ଏହି ମେଗା ସେଲରେ ଅନ୍ତର୍ଭୁକ୍ତ ରହିଛି। କ୍ଲାସିକ୍ ଫର୍ମାଲ୍ ଠାରୁ ସ୍ମାର୍ଟ କାଜୁଆଲ୍ କିମ୍ବା ସପ୍ତାହାନ୍ତ ପୋଷାକ ଯାଏଁ, ଫ୍ୟାଶନ୍ ପ୍ରେମୀଙ୍କ ପାଇଁ ସମସ୍ତ ପ୍ରକାରର ଉତ୍ପାଦ ଏହି ସେଲରେ ଉପଲବ୍ଧ ହେଉଛି।
ଏହାର ୨୦ ପ୍ରତିଶତରୁ ୭୦ ପ୍ରତିଶତ ଯାଏଁ ୩୬୫-ଦିନ ମେଗା ରିହାତି ପାଇଁ ଫ୍ୟାଶନ୍ ଫ୍ୟାକ୍ଟ୍ରି ଷ୍ଟାଇଲ୍ ଉତ୍ସାହୀ ଏବଂ ମିତବ୍ୟୟୀ କ୍ରେତାଙ୍କ ମଧ୍ୟରେ ବେଶ ଲୋକପ୍ରିୟ। ଏବେ, କ୍ରେତାମାନେ ନୋ କଣ୍ଡିସନ୍ସ ସେଲରେ ଅଭୁତପୂର୍ବ ସୁଲଭ ମୂଲ୍ୟରେ ଶ୍ରେଷ୍ଠ ବ୍ରାଣ୍ଡଗୁଡ଼ିକୁ ପାଇପାରିବେ।

# ଫୁଲବାଣୀ ସହରରେ ତିନିବର୍ଷ ହେଲା ସିସିଟିଭି ଅଚଳ

## ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା



**ଫୁଲବାଣୀ,୧୩।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ସହର ରେ ଗତ ପାଞ୍ଚ ବର୍ଷ ତଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ସିସି ଟିଭି ଲାଗିଥିଲା । ଦୁଇବର୍ଷ ପରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗିଥିବା ସିସି ଟିଭି ଅଚଳ ହୋଇ ଯାଇଥିଲା। ଜିଲ୍ଲାପାଳ କାର୍ଯାଳୟ ସମ୍ମୁଖ ଗୋପବନ୍ଧୁ ଛକ, କୋର୍ଟ ଛକ, ଏସପି ଅଫିସ ସମ୍ମୁଖ ଗାନ୍ଧୀ ଛକ, ଏଫସିଆଇ ଛକ ମାଦି କୁନ୍ଦା ଛକ (ପୁଲିସ ବାରକ ଅଞ୍ଚଳ) ବିଜୁ ପଟ୍ଟନାୟକ ଛକ ଓ ମେଡିକାଲ ଛକ ପ୍ରଭୃତି ଗୁରୁତ୍ୱ ପୂର୍ଣ ଛକରେ ସିସିଟିଭି ଜିଲ୍ଲା ପ୍ରଶାସନ ଲଗାଇଥିଲା। କନ୍ଧମାଳ ମାଓ ପ୍ରଭାବିତ ଓ ଗଞ୍ଜେଇ ଚୋରା ଚାଲାଣ ଅଞ୍ଚଳ ଅଟେ । ମୁନିସିପାଲିଟିରେ ଅନୁନ୍ୟ ଚାଳିଶ ହଜାର ଲୋକ ବସବାସ କରନ୍ତି। ରାତି ହେଲେ ବାଇକ ଚୋରି ଗଞ୍ଜେଇ ବେପାରୀ ମାନଙ୍କର କାର୍ଯ୍ୟକଳାପ କିଛି ଛକରେ ଦେଖିବାକୁ ମିଳେ ବୋଲି କିଛି ଅଭିଯୋଗ ମଧ୍ୟ ହୋଇଥିଲା। ଜନସାଧାରଣଙ୍କର ଗତିବିଧିକୁ ଲକ୍ଷ୍ୟ ରଖିବାକୁ ଏସବୁ ସିସିଟିଭି ଲଗାଯାଇଥିଲା। ସିସିଟିଭି ସବୁ ନିମ୍ନମାନର ହୋଇଥିବାରୁ ଦୁଇବର୍ଷ ପରେ ଅଚଳ ହୋଇଗଲା। ସିସିଟିଭି କିଣାରେ ଜାଲିଆତି ହୋଇଛି ବୋଲି ସନ୍ଦେହ କରୁଛନ୍ତି ସହରବାସୀ। ଏସବୁ ସିସିଟିଭି ଗୁଡିକୁ ମରାମତି କରାଯିବାକୁ ଜନସାଧାରଣ ଦାବୀ କରିଥିଲେ ମଧ ତିନିବର୍ଷ ପରେ ମଧ୍ୟ ମରାମତି କରାଯାଇ ନାହିଁ। ଏବେ କୁଆଡେ ନୂତନ ସିସିଟିଭି ଲଗାଇବା ପାଇଁ ଯୋଜନା ଚାଲିଛି ବୋଲି ପରୋକ୍ଷରେ ଶୁଣିବାକୁ ମିଳିଛି ।

# ସାନ୍ଦୁଲ ନଦୀ ପୋଲ ଉପରେ ଆଣ୍ଠୁଏ ପାଣି

## ପୂର୍ତ୍ତ ବିଭାଗର ଦୃଷ୍ଟି ପଡ଼ିବ କେବେ ?

**ମ. ରାମପୁର,୧୩।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ପୂର୍ତ୍ତ ବିଭାଗ ଅଧିନରେ ଥିବା ମୁଖ୍ୟ ରାସ୍ତା ଶେରଗଡ଼ ନିକଟ ସାନ୍ଦୁଲ ନଦୀ ପୋଲ ଉପରେ ଆଣ୍ଠୁଏ ଉପରେ ବନ୍ୟାଜଳ ପ୍ରବାହିତ ହୋଇଛି। ଏଣୁ ଯାତାୟାତରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ତେବେ ଭବାନୀପାଟଣାରୁ ମ. ରାମପୁରକୁ ସଂଯୋଗ କରୁଥିବା ଉକ୍ତ ପୂର୍ତ୍ତ ବିଭାଗ ରାସ୍ତାଟିର ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଉକ୍ତ ପୋଲଟି ଦୀର୍ଘ ଦିନରୁ ନିର୍ମାଣ ଥିବା ହେତୁ



ଏବେ ତାହା ବିପଦସଙ୍କୁଳ ଅବସ୍ଥାରେ ରହିଛି। କିନ୍ତୁ ତାହା ମରାମତି କିମ୍ବା ନୂତନ ଭାବେ ନିର୍ମାଣ କରାଯାଇ ନାହିଁ। ଏଣେ ବର୍ଷାଜଳ ନିଷ୍କାସନ ପାଇଁ ହୋଲ୍ ବ୍ୟବସ୍ଥା ଥିଲେ ହେଁ ପୂର୍ତ୍ତ ବିଭାଗ ତାକୁ ମରାମତି ମଧ କରିନାହିଁ। ଯାହାଫଳରେ ବନ୍ୟାଜଳ ଜମିରହିବା ହେତୁ ଗମନା ଗମନରେ ବାଧାପ୍ରାପ୍ତ ହୋଇଛି।

ତେବେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ଏହାକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହ ପୋଲଟିକୁ ନୂତନ ଭାବେ ନିର୍ମାଣ କରିବାକୁ ସର୍ବସାଧାରଣରେ ଦାବୀ ହୋଇଛି।

# ଛଅ ଦଫା ଦାବି ନେଇ ମତ୍ସ୍ୟଜୀବୀ ସଂଘର ସାମ୍ବାଦିକ ସମ୍ମିଳନୀ



**ବାଲିଆପାଳ,୧୩।୮ (ସଂଚାର ବ୍ୟୁରୋ):**ବାଲିଆପାଳ ବ୍ଲକର ନଅଟି ପଞ୍ଚାୟତର ଶହେ ସତେଇସ ଗାଁରେ ଚାଳିଶି ହଜାର ମତ୍ସ୍ୟଜୀବି ବସବାସ କରନ୍ତି। ସମୁଦ୍ରକୁ ମାଛ ଧରିବା ପାଇଁ ଯାଉଥିବା ମତ୍ସ୍ୟଜୀବୀ ମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ତରଫରୁ ଯୋଗାଇ ଦିଆଯାଉଥିବା ସୁବିଧା ଗୁଡ଼ିକ ଏହି ପଞ୍ଚାୟତର ମତ୍ସ୍ୟଜୀବୀଙ୍କୁ ମିଳୁନଥିବାରୁ ଅସୋନ୍ତୋଷ ପ୍ରକାଶ କରିବା ସହିତ ବୁଧବାର ଚଉମୁଖ ବେଳାଭୂମି ଠାରେ ମତ୍ସ୍ୟଜୀବୀ ସଂଗଠନ ପକ୍ଷରୁ ଛଅ ଦଫା ଦାବି ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟଜୀବୀଙ୍କ ପ୍ରମୁଖ ଦାବି ମତ୍ସ୍ୟଜୀବୀ ମାନଙ୍କୁ ଲାଇଫ ଜ୍ୟାକେଟ ଏବଂ ଲାଇଫ ବୟ, ମତ୍ସ୍ୟଜୀବୀଙ୍କୁ ତାଲିମ୍ ପ୍ରଦାନ, ଚଉମୁଖ ଠାରେ ଏକ ମେରାଇନ ଥାନା ପ୍ରତିଷ୍ଠା, ସମୁଦ୍ରରେ ପ୍ରାଣ ହରାଉଥିବା ମତ୍ସ୍ୟଜୀବୀ ପରିବାରଙ୍କୁ କୋଡ଼ିଏ ଲକ୍ଷ ଟଙ୍କାର କ୍ଷତିପୂରଣ, ଉଜ୍ୱଳ ବତି ଘର ପ୍ରତିଷ୍ଠା, ବେସ ଗୁଡ଼ିକରରେ ବରଫ କଳ ପ୍ରତିଷ୍ଠା ପ୍ରମୁଖ ଦାବି ରହିଛି। ଅଗଷ୍ଟ ଦୁଇରେ ସମୁଦ୍ରକୁ ମାଛ ଧରିବାକୁ ଯାଇ କଙ୍କଡାପାଳ ଗ୍ରାମର ଚାରି ଜଣ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଥିଲେ। ସେଥିମଧ୍ୟରୁ ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ମୃତଙ୍କର ପରିବାରଙ୍କୁ କୋଡ଼ିଏ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବୀ କରିଛି ସଂଘ।ଆଜି ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସରପଞ୍ଚ ନାରାୟଣ ଖଟୁଆ, ବାଲିଆପାଳ ମତ୍ସ୍ୟଜୀବୀ ସଂଘ ର ସଭାପତି ନାରାୟଣ ବେହେରା, ପରେଶ ଚନ୍ଦ୍ର ବେହେରା, କମଳାକାନ୍ତ ପାତ୍ର, ହରିପଦ ରାୟ, ସୁଦାମା ତରାଇ, ହରିଶ୍ଚନ୍ଦ୍ର ଜେନା, ଯଦୁପତି ବିଶ୍ୱାଳ, ସୁଶାନ୍ତ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଦାବି ଗୁଡିକ ପନ୍ଦର ଦିନ ମଧରେ ପୂରଣ ନହେଲେ ଆନ୍ଦୋଳନର ଚେତାବନୀ ଦେଇଛି ସଂଘ।

## ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପାଇଁ ପ୍ରଶିକ୍ଷଣ

**କଣାସ,୧୩।୮ (ସଂଚାର ବ୍ୟୁରୋ):** ପ୍ରତିବୁଥରେ ଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ନିମନ୍ତେ କଣାସ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି।ପ୍ରତି ବୁଥ ର ବୁଥ ସ୍ତରୀୟ ଅଧିକାରୀ ଓ ସୁପର ଭାଇଜର ମାନଙ୍କୁ ଏହି ପ୍ରଶିକ୍ଷଣ ଦିଆ ଯାଇଛି। ତହସିଲଦାର ହିମାଂଶୁ ଭୂଷଣ ଗିରି ଓ ବିଭିନ୍ନ ପ୍ରଶିକ୍ଷକମାନେ ଏଥିରେ ଟିକିନିଖି ତଥ୍ୟ ବୁଝାଇଥିଲେ। ସୁସ୍ଥ ଗଣତନ୍ତ୍ର ନିମନ୍ତେ ନିର୍ଭୁଲ ଭୋଟର ତାଲିକା ଆବଶ୍ୟକ ବୋଲି କହିଥିଲେ। ଏଥିରେ ଶିକ୍ଷକ ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

# ବ୍ୟାସନଗର ପୌରପରିଷଦରେ ହେଉନି ଟେଣ୍ଡର

**ଯାଜପୁର ରୋଡ଼,୧୩।୮ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨୬ ଗୋଟି ୱାର୍ଡର ଜନସାଧାରଣ ମାନେ କିଛି ଦିନ ହେଲା ଏହି ସହରର ରାସ୍ତା, ଘାଟ ଠାରୁ ଆରମ୍ଭ କରି ଆଲୋକିକରଣ, ସ୍ୱଚ୍ଛତା, ଡ୍ରେନଜ ସମସ୍ୟା, ଜଳ ନିଷ୍କାସନ ବ୍ୟବସ୍ଥା ଭଳି ବିଭିନ୍ନ ସମସ୍ୟା ଭିତରେ ଛନ୍ଦି ହୋଇପଡିଛନ୍ତି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବଢୁଛି। ପ୍ରତ୍ୟେକ ୱାର୍ଡର କାଉନସିଲରମାନେ ପୌର କାର୍ଯ୍ୟାଳୟ ସଭା ଗୃହରେ ସହରର ବିକାଶକୁ ନେଇ ହେଉଥିବା କାଉନସିଲ ବଡ଼ି ବୈଠକରେ "ଏମିତି ବିଚାର କେବେ ଦେଖିନି" ଯାତ୍ରା ନାଟକର ବହି ପାଇଁ ରିୟଲସେଲ କରୁଛନ୍ତି ବୋଲି ସହରର ଜନସାଧାରଣ ମାନଙ୍କ ମଧରେ ଏବେ ଆଲୋଚନା ହେଉଛି।



ଲୋକଙ୍କ କହିବା କଥା ଯେ ବୈଠକ ପରେ ବୈଠକ ହେଉଛି ହେଲ ସହରର ବିକାଶ ପାଇଁ ଟେଣ୍ଡର ବିବାଦ ତୁଟିବାର ନାଁ ଧରୁନାହିଁ କାହିଁକି (?) । ଯାହାଫଳରେ ସହରର ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଛି । କାଳେ ରାଜନୈତିକ ପଶାପାଲିରେ ସହରର ବିକାଶ ଏକ ପ୍ରକାର ଛନ୍ଦି ହୋଇପଡିଛି। ପୌରାଧକ୍ଷଙ୍କ ସମେତ ସଂଖ୍ୟାଧିକ ପାରିଷଦ ସହରର ବିକାଶ କାର୍ଯ୍ୟକୁ ଆଗେଇ ନେବାକୁ ଚାହୁଁଥିବା ବେଳେ ୬ ଜଣ ବିରୋଧି ପାରିଷଦ ଅମୂଳକ ଅଭିଯୋଗ ଆଣି ବିକାଶ କାର୍ଯ୍ୟରେ ବାଧକ ସାଜୁଛନ୍ତି ବୋଲି ଏବେ ଏଠି ସେଠି ଚର୍ଚ୍ଚା ଚାଲିଛି। ସେମାନଙ୍କ ଅଭିଯୋଗକୁ ମୁଦ୍ଦା କରି ପୌର ନିର୍ବାହୀ ଅଧିକାରୀ ମଧ ନିଜ ପଦର ଦୁରୁପଯୋଗ କରିବା ସହ ସହରର ବିକାଶ ଚୁଲିକୁ ଯାଉ ନିତି ଆପଣେଇଛନ୍ତି ବୋଲି ଆଲୋଚନା ହେଉଛି। ୨୬ ଗୋଟି ୱାର୍ଡରେ ବାକି ରହିଥିବା ବିକାଶ ଓ କିଛି ନୂଆ କାର୍ଯ୍ୟର ଯୋଜନା ପ୍ରସ୍ତୁତ ହୋଇ କାଉନସିଲ ବୈଠକରେ ପ୍ରସ୍ତାବ ଗୃହୀତ ହୋଇ ଟେଣ୍ଡର ପ୍ରକ୍ରିୟା ପାଇଁ ନିର୍ବାହୀ ଅଧିକରୀଙ୍କ ନିକଟକୁ ଯାଇଥିଲା। ହେଲେ ଏହାର ସମାଧାନ କ'ଣ ପାଇଁ ହେଉନାହିଁ ଓ ସହର ବିକାଶ କ୍ଷେତ୍ରରେ କି'ଏ ବାଧକ ସାଜିଛନ୍ତି ତାହା ସହରର ଜନସାଧାରଣମାନେ ଏବେ ପ୍ରଶ୍ନ ଉଠାଇଛନ୍ତି।

# ଜିଲ୍ଲା ଶିକ୍ଷା ଅଧିକାରୀ ଓ ମଙ୍ଗଳ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ନିନ୍ଦା

**ବୈଶିଙ୍ଗା,୧୩।୮ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ମନମୁଖି ଶିକ୍ଷକ ବଦଳି, ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ପାଖାପାଖି ୧୪୦ ଜଣ ଶିକ୍ଷକଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି ଜିଲ୍ଲା ସଦର ମହକୁମା ବାରିପଦା ସହର ପାଖାପାଖି ରଖିବା,ମଧାହ୍ନ ଭୋଜନ ରେ ଯୋଗାଣକାରୀ ଙ୍କୁ ଅହେତୁକ ଅନୁକମ୍ପା ଯୋଗାଇ ହରିଲୁଟକୁ ପ୍ରଶ୍ରୟ ଦେବା, ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ୍ ଯୋଗାଇ ଦେବାରେ ଅବ୍ୟବସ୍ଥା, ଶୁଳିଆପଦା ବ୍ଲକ ଦୁର୍ନୀତିରେ ଛନ୍ଦିହୋଇ ପଡିଥିବା ବିଇଓଙ୍କୁ ସୁରକ୍ଷା ପ୍ରଦାନ ସହିତ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଯୋଗୁଁ ସମଗ୍ର ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସଂମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ଥ ହୋଇପଡିଛି। ୧୨ବର୍ଷ ଧରି ଗ୍ରେଡେଶନ ତାଲିକା ପ୍ରକାଶ ନକରି ମନମୁଖି ବଦଳି ଆଦିରେ ଜନପ୍ରତିନିଧି ସବୁ ଜାଣି ଚୁପ ବସିବା ଦ୍ୱାରା ସହଭାଗିତାକୁ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କ୍ଷୋଭ ପ୍ରକାଶ କରିଛନ୍ତି।

ଏ ନେଇ ପୂର୍ବରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ସମସ୍ତ ଅଧିକାରୀଙ୍କୁ ଏବାବଦରେ ଅବଗତ କରିଲା ପରେ କୌଣସି ସୁଫଳ ନ ମିଳିବା ଯୋଗୁଁ ପୁନର୍ବାର ଉଭୟ ବିଭାଗର ଅଧିକାରୀଙ୍କୁ ବଦଳି କରିବା ସହିତ ଉକ୍ତ ଅଧିକାରୀଦ୍ୱୟଙ୍କ କାର୍ଯ୍ୟକାଳର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ସହିତ ବେଆଇନ ବଦଳିକୁ ବାତିଲ କରିବା ଦାବି ନେଇ ଚଳିତ ଅଗଷ୍ଟ ମାସ ୧୯ ତାରିଖ ମଙ୍ଗଳବାର ଦିନ ଉଭୟ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କର କାର୍ଯ୍ୟାଳୟ ରେ ଭଞ୍ଜସେନା ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

# ଫେରିଲା ନାବାଳକ ଦାଦନ ଶ୍ରମିକଙ୍କ ମୃତଦେହ

## କାନ୍ଦ ବୋବାଳିରେ ଫାଟି ପଡ଼ିଲା ଗାଁଦାଣ୍ଡ

**ଭବାନୀପାଟଣା,୧୩।୮ (ସଂଚାର ବ୍ୟୁରୋ):** ପୁଣି ଦାନା ଯୋଗାଡ଼ ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ମୃତଦେହ ଭିଟାମାଟିକୁ ଫେରିଛି। କୋକସରା ବ୍ଲକ ଆମପାଣି ପଞ୍ଚାୟତର ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ଦୁର୍ଗମ କୁଟୁରୁ ଗାଁର ସ୍ୱର୍ଗତ ବାଳଚନ୍ଦ ମାଝୀଙ୍କ ନାବାଳକ ପୁଅ ଡମ୍ବରୁ ମାଝୀ (୧୭) ବାପା, ମାଙ୍କ ମୃତ୍ୟୁ ପରେ ସାନ କାକା ସଦନ ମାଝୀ ଘରେ ନିଜ ସାନ ଭାଇ ସହ ରହୁଥିଲେ। ତେବେ କାକା ଘରର ଆର୍ଥିକ ଅନାଟନ ଯୋଗୁଁ କିଛି ସାଥୀ ଶ୍ରମିକଙ୍କ ସହ ଦାଦନ ଖଟିବାକୁ ଗତ ମାସେ ତଳେ ଚେନ୍ନାଇର ପଣ୍ଡିଚେରୀର ଏକ ଠିକାସଂସ୍ଥାରେ ନିୟୋଜିତ ରହିଥିଲା। ଗତ ସୋମବାର କୋଠା



ନିର୍ମାଣ କାମ କରୁଥିବା ବେଳେ ଛାତରୁ ପଡି ନାବାଳକ ଶ୍ରମିକର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ୍ୟୁ ପରେ ଠିକାସଂସ୍ଥା ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗେ ମୃତକଙ୍କ ଶବକୁ ଭିଟାମାଟିକୁ ପଠାଇଥିଲେ। ବୁଧବାର ମୃତଦେହ ଗାଁରେ ପହଞ୍ଚିବା ପରେ କ୍ଷତିପୂରଣ ଦାବି କରି ପରିବାର ଲୋକେ ଓ ଗ୍ରାମବାସୀ ଆମ୍ବୁଲାନ୍ସକୁ କିଛି ଘଣ୍ଟା ଧରି ଅଟକ ରଖିଥିଲେ।

ଏନେଇ ଖବର ପାଇ ବିଜେପି ଆମପାଣି ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା ଆମପାଣି ପୁଲିସକୁ ଖବର ଦେବାସହ ନିଜେ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ବିଧାୟକଙ୍କୁ ଏହି ବିଷୟରେ ଜଣାଇବା ସହ ସରକାରୀ ସ୍ତରରେ ସହାୟତା ଯୋଗାଇ ଦେବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ପରେ ଅଟକ ଆମ୍ବୁଲାନ୍ସକୁ ପରିବାର ଓ ଗ୍ରାମବାସୀମାନେ ଛାଡିଥିଲେ। ବଡ଼ ଭାଇର ମୃତଦେହକୁ ଦେଖି ସାନ ଭାଇ ଅବାକ ହୋଇ କାନ୍ଦୁଥିବା ବେଳେ ଏହି ଦୃଶ୍ୟ ସମସ୍ତଙ୍କୁ ମର୍ମାହତ କରିଥିଲା। ଗାଁର ଜଣେ ପୁଅକୁ ହରାଇ ଗ୍ରାମବାସୀମାନେ ମଧ୍ୟ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲେ।

# ଡିଗ୍ରୀ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଯାତ୍ର



**ଭବାନୀପାଟଣା,୧୩।୮ (ସଂଚାର ବ୍ୟୁରୋ):** କୋକସରା ବ୍ଲକ ଡିଗ୍ରୀ ମହାବିଦ୍ୟାଳୟ ଓ ଜବାହାର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସବୁ ଘରେ ତ୍ରିରଙ୍ଗା ଓ ସବୁ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଡିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପୁଷ୍ପରାଜ ମେହେର ଙ୍କ ତତ୍ୱାବଧାନ ରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଓ ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ ଅତିଥି ଭାବେ ଉପସ୍ଥିତ ରହି ତ୍ରିରଙ୍ଗା ଯାତ୍ରା ଓ ସ୍ୱଚ୍ଛତା ଅଭିଯାନ ରେ ଛାତ୍ରଛାତ୍ରୀ ଙ୍କ ଭୂମିକା ଓ ଯୋଗଦାନ ନେଇ ମତବ୍ୟକ୍ତ କରିଥିଲେ। ପରେ ମହାବିଦ୍ୟାଳୟ ପରିସରରୁ ଏକ ତ୍ରିରଙ୍ଗା ଯାତ୍ରା ଶୋଭାଯାତ୍ରାରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ ମାନେ ବାହାରି କୋକସରା ସହର ପରିକ୍ରମା କରି ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ଜବାହାର ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ସୁଧୀର ପଣ୍ଡାଙ୍କ ତତ୍ୱାବଧାନ ରେ ତ୍ରିରଙ୍ଗା ଯାତ୍ରା କୁ ପତାକା ଦେଖାଇ ଛାତ୍ରଛାତ୍ରୀ ଙ୍କୁ ଦେଶପ୍ରେମ ଓ ଜଣେ ଭାରତୀୟ ନାଗରିକ ର କର୍ତ୍ତବ୍ୟ ନେଇ ମାର୍ଗ ଦର୍ଶନ ଦେଇଥିଲେ।ପରେ ନୋଡାଲ କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତି ଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ମାନେ ହାତରେ ତ୍ରିରଙ୍ଗା ପତାକା ଦେଖାଇ ଜନ ସଚେତନତା ସୃଷ୍ଟି ଓ ସ୍ୱଚ୍ଛତା ନେଇ ବାର୍ତ୍ତା ଦେଇଥିଲେ।କାର୍ଯ୍ୟକ୍ରମ ରେ କୋକସରା ଗୋଷ୍ଠି ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି,ଏବିଇଓ ତୋଫାନ ମାଝୀ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସାମିଲ ହୋଇଥିଲେ।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ



**ବୈଶିଙ୍ଗା,୧୩।୮ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ମାର୍ଗଦର୍ଶନ ଓ ଶିକ୍ଷକ ଶ୍ରୀ ଶୁଭାଶିଷ ପଣ୍ଡାଙ୍କ ସଂଯୋଜନାରେ ରେ ଆୟୋଜିତ ଏହି ଶପଥ ପାଠ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଓ ଶିକ୍ଷକ ଯୋଗ ଦେଇ ନିଶାମୁକ୍ତ ସମାଜ ଗଠନ ଦିଗରେ ସମସ୍ତେ ବ୍ରତୀ ହେବାକୁ ଶପଥ ଗ୍ରହଣ କରିଥିଲେ। ନିଜେ ନିଶାମୁକ୍ତ ହେବାସହ ନିଜ ପରିବାର ଓ ନିଜ ଗାଁ କୁ ନିଶା ମୁକ୍ତ କରି ପାରିଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇ ପାରିବ ବୋଲି ମତ ପ୍ରକାଶ ପାଇ ଥିଲା। ପୂର୍ବାହ୍ନ ରେ ପ୍ରାର୍ଥନା ସଭାରେ ଶପଥ ଗ୍ରହଣ କରିବା ପରେ ଛାତ୍ର ଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ନିଶାମୁକ୍ତ ସମାଜ ସମ୍ପର୍କିତ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିବା ସହିତ ସଚେତନତା ସୃଷ୍ଟି କରିଥିଲେ। ସମସ୍ତେ ସଚେତନ ହେଲେ ନିଶାମୁକ୍ତ ସମାଜ ଗଠନ ସମ୍ଭବ ହେବା ସହ ସମାଜରୁ ହିଂସା, ଅତ୍ୟାଚାର, ଚୋରୀ ,ନାରୀ ନିର୍ଯାତନା ଭଳି କଳଙ୍କ ଦୂରୀଭୂତ ହୋଇ ପାରିବ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଶିକ୍ଷକ ଶ୍ରୀ ଶୁଭବନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ନିମ୍ନମାନର କାର୍ଯ୍ୟକୁ ନେଇ ସହକାରୀ ଯନ୍ତ୍ରୀଙ୍କୁ ତାଗିଦ କଲେ ବିଧାୟକ



**ଭବାନୀପାଟଣା,୧୩।୮ (ସଂଚାର ବ୍ୟୁରୋ):** ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋକସରା ବ୍ଲକ କାଉଡୋଲା ପଞ୍ଚାୟତ ବାଞ୍ଜି ବାହାଲ ରୁ ଏନଏଚ ୨୬ ମହାଜନଗୁଡା କୁ ସଂଯୋଗ କରୁଥିବା ରାସ୍ତା ରେ ବିଭାଗୀୟ ଅନୁଦାନ ରୁ ୩ କୋଟି ୭୧ ଲକ୍ଷ ୬୫ ହଜାର ଅଟକଳ ମୂଲ୍ୟରେ ନିର୍ମାନଧିନ ପୋଲ ଓ ରାସ୍ତା କାର୍ଯ୍ୟ ରେ ବ୍ୟାପକ ଅନିୟମିତତା ଓ କାର୍ଯ୍ୟ ନିକ୍ସମାନ ର ହୋଇଥିବା ନେଇ ସ୍ଥାନୀୟ ବାଞ୍ଜି ବାହାଲ ଗ୍ରାମବାସୀ ମାନେ ଅଭିଯୋଗ ପରେ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏହି ଘଟଣା ପରେ ମଙ୍ଗଳବାର ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଏହି ରାସ୍ତା ରେ ନିର୍ମାନଧିନ ପୋଲ ଓ ରାସ୍ତା କାର୍ଯ୍ୟ ତଦାରଖ କରିବା ସହ ଅତି ନିକ୍ସମାନ ର କାର୍ଯ୍ୟ ହୋଇଥିବା ଦେଖି ବିଭାଗୀୟ ସହକାରୀ ଯନ୍ତ୍ରିଙ୍କୁ ତାଗିଦ କରିବା ସହ ସରକାରୀ ଅନୁଦାନ କୁ ବାଟ ମାରଣା କରିବାକୁ ଏହିପରି କାର୍ଯ୍ୟ କୁ ପ୍ରୋତ୍ସାହିତ କରୁଛ କି ବୋଲି ପ୍ରଶ୍ନ କରିଥିଲେ। ସୁଧୁରି ଯାଅ ନଚେତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଗିଦ କରିଥିଲେ। ବିଧାୟକ ଙ୍କ ସହ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା,କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ବିଧାୟକ ଙ୍କ ପ୍ରତିନିଧି ତ୍ରିନାଥ ଶବର, ସନ୍ତୋଷ କୁମାର ମାଝୀ, ତୁଳାରାମ ନାଏକ, ଦ୍ରୋଣଚାର୍ଯ୍ୟ ପୁଝାରୀ,ଭଜମନ ନାଏକ, ଚକ୍ରଧର ବେଶ୍ରା,ଆମପାଣି ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା, ମୋଟେର ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଧବଳେଶ୍ୱର ଗୋପାଳ ସମେତ ଅନ୍ୟ କର୍ମି ଓ ବାଞ୍ଜି ବାହାଲ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

# ପିକ୍‌ଅପ୍‌ର ଡାଲା ଭାଙ୍ଗିଯିବାରୁ ୧୦ରୁ ଅଧିକ ଆହତ

**ନୀଳଗିରି,୧୩।୮ (ସଂଚାର ବ୍ୟୁରୋ):**ଚାଷ କାମ ପାଇଁ ନିଳଗିରିର ବିଭିନ୍ନ ଅଞ୍ଚଳରୁ ୨୦ରୁ ଅଧିକ ଲେବରଙ୍କୁ ନେଇ ଏକ ପିକଅପ ଗାଡ଼ି ଖନ୍ତାପଡା ଥାନା ଅନ୍ତର୍ଗତ ଜୀର୍ତାଳ ଗ୍ରାମକୁ ଆସିଥିଲେ। ବିଲ କାମ ଛୁଟି ପରେ ଉକ୍ତ ପିକଅପ୍ ଗାଡ଼ିରେ ଦିନ ପ୍ରାୟ ୫ଟା ସମୟରେ ସମସ୍ତ ମୁଲିଆଙ୍କୁ ନେଇ ନୀଳଗିରି ଆସୁଥିବା ବେଳେ ଅଧା ବାଟରେ ପିକଅପ୍ ର ପଛ ଡାଲା ଭାଙ୍ଗି ପଡ଼ିବାରୁ ୧୦ରୁ ଅଧିକ ମୁଲିଆ ରାସ୍ତାରେ ଛିଟିକି ପଡ଼ିବାରୁ ଜଣେ ଗୁରୁତର ହୋଇଥିବା ବେଳେ ୧୦ଜଣ ଆହତ




ହୋଇଥିବାର ଜଣା ପଡିଛି। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲ ଅଣା ଯାଇଥିଲା। । ଗୁଜୁଡ଼ିହା ଗ୍ରାମର ଟିକା ଗୋବିନ୍ଦ ବେହେରା ଗୁରୁତର ଥିବା ବେଳେ ଶାଳବଣି ଗ୍ରାମର ରଙ୍ଗଲତା ସିଂ, ମନ୍ଦାକିନୀ ସିଂ, ଗୁଜୁଡିହା ଗ୍ରାମର ରବିନ୍ଦ୍ର ବେହେରା, ବାଘମରା ଗ୍ରାମର ଉର୍ମିଳା ବେହେରା, ରୀମା ବିନ୍ଧାଣି, ବାସନ୍ତୀ ସିଂ, ଗୀତା ସିଂ, ରମେଶ ସିଂ ବିମଳା ସିଂ ପ୍ରମୁଖ ଆହତ ହୋଇଥିବାର ଜଣା ପଡିଛି। ତେବେ ମାଲ୍ ବୁହା ଗାଡ଼ିରେ କୋଉ ନିୟମରେ ଲୋକଙ୍କୁ ବସାଇ ନେବା ତାହା ପୋଲିସ୍ ର ତଦନ୍ତ ପରିସର ବୋଲି ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି। ପୋଲିସ ଘଟଣା ସ୍ଥଳକୁ ଜାଇ ତଦନ୍ତ କରୁଥିବା ବେଳେ ଗାଡିର ସନ୍ଧାନ ମିଳିନଥିବାର ଖବର ଲେଖିବା ବେଳର ସୁଚନା।

# ସମସ୍ୟାର ଗନ୍ତାଘର ପାଲଟିଛି ଶ୍ରୀରାମପୁର ପଞ୍ଚାୟତ

**ଫୁଲବାଣୀ,୧୩।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର କୋଟଗଡ ବ୍ଲକ ଏକ ଆଦିବାସୀ ଅଧକ୍ଷିତ ତଥା ମାଓ ପ୍ରବଣ ଅଞ୍ଚଳ ଭାବେ ପରିଚିତ ଶ୍ରୀରାମପୁର ପଞ୍ଚାୟତ। ସ୍ୱାଧୀନତାର ୭୬ ବର୍ଷ ପରେ ମଧ ଏହି ପଞ୍ଚାୟତବାସୀଙ୍କ ପାଖରେ ପହଂଚିନି ସାଧାରଣ ମୌଳିକ ସୁବିଧା ସୁଯୋଗ। ଗାଁକୁ ଭଲ ରାସ୍ତା ନଥିବା ବେଳେ ପାନୀୟ ଜଳ ଏବଂ ବିଦ୍ୟୁତ ଆଲୋକ ଅପହଞ୍ଚ ହୋଇଛି। ଆଦିବାସୀ ଅଧୁଷିତ ପଛୁଆ ବ୍ଲକ ଓ ଗ୍ରାମର ଉନ୍ନତି ପାଇଁ ବିଶେଷ ଦୃଷ୍ଟି ଦିଆଯାଉଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ଗାଁରେ ସରକାରଙ୍କ ଯୋଜନା ବାସ୍ତବରେ କେତେ ଦୂର ସଫଳ ହେଇଛି, ତାହା ଏହି ଶ୍ରୀରାମପୁର ପଞ୍ଚାୟତକୁ ଦେଖିଲେ ସ୍ପଷ୍ଟ ବାରି ହେଉଛି।

ଯାହାର ଜଳନ୍ତା ଉଦାହରଣ ଦେଖିବାକୁ ମିଳିଛି ଶ୍ରୀରାମପୁର ପଞ୍ଚାୟତର ମେରାଗୁଡ଼ି, ଡଙ୍ଗାବାଦେରୀ, କୁଚାଗୁଡ଼ି ଗ୍ରାମ। ଏହି ତିନି ଗୋଟି ଗ୍ରାମକୁ ଯିଏ ଯାଇଛି ସେହିଁ ପ୍ରକୃତ ବିଶ୍ୱାସ କରିବ। ଜଙ୍ଗଲ, ବଣ, ପାହାଡ଼, ପର୍ବତ ମଝିରେ ରହିଛି ଏହି ତିନି ଗ୍ରାମ।ଉକ୍ତ ଗ୍ରାମ ଗୁଡିକୁ ଯିବାକୁ ହେଲେ ୩ ରୁ ୪ ଗୋଟି ପାହାଡ ଅତିକ୍ରମ କରି ଯିବାକୁ ପଡେ। ଗ୍ରାମ ପୂର୍ବରୁ ମଧ ୨ରୁ ୩ ଟି ଛୋଟ ଛୋଟ ନାଳ ପଡେ । ସେହି ନାଳରେ ମଧ ପୋଲ କିମ୍ବା



ହୋମପାଇପ ମଧ ନାହିଁ ଏହି ତିନଟି ଗ୍ରାମରେ କେବଳ କୁଟିଆ କନ୍ଧ ସାମ୍ପ୍ରଦାୟର କୁଟିଆ କନ୍ଧ ଲୋକେ ବସବାସ କରନ୍ତି। ଉକ୍ତ ଗ୍ରାମରେ ପୂର୍ବ ପୁରୁଷ ଅମଳରୁ ଏମାନେ ବସବାସ କରି ଆସୁଛନ୍ତି ହେଲେ ଦୁଃଖ ଓ ପରିତାପର ବିଷୟ ଯେ ଗ୍ରାମକୁ ରାସ୍ତା ଘାଟ ନାହିଁ। ତିନଟି ଗ୍ରାମରେ ୧୫୦ ପରିବାର ବସବାସ କରନ୍ତି। ଏଠାକାର ଲୋକ ସଂଖ୍ୟା ୪୦୦ରୁ ଉର୍ଦ୍ଧ ହେବ। ଶ୍ରୀରାମପୁର ପଞ୍ଚାୟତ ଠାରୁ ମେରାଗୁଡ଼ି, ଦଙ୍ଗାବାଦେରୀ, କୁଚାଗୁଡ଼ି ଦୂରତା ୧୫ କିମି ହେବ ରାସ୍ତା ଘାଟ ନଥିବାରୁ ଏହି ନିରୀହ ଆଦିବାସୀମାନେ ରାଜ୍ୟ ସରକାର ଦେଉଥିବା ସରକାରୀ ଚାଉଳ,ବାର୍ଦ୍ଧକ୍ୟ ଭତା, ଆଣିବାରୁ ମଧ ଏକ ପ୍ରକାର ବଞ୍ଚିତ ହେଉଛନ୍ତି । ବ୍ଲକ, ବଜାର, ତହସିଲ କାର୍ଯ୍ୟାଳୟ, ଯିବା ଆସିବା କରିବାରେ ବହୁ ଅସୁବିଧା ଭଗିଥାନ୍ତି ଗ୍ରାମବାସୀ। ଆମ୍ବୁଲାଏନ୍ସ, ଏନଏମ, ମେଡିକାଲ କର୍ମଚାରୀ ମଧ ଏସବୁ ଗ୍ରାମକୁ ଆସନ୍ତି ନାହିଁ କାରଣ ରାସ୍ତା ଘାଟ ସମସ୍ୟା ଥିବାରୁ। ଗ୍ରାମରେ ବିଦ୍ୟୁତ ଆଲୋକ କଣ ଆଜି ପର୍ଯ୍ୟନ୍ତ ଦେଖିନାହାନ୍ତି। ୧୪ରୁ ୧୫ ବର୍ଷ ପୂର୍ବରୁ ସରକାର ସୋଲାର ଦେଇଥିଲେ ସତ ତାହା ଏବେ ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଛି। ଏହି କୁଟିଆ କନ୍ଧ ପରିବାର ଲୋକେ ଡିବିରୀ ଜାଳି ଜୀବନ କାଟନ୍ତି।

ଏଠାକାର ଲୋକେ ଇନ୍ଦ୍ରାବାସ, ବିଜୁ ପକ୍କା ଘର, ମୋ କୁଡ଼ିଆ ଯୋଜନା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରୁ ଏବେବି ଗ୍ରାମବାସୀ ବଞ୍ଚିତ। ପାନୀୟ ଜଳ କଥା ନକହିବା ଭଲ ଗ୍ରାମରେ ନଳ କୂପ, କୂଅ, ପାଇପ, ବସୁଧା ପାଣି ଟାଙ୍କି ମଧ ନାହିଁ।ଫଳରେ ଗ୍ରାମବାସୀମାନେ ନଦୀ, ନାଳ, ଚୁଆଁ ପାଣିକୁ ଗୋରା, ମାଠିଆ, ବାଲ୍ଟି,ହାଣ୍ଡି ରେ ଗାମୁଛା ପକାଇ ଛାଣି ଛାଣି ଆଣି ପାନୀୟ ଜଳ ରୂପେ ବ୍ୟବହାର କରନ୍ତି। ଏହି ଦୂଷିତ ପାଣି ବ୍ୟବହାର କରି ନାହିଁ ନଥିବା ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହି ସମସ୍ୟା ଗୁଡିକୁ ସରକାର ତୁରନ୍ତ ସମାଧାନ କରିବାକୁ ନିବେଦନ କରିଛନ୍ତି ଗ୍ରାମବାସୀ। ନଚେତ ଆଗାମୀ ଦିନରେ ଭୋଟ ବର୍ଜନ କରିବା ସହିତ ଆନ୍ଦୋଳନ କରିବେ ବାଲି ଚେତାବନୀ ଦେଇଛନ୍ତି।



# ଆସୁଛନ୍ତି ଥଲାଇବା

## 'କୁଲି' କରୁଛି କିମିଆଁ

ରିଲିଜ ପୂର୍ବରୁ କୁଲିର ଦମଦାର ରେକର୍ଡ । ରଜନୀକାନ୍ତଙ୍କ ଆଗାମୀ ଫିଲ୍ମ କୁଲି ଏବେ ସବୁଠି ଚର୍ଚ୍ଚା ସାଉଁଟିଛି । ଟିକେଟର ଦାମ ୪ହଜାର ୫ଶହ ଟଙ୍କାରେ ପହଞ୍ଚିଲାଣି ସେପଟେ ଆଡାଭାନ୍ସ ବୁକିଂ ଭାଙ୍ଗୁଛି ଗୋଟିଏ ପରେ ଗୋଟିଏ ରେକର୍ଡ । ବଡ ପରଦାକୁ ଯେବେ ଯେବେ ଫେରନ୍ତି ରଜନୀକାନ୍ତ ସେତେବେଳେ ପୂର୍ବ ରେକର୍ଡ ଭାଙ୍ଗିବା ନିଶ୍ଚିତ । ଏଥରକ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଲା । ରଜନୀଙ୍କ ଆଗାମୀ ସିନେମା କୁଲି ଅଗଷ୍ଟ ୧୪ରେ ରିଲିଜ ହେବ କିନ୍ତୁ ତା ପୂର୍ବରୁ ଭାଙ୍ଗୁଛି ଗୋଟିଏ ପରେ ଗୋଟିଏ ରେକର୍ଡ । ପ୍ରତି ଗୋଟିଏ ଘଣ୍ଟାରେ ବୁକିଂ ହେଉଛି ୫୦ହଜାର ଟିକେଟ । ଆଡାଭାନ୍ସ ବୁକିଂରେ ଦେଶରେ ୨୦ କୋଟି ଟଙ୍କା ଆୟ କରିଥିବାବେଳେ ବିଦେଶରେ ୩୦କୋଟି ଟଙ୍କାର ଟିକେଟ ବିକ୍ରି ସରିଲାଣି। ଅନ୍ୟପଟେ ତାମିଲନାଡୁରେ ବଢ଼ିଲାଣି ଟିକେଟ ବଡ କଳାବଜାରୀ । ଆଶ୍ଚର୍ଯ୍ୟର କଥା ହେଉଛି ୬ଶହଟଙ୍କା ଟିକେଟ ୪୫୦୦ରେ ବିକ୍ରି ହେଉଥିବାରୁ ଫାଷ୍ଟ ଡେ ଫାଷ୍ଟ ଶୋ ଦେଖିବାକୁ ଦର୍ଶକ ଅନ୍ୟ ରାଜ୍ୟକୁ ଯିବାକୁ ବିଚାର କରୁଛନ୍ତି । ରଜନୀଙ୍କ ପ୍ରଂଶସକ ଓ ଦର୍ଶକଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଓ ଉତ୍କଣ୍ଠା ଦେଖିବାକୁ ମିଳୁଛି। ଏମିତିକି ରାତି ରାତି ଅନିଦ୍ରା ହୋଇ ଟିକେଟ ବୁକିଂ ପାଇଁ ଲମ୍ବା ଦର୍ଶକ ଲମ୍ବାଲାଇନରେ ମଧ୍ୟ ଛିଡା ହେଉଛନ୍ତି । ଲୋକେଶ କନଗରାଜଙ୍କ ନିର୍ଦ୍ଦେଶିତ ତଥା ରଜନୀକାନ୍ତ ଅଭିନୀତ କୁଲି ଅନ୍ୟତମ ବ୍ଲକବଷ୍ଟର ସିନେମା ହେବ ବୋଲି ସମୀକ୍ଷକ ଆକଳନ କରିଛନ୍ତି । ତେବେ ଏହି ବହୁ ପ୍ରତିକ୍ଷିତ ସିନେମାରେ ୩୩ବର୍ଷ ପରେ ରଜନୀକାନ୍ତ ଓ ନାଗାର୍ଜୁନଙ୍କୁ ଏକାଠି ଦେଖିବାକୁ ପାଇବେ ଦର୍ଶକ । ତାମିଲ, ହିନ୍ଦୀ, ତେଲେଗୁ, କନ୍ନଡ ଭାଷାରେ ରିଲିଜ ହେବ କୁଲି ।



# ଓଟିଟିରେ 'ସୈୟାରା' ରିଲିଜ ହେବ



ବ୍ଲକବଷ୍ଟର ଫିଲ୍ମ 'ସୈୟାରା' ରିଲିଜ ହେବାର ପ୍ରାୟ ଗୋଟିଏ ମାସ ବିତିଗଲାଣି। ୧୮ ଜୁଲାଇରେ ସିନେମା ହଲରେ ମୁକ୍ତିଲାଭ କରିଥିବା ଏହି ସଂଗୀତିକ ରୋମାଣ୍ଟିକ ଫିଲ୍ମ ଏବେ ବି ପରଦାରେ ରାଜ କରୁଛି। 'ସୈୟାରା' ପ୍ରତିଦିନ ବକ୍ସ ଅଫିସରେ କୋଟି କୋଟି ଟଙ୍କା ସଂଗ୍ରହ କରୁଛି। ସେହି ସମୟରେ, ଅନେକ ଦର୍ଶକ ଘରେ ବସି ଫିଲ୍ମର ମଜା ନେବା ପାଇଁ ଫିଲ୍ମର ଓଟିଟି ରିଲିଜକୁ ଅପେକ୍ଷା କରିଛନ୍ତି। ଏପରି ପରିସ୍ଥିତିରେ, ପ୍ରଶଂସକଙ୍କ ପାଇଁ ଖୁସି ଖବର ଆସିଛି। 'ସୈୟାରା' ର ଓଟିଟି ରିଲିଜ ସମ୍ପର୍କିତ ଏକ ପୋଷ୍ଟର ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପୋଷ୍ଟରରେ ଲେଖାଯାଇଛି ଯେ 'ସୈୟାରା' ସେପ୍ଟେମ୍ବର ୧୨ ତାରିଖରେ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ ହେବ। ଏହି ପୋଷ୍ଟରକୁ ଶାନୁ ଶର୍ମା ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଶେୟାର କରିଛନ୍ତି, ଶାନୁ ହେଉଛନ୍ତି 'ସୈୟାରା'ର ପ୍ରଡକ୍ସନ ହାଉସ ଯଶ ରାଜ ଫିଲ୍ମସର କାଷ୍ଟିଂ ନିର୍ଦ୍ଦେଶକ। ତାଙ୍କର ଏହି କାହାଣୀ ସହିତ, ଫିଲ୍ମର ଓଟିଟି ରିଲିଜ ତାରିଖ ଏବେ ନିଶ୍ଚିତ ବୋଲି ବିବେଚନା କରାଯାଉଛି। ତଥାପି, ଏହା ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇନାହିଁ।



# ଖୁବଶୀଘ୍ର ଆସିବ 'ଗଦର-୩'



ସନ୍ନି ଦେଓଲ ଏବଂ ଅମିଶା ପଟେଲଙ୍କ ଅଭିନୀତ ଫିଲ୍ମ 'ଗଦର-୨'କୁ ମୁକ୍ତିଲାଭ କରିବାର ଦୁଇ ବର୍ଷ ପୂରିଛି । ବର୍ତ୍ତମାନ ଏହାର ନିର୍ଦ୍ଦେଶକ ଅନିଲ ଶର୍ମା ଫିଲ୍ମର ଭବିଷ୍ୟତ ଯୋଜନା ବିଷୟରେ ସୂଚନା ଦେଇଛନ୍ତି । ଏକ ସାକ୍ଷାତକାରରେ ଅନିଲ ଶର୍ମା 'ଗଦର-୨'ର ସବୁଠାରୁ ଖାସ୍ କଥା କହିବା ସହିତ 'ଗଦର-୩' ପାଇଁ ଯୋଜନା ଚାଲିଥିବା କଥା ମଧ କହିଛନ୍ତି ।

ଅନିଲ ଶର୍ମା କହିଛନ୍ତି ଯେ 'ଗଦର-୨'ର ସବୁଠାରୁ ଭଲ କଥା ହେଉଛି, ପ୍ରଥମ ଭାଗରେ ଶିଶୁ କଳାକାର ଭୂମିକାରେ ଥିବା ଉତ୍କର୍ଷ ଶର୍ମା ବଡ଼ ହୋଇ ପୁଣି ସେହି ଭୂମିକାରେ ନଜର ଆସିଲେ । ସେ କହିଛନ୍ତି, "ବୋଧହୁଏ ଏହା ପ୍ରଥମ ଥର, ଯେତେବେଳେ ଜଣେ ଶିଶୁ କଳାକାର ବଡ଼ ହୋଇ ସେହି ଭୂମିକାକୁ ପୁଣିଥରେ ନିଭାଉଛନ୍ତି ।" ଫିଲ୍ମ ନିର୍ମାଣ ସମୟରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା କାହାଣୀକୁ ପ୍ରଥମ ଭାଗରୁ ଆଗକୁ ବଢ଼ାଇବା । ଅନିଲ ଶର୍ମା କହିଛନ୍ତି, "ଆମକୁ କାହାଣୀକୁ ଆଗକୁ ନେବା ପାଇଁ ବହୁତ ସମୟ ଧରି ଚିନ୍ତା କରିବାକୁ ପଡ଼ିଲା । ଯେତେବେଳେ କାହାଣୀଟି ଠିକ୍ ଭାବରେ ଗଢ଼ିହେଲା, ସେତେବେଳେ ଅପେକ୍ଷା ସଫଳ ହେଲା ବୋଲି ଲାଗିଲା ।"

ସେ ଆହୁରି ମଧ କହିଛନ୍ତି ଯେ 'ଗଦର' ଦର୍ଶକଙ୍କ ହୃଦୟରେ ଘର କରିଥିଲା । ଗତ ୨୦ ବର୍ଷ ଧରି ସମସ୍ତେ ମୋତେ ପଚାରୁଥିଲେ ଯେ ମୁଁ 'ଗଦର-୨' କାହିଁକି କରୁନି । ମୋତେ ଜଣାଥିଲା ଯେ ଲୋକମାନେ ଏହି ଚରିତ୍ରଗୁଡ଼ିକୁ ବହୁତ ଭଲ ପାଆନ୍ତି। ମୋତେ ଫିଲ୍ମର ସଫଳତା ଉପରେ ପୂରା ବିଶ୍ୱାସ ଥିଲା । ବାସ୍ତବରେ, ମୁଁ ରିଲିଜ୍ ପୂର୍ବରୁ ହିଁ କହିଥିଲି ଯେ ଏହି ଫିଲ୍ମ ୫୦୦ କୋଟି ଟଙ୍କା ଆୟ କରିବ । ଭଗବାନଙ୍କୁ ଧନ୍ୟବାଦ ଯେ ସେ ମୋ କଥା ଶୁଣିଲେ ।"

ସେ ସ ଉପରେ ଫି ଲ୍ମ ର ସ୍ପଷ୍ଟ କରିଛନ୍ତି ଯେ 'ଗଦର-୩' ଭଲ ପାଇବା ହିଁ କାମ ଆରମ୍ଭ ହୋଇସାରିଛି। ଚରିତ୍ରମାନଙ୍କ ସହ ଜଡ଼ିତ ଗଢ଼ି ତୋଳିଛି । କାହାଣୀ ଆଗକୁ ବଢ଼ିବ ଏହାକୁ ଏକ ପରମ୍ପରା କରି ଏହି କାହାଣୀ ଓ ଚରିତ୍ରମାନଙ୍କ ପାଇଁ କାରଣ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ।

# ବଢ଼ିଲା କମେଡି କିଙ୍ଗ୍ କପିଲ ଶର୍ମାଙ୍କ ସୁରକ୍ଷା

## ବିଷ୍ଣୋଇ ଗ୍ୟାଙ୍ଗରୁ ଧମକ ସୁରକ୍ଷା ବଢ଼ାଇଲା ମୁମ୍ବାଇ ପୁଲିସ



କାନାଡାର ସରେରେ ଥିବା ଲୋକପ୍ରିୟ ହାସ୍ୟ ଅଭିନେତା କପିଲ ଶର୍ମାଙ୍କ କାପ୍ସ କାଫେ ଉପରେ ଗତ ଗୁରୁବାର ପୁଣି ଥରେ ଗୁଳି ଚାଳନା ହୋଇଥିଲା । ଗୋଟିଏ ମାସ ମଧରେ ଦ୍ୱିତୀୟ ଥର ପାଇଁ ସରେରେ ଥିବା କପିଲ ଶର୍ମାଙ୍କ କାପ୍ସ କାଫେରେ ଗୁଳି ଚାଳନା ହେବା ପରେ ଏବେ କପିଲଙ୍କ ସୁରକ୍ଷା ବଢ଼ାଇ ଦିଆଯାଇଛି । ମୁମ୍ବାଇ ପୁଲିସ ତାଙ୍କର ସୁରକ୍ଷା ବଢ଼ାଇଥିବା ଜଣାପଡ଼ିଛି । ପୂର୍ବରୁ ତାଙ୍କୁ କେତେ ସୁରକ୍ଷା ମିଳୁଥିଲା ଏବଂ ଏବେ କେତେ ସୁରକ୍ଷା ବଢ଼ାଯାଇଛି, ତାହା ସାମ୍ନାକୁ ଆସିନାହିଁ । ତେବେ ଆକ୍ରମଣ ପଛରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ହାତ ଥିବା ସାମ୍ନାକୁ ଆସିଛି । ଏହା ସହ ଲରେନ୍ସ ବିଷ୍ଣୋଇ କପିଲ ଶର୍ମାଙ୍କୁ କାହିଁକି ଟାର୍ଗେଟ କରୁଛନ୍ତି ତାହା ମଧ ସାମ୍ନାକୁ ଆସିଛି ।

# ୮୮ ବର୍ଷ ବୟସରେ ବାସନ୍ତୀ ଚାଟାର୍ଜୀଙ୍କ ପରଲୋକ



ବରିଷ୍ଠ ବଙ୍ଗାଳି ଅଭିନେତ୍ରୀ ବାସନ୍ତୀ ଚାଟାର୍ଜୀଙ୍କ ପରଲୋକ। ଗତକାଲି ବିଳମ୍ବିତ ରାତିରେ ବାସଭବନରେ ସେ, ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ବାସନ୍ତୀ ଚାଟାର୍ଜୀଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ଏହି ବରିଷ୍ଠ ଅଭିନେତ୍ରୀ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡିତ ଥିଲେ। ଗତ କିଛି ମାସ ଧରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିଲା । ବାସନ୍ତୀ ଚାଟାର୍ଜୀ ତାଙ୍କର ଦକ୍ଷ ଅଭିନୟ ଦ୍ୱାରା ସମସ୍ତଙ୍କ ହୃଦୟ ଜିତିଥିଲେ। ସେ ତାଙ୍କ କାମ ଦ୍ୱାରା ବୟସ୍କଙ୍କଠାରୁ ଆରମ୍ଭ କରି ଯୁବ ଦର୍ଶକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜର ପ୍ରଶଂସକ କରିଥିଲେ। ତାଙ୍କର ଚଳଚ୍ଚିତ୍ର ଜଗତରେ ୫ ଦଶନ୍ଧିରୁ ଅଧିକ ସମୟ ଧରି କ୍ୟାରିଅର୍ ଥିଲା। ୫୦ ବର୍ଷରୁ ଅଧିକ ସମୟ ଧରି ସେ ୧୦୦ରୁ ଅଧିକ ଚଳଚ୍ଚିତ୍ରରେ ତାଙ୍କର ଅଭିନୟ

# ଖୁବଶୀଘ୍ର ବିବାହ କରିବେ ପ୍ରଭାସ



ଭାରତୀୟ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ପ୍ରଭାସଙ୍କ ବିବାହ ନେଇ ଚର୍ଚ୍ଚା ଦୀର୍ଘ ଦିନ ଧରି ଜାରି ରହିଛି। ତାଙ୍କର ବିଶାଳ ପ୍ରଶଂସକ ମହଲ ତାଙ୍କ ବିବାହ ଖବର ଶୁଣିବାକୁ ଉତ୍ସୁକ ଥିବା ବେଳେ ପ୍ରଭାସ ନିଜ ବ୍ୟକ୍ତିଗତ ଜୀବନ ବିଷୟରେ ସାଧାରଣତଃ ମୌନ ରହିଥାନ୍ତି।

କିନ୍ତୁ ସମ୍ପ୍ରତି ତାଙ୍କ ମାଉସୀ ଶ୍ୟାମଳା ଦେବୀ ଏହି ବିଷୟରେ ମୁହଁ ଖୋଲିଛନ୍ତି।

ସୋସିଆଲ ମିଡିଆରେ ଶ୍ୟାମଳା ଦେବୀଙ୍କ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ସେ ଗଣମାଧମ ସହ କଥାବାର୍ତ୍ତା କରୁଛନ୍ତି। ସେ କହିଛନ୍ତି, "ଭଗବାନ ଶିବଙ୍କ ଆଶୀର୍ବାଦ ମିଳିଲେ ପ୍ରଭାସଙ୍କ ବିବାହ ହେବ। ଆମେ ସମସ୍ତେ ତାଙ୍କ ବିବାହ ପାଇଁ ଚେଷ୍ଟା କରୁଛୁ ଏବଂ ଆଶା କରୁଛୁ ଯେ ଶିବଙ୍କ କୃପାରେ ଏହା ଶୀଘ୍ର ହେବ।"

ପ୍ରଭାସଙ୍କ ଆଗାମୀ ଚଳଚ୍ଚିତ୍ର 'ଦି ରାଜା ସାବ'ରେ ସେ ଏକ ନୂଆ ଅବତାରରେ ଦେଖା ଦେବେ। ଏହା ତାଙ୍କର ପ୍ରଥମ ସମ୍ପୂର୍ଣ୍ଣ ହରର ଚଳଚ୍ଚିତ୍ର ହେବ। ମାରୁତିଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରଟି ହାସ୍ୟ ଓ ଭାବନାର ମିଶ୍ରଣ ସହିତ ଏକ ଅନନ୍ୟ ହରର ଅଭିଜ୍ଞତା ପ୍ରଦାନ କରିବ ବୋଲି ଆଶା କରାଯାଉଛି। ପିପଲ୍ସ ମିଡିଆ ଫ୍ୟାକ୍ଟ୍ରି ଦ୍ୱାରା ପ୍ରଯୋଜିତ ଏହି ଚିତ୍ର ଏକ ଦୃଶ୍ୟମାନ ଭବ୍ୟତା ହେବ ବୋଲି ଜଣାପଡ଼ିଛି। ସୂତ୍ରରୁ ଜଣାପଡ଼ିଛି ଯେ ଏହି ଚଳଚ୍ଚିତ୍ର ଉଚ୍ଚମାନର ପ୍ରଡ଼କ୍ସନ ମୂଲ୍ୟ ସହିତ ବୃହତ ସ୍ତରରେ ନିର୍ମାଣ କରାଯାଉଛି।

ଯୁବକଙ୍କୁ କୋଦାଳରେ ମରଣାନ୍ତକ ଆକ୍ରମଣ ଘଟଣା

# ୫ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

## ପୁଲିସର ପାୱାର ପଣିଆ ଉପରେ ପ୍ରଶ୍ନ




**ବାଲିପାଟଣା, ୧୩।୮ (ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅଧିନ ଗୋବିନ୍ଦପୁର ଚଣାହାଟ ଅଞ୍ଚଳର ବିଷ୍ଣୁ ପ୍ରସାଦ ସ୍ୱାଇଁ (୩୦) ଙ୍କୁ ସେହି ଗ୍ରାମର ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ବିଷ୍ଣୁ ବାଲିପାଟଣା ଥାନା ରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ବିଷ୍ଣୁ ଅନ୍ୟ ଜଣେ ବାଳକ ତାଙ୍କ ଆପାଚି ମୋଟର ସାଇକେଲ ଯୋଗେ ଗ୍ରାମ ମଧ୍ୟରେ ଯାଉଥିବା ବେଳେ ସେହି ଗ୍ରାମର ଯୁବକ ହରିଶ ଚନ୍ଦ୍ର ପ୍ରଧାନ ଗୋଟିଏ କୋଦାଳ ରେ ଉଭୟ ଙ୍କୁ ଆକ୍ରମଣ କରିଥିଲେ କିନ୍ତୁ ସୌଭାଗ୍ୟବଶତଃ ଉକ୍ତ ଚୋଟ ଟି ଖସିଯାଇ ମୋଟର ସାଇକେଲ ର ଆଗ ରେ ବାଜିଥିଲା।ଘଟଣାସ୍ଥଳରେ ଉଭୟ ଆରୋହି ମୋଟର ସାଇକେଲ ଛାଡି ଭୟରେ ଗାଆଁ ଦାଣ୍ଡରେ ଦୌଡ଼ି ଥିଲେ ତଥାପି ଅଭିଯୁକ୍ତ ଯୁବକ ଅଶ୍ଳୀଳ ଭାଷାରେ ଗାଳି ଦେବା ସହିତ କୋଦାଳ ଧରି ବିଷ୍ଣୁ ଙ୍କ ପିଛା କରିଥିଲା। ପରେ ବିଷ୍ଣୁ ଓ ଉକ୍ତ ବାଳକ ଜଣ ଙ୍କ କୌଣସି ମତେ ବର୍ତ୍ତି ଯାଇଥିଲେ। ସୂଚନାଯୋଗ୍ୟ ଯେ ଗତ ମାସରେ ଉଭୟ ଙ୍କ ମଧ୍ୟରେ ଥିବା ବିବାଦ କୁ ନେଇ ବାଲିପାଟଣା ଥାନାରେ ଫଇସଲା ହୋଇଥିଲା। ତେବେ ଏହି ଘଟଣା ପରେ ବିଷ୍ଣୁ ବାଲିପାଟଣା ଥାନା ରେ ଅଭିଯୋଗ କରି ଥିଲେ! ତାଙ୍କ ଜୀବନ ପ୍ରତି ବିପଦ ଥିବା କଥା ଅଭିଯୋଗ ପତ୍ର ମାଧ୍ୟମରେ ଜଣାଇ ଥିଲେ ମଧ୍ୟ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ଓଲଟା ତଦନ୍ତକାରୀ ଅଧିକାରୀ ପଦ୍ମଲୋଚନ ବେହେରା ବିଷ୍ଣୁଙ୍କୁ ନାଲିଆଖି ଦେଖାଇ ଘଟଣାର ଆପୋଷ ସମାଧାନ କରିବା ପାଇଁ କହିଥିଲେ ବୋଲି ବିଷ୍ଣୁ ଙ୍କ ବାପା ବିନୋଦ ସ୍ୱାଇଁ ଓ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଆଜିକୁ ପାଞ୍ଚ ଦିନ ହେବ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନନେବା ଓ ଦଫା କୋହଳ କରି, କେସ କୁ ରାତି ରାତି ଆଉ ଜଣଙ୍କୁ କେସ ର ଦାୟିତ୍ୱ ଦେବା ଓ ତାଗିଦ୍ କରି ପୋଲିସ ଛାଡ଼ି ଚୁପ୍ ବସିଥିବା ପୋଲିସ ର ପାରିବା ପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଚି ଓ ସନ୍ଦେହ ସୃଷ୍ଟି କରୁଚି। ଗତ କାଲି ହରିଶ ପ୍ରଧାନଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀ ଙ୍କୁ ଅଯଥା ରେ ଗ୍ରାମବାସୀ ମାନେ ଗାଳି ଗୁଲଜ କରୁଛନ୍ତି ବୋଲି ପାଲଟା ଅଭିଯୋଗ କରିଛନ୍ତି। ତେବେ ଏଠି କଥା ଉଠୁଛି ମରଣାନ୍ତକ ଆକ୍ରମଣ ଭଳି ସମ୍ବେଦନଶିଳ ଘଟଣା ରେ ପୋଲିସ ଚୁପ୍ କାହିଁକି ? ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଦୋଷୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ତେବେ ସମୂହ ଗ୍ରାମବାସୀ ଥାନା ଆଗରେ ଧାରଣା ଦେବା ସହିତ ବିଷ୍ଣୁ ଓ ତାଙ୍କ ପରିବାର ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ବେଉଷଣ ବେଳେ ସାର ସଂକଟ

# ସେବା ସମବାୟ ସମିତିରେ ମିଳୁନି ସାର



**କାମାକ୍ଷାନଗର, ୧୩।୮ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଏକ କୃଷି ପ୍ରଧାନ ଅଞ୍ଚଳ । ଅଞ୍ଚଳର ଅଧିକାଂଶ ଲୋକ ଧାନଚାଷ କରି ପରିବାର ପ୍ରତିପୋଷଣ କରନ୍ତି । ଏବେ ଧାନ ଚାଷ ସମୟ । ଭଲ ଅମଳ ଆଶାରେ ମାଟି ସହ ମାଟି ହୋଇ ଚାଷ କରୁଛନ୍ତି ଚାଷୀ । ହେଲେ ସେମାନଙ୍କ ପାଇଁ କଣ୍ଟା ହୋଇଛି ସାର ସଙ୍କଟ । ସମବାୟ ସମିତିରେ ସାର ନାହିଁ, ତେଣୁ ଚାଷ ବୁଡ଼ିଯିବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ । ଧାନ ଚାଷ ପାଇଁ ଡିଏପି ଓ ପଟାସ ସାର ଲୋଡ଼ା । ସରକାରୀ ସ୍ତରରେ କିନ୍ତୁ ସୃଷ୍ଟି ହୋଇଛି ନିଅଣ୍ଟିଆ ସ୍ଥିତି ।

ପ୍ୟାକ୍ସରେ ସାର ମିଳୁନଥିବା ବେଳେ ବଜାରରୁ ଚଢ଼ା ଦରରେ ସାର କିଣି ଆର୍ଥିକ ଶୋଷଣର ଶିକାର ହେଉଛନ୍ତି ଚାଷୀ । ସାର ଯୋଗାଣରେ ସରକାରୀ ବିଫଳତାର ଫାଇଦା ଉଠାଉଛନ୍ତି ଲାଭଖୋର ବ୍ୟବସାୟୀ । ବସ୍ତା ପିଛା ୫୦୦ରୁ ୫୫୦ରେ ବିକ୍ରି କରୁଛନ୍ତି । ଆଉ ନିରୁପାୟ ଚାଷୀ ବାଧ୍ୟ ହୋଇ ସାର ବସ୍ତା ବଜାରରୁ କିଣି ଖର୍ଚ୍ଚାନ୍ତ ହେଉଛନ୍ତି । କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଭେଟି ନିଜ ସମସ୍ୟା ଜଣାଇଛନ୍ତି ଚାଷୀ। ସଠିକ ସମୟରେ ସାର ଉପଲବ୍ଧ ନହେବାରୁ ଖୁଚୁରା ବଜାରରେ ଚଢ଼ା ଦରରେ ବିକ୍ରି ହେଉଛି । ଏଭଳି ଅଭିଯୋଗ ଆସିବା ପରେ ପ୍ରଶାସନ ବାବୁ ଚଢ଼ାଉ କରିଛନ୍ତି ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବର



**କଳାହାଣ୍ଡି, ୧୩।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକ୍ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିରରେ ବ୍ଲକ୍ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଶୁଭାରମ୍ଭ କରିଥିବା ବେଳେ ସମ୍ମାନୀୟ ଅତିଥି ଭାବେ ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାୟକ ମଞ୍ଚାସିନ ଥିଲେ। ଭିନ୍ନକ୍ଷମ ମାନଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ ସରକାର ବହୁ ଯୋଜନା କରୁଛନ୍ତି ବୋଲି ମଞ୍ଚାସିନ ଅତିଥି ମାନେ ନିଜ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ।ଶିବିରରେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୨୮ଗୋଟି ପଞ୍ଚାୟତ ର ଯୋଗ୍ୟ ଭିନ୍ୟକ୍ଷମ ହିତାଧିକାରୀ ମାନେ ଜିଲ୍ଲା ଚିକିତ୍ସାଳୟରୁ ଆସିଥିବା ବିଭିନ୍ନ ବିଭାଗର ବିଶେଷଜ୍ଞ ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରମାଣ ପତ୍ର ଦେବା ସହ ଆବଶ୍ୟକ ଉପକରଣ ପ୍ରଦାନ କରିଥିଲେ।ଏହି ଶିବିରରେ ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଆଶା ବାଡି, ଶ୍ରବଣ ଯନ୍ତ୍ର, ଟ୍ରାଇ ସାଇକେଲ, ଆଦି ଉପକରଣ ପ୍ରଦାନ କରଯାଇଥିଲା।

# ବାରିପଦାଠାରେ ବିଶ୍ୱ ଅଙ୍ଗଦାନ ଦିବସ ପାଳିତ



**ବାରିପଦା, ୧୩।୮ (ସଂଚାର ବ୍ୟୁରୋ):** ଅଙ୍ଗଦାନ ଏକ ମହତ୍ ଦାନ । ପ୍ରତିବର୍ଷ ଅଗଷ୍ଟ ମାସର ୧୩ ତାରିଖ ରେ ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଏ। ମୃତ୍ୟୁ ପରେ, ସୁସ୍ଥ ଏବଂ ମୂଲ୍ୟବାନ ଅଙ୍ଗ ଦାନ କରି ଅନ୍ୟ ମାନଙ୍କର ଜୀବନ ବଞ୍ଚାଇବା ପାଇଁ ଲୋକଙ୍କୁ ପ୍ରୋତ୍ସାହନ କରିବା ଏହି ଦିବସର ଉଦ୍ଦେଶ୍ୟ। ସ୍ୱର୍ଗତ ସୂରଜ ବେହେରାଙ୍କ ପିତାମାତା ଯିଏକି ଅନ୍ୟ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ସ୍ୱଇଚ୍ଛାରେ ନିଜ ମୃତ ପୁତ୍ରର ଅଙ୍ଗ ଦାନ କରିଥିଲେ ଏବଂ ରାଜ୍ୟରେ ସ୍ୱେଚ୍ଛୋକୃତ ଅଙ୍ଗ ଦାନକୁ ପ୍ରୋତ୍ସାହିତ କରିଥିଲେ, ସେମାନଙ୍କ ପ୍ରେରଣାଦାୟକ ତଥା ମାନବିକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ରାଜ୍ୟର ଅଙ୍ଗ ଦାତା ମାନଙ୍କୁ ଏବଂ ଅଙ୍ଗ ଦାନକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ ରେ ବିଶ୍ୱ ଅଙ୍ଗ ଦାନ ଦିବସ ଅବସରରେ ସ୍ୱର୍ଗତ ସୂରଜ ବେହେରାଙ୍କ ସମ୍ମାନରେ ବାର୍ଷିକ ପୁରସ୍କାର "ସୂରଜ ପୁରସ୍କାର " ପ୍ରଦାନ କରିବାକୁ ସରକାର ଘୋଷଣା କରିଛନ୍ତି। । ହୃତପିଣ୍ଡ, ବୃକକ ଏବଂ ଯକୃତ ମଧ୍ୟରୁ କୌଣସି ଗୋଟିଏ ଅଙ୍ଗ କିମ୍ବା ତତୋଧିକ ଅଙ୍ଗ ଦାନ କରିଥିବା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଉଅଛି । ହୃତପିଣ୍ଡ,ବୃକକ, ଯକୃତ, ଅଗ୍ନାଶୟ, ଫୁସଫୁସ ଏବଂ ଅନ୍ତନଳୀ ଆଦି ମହତ୍ୱପୂର୍ଣ୍ଣ ଅଙ୍ଗ ଦାନ କରିଥିବା ମୃତକ ଏବଂ ସେମାନଙ୍କ ପରିବାରର ନିସ୍ୱାର୍ଥପର ଓ ବୀରତ୍ୱର ଅବଦାନକୁ ସମ୍ମାନ ଜଣାଇ ମୃତକ ମାନଙ୍କର ଶେଷକୃତ୍ୟ ସପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଅଛି। ଏହି ଅବସରରେ ଆଜି ରାଜ୍ୟ ସ୍ତରୀୟ ଅନୁଷ୍ଠିତ ଉତ୍ସବ ରେ ବିଭିନ୍ନ ଜିଲ୍ଲା ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ରେ ଯୋଡି ହୋଇଥିଲେ। ବିଭିନ୍ନ ଜିଲ୍ଲାର ୧୯ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱର୍ଗତ ମାନଙ୍କ ନିକଟ ସମ୍ପର୍କୀୟଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଓସ୍ୱାନ ହଲ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାରିପଦା ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ ୨୧, ମୁର୍ଗାବାଡି ନିବାସୀ ସ୍ୱର୍ଗତ ସ୍ୱଶ୍ରୀୟାନ ପାତ୍ରଙ୍କୁ ମହତ କର୍ମ ନିମନ୍ତେ ଚଳିତ ବର୍ଷ ସୂରଜ ପୁରସ୍କାର ପ୍ରଦାନ କରାଯାଇଅଛି ।

## ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ସୁବିଧା ମିଳୁନି

**ଫିରିଙ୍ଗିଆ, ୧୩।୮ (ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଅସହାୟ ବାସହୀନ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେଉଛନ୍ତି। ହେଲେ ଆଜି ବି ଏହି ଯୋଜନା କେତେକ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରୀମାଣ୍ଡୁ ପଞ୍ଚାୟତ ପାଦେରୀପଡ଼ା ଗ୍ରାମରେ ଝାଟିମାଟି କୁଡ଼ିଆରେ ୪ ପ୍ରାଣୀ କୁଟୁମ୍ବ ଜୀବନ ବିତାଉଛନ୍ତି। ରାଜେନ୍ଦ୍ର କହଁର ବୟସ (୩୨) ସ୍ତ୍ରୀ ଓ ଦୁଇ ପୁଅ କୁ ନେଇ ଗୋଟିଏ ପରିବାର। ଦୀର୍ଘ ବର୍ଷ ଧରି ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହି ଆସୁଛନ୍ତି ରାଜେନ୍ଦ୍ର ପରିବାର।ଖରା ଦିନରେ ଯେମିତି ସେମିତି ଚଳି ଯାଉଥିବା ବେଳେ ବର୍ଷା ଦିନ ଘର ଛପରରୁ ପାଣି ଗଳୁଛି। ଯାହା ଫଳରେ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାଜେନ୍ଦ୍ର ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଖଣ୍ଡିଏ ଯୋଗାଇ ଦେବାକୁ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ନୂତନ ଓଡ଼ିଶା ସରକାର ଗରିବ ଙ୍କ ଦୁଃଖ କେବେ ଦୂର କରୁଛନ୍ତି।

## ଏନ୍‌ଟିପିସି ଦର୍ଲିପାଲି ସିଆଇଏସ୍ଏଫ୍ ଯବାନଙ୍କ ଦ୍ୱାରା ହର ଘର ତ୍ରିରଙ୍ଗା ରାଲି



**ସୁନ୍ଦରଗଡ଼, ୧୩।୮ (ସଂଚାର ବ୍ୟୁରୋ):** ଅଗଷ୍ଟ ୧୩ ତାରିଖ ବୁଧବାର ଦିନ ଏନଟିପିସି ଦର୍ଲିପାଲି ସିଆଇଏସଏଫ ଯବାନଙ୍କ ଦ୍ୱାରା ହର ଘର ତ୍ରିରଙ୍ଗା ରାଲି ଡେପୁଟି କମାଣ୍ଡାଣ୍ଟ ଲଲାଟେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ କରାଯାଇଥିଲା । ନିଶାନ-ଏ-ଏକତାରେ 'ହର ଘର ତିରଙ୍ଗା' ଅଭିଯାନରେ ଯବାନ ମାନେ ବାଇକ୍ ରାଲିରେ ଦର୍ଲିପାଲି, ଜେ. ରାଏବଗା, ରାଏଡିହିର ସମଗ୍ର ଅଞ୍ଚଳରେ ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିଥିଲେ।

୫୦ରୁ ଅଧିକ ସିଆଇଏସଏଫ ଯବାନ, କ୍ୟାମ୍ପସ କର୍ମଚାରୀ ବାଇକ୍ ରାଲିରେ ତ୍ରିରଙ୍ଗା ପତାକା ପ୍ରଦର୍ଶନ ରେ ଯୋଗ ଦେଇଥିଲେ।

ଦେଶ ଭକ୍ତିର ବାର୍ତ୍ତା ଏହି କାର୍ଯ୍ୟକ୍ରମ "ହର ଘର ତ୍ରିରଙ୍ଗା" ଅଭିଯାନର ଉଦ୍ଦେଶ୍ୟକୁ ସ୍ପଷ୍ଟ ଭାବରେ ଉପସ୍ଥାପନ କରିଥିଲା - ଦେଶପ୍ରେମ ଏବଂ ଜାତୀୟ ଏକତା। ଏହି ପଦକ୍ଷେପ କେବଳ ସ୍ୱାଧୀନତା ଦିବସ ପାଳନରେ ଯୋଗ କରି ନ ଥିଲା ବରଂ ପରିବେଶକୁ ସଂଯୋଗ କରୁଥିବା ସାମୁଦାୟିକ ଭାବନାକୁ ମଧ୍ୟ ମଜବୁତ କରିଥିଲା।

## ତ୍ରିରଙ୍ଗା ଯାତ୍ରା ଏକ ଆନ୍ଦୋଳନ ମହୋତ୍ସବରେ ପରିଣତ ହେବା ଶୁଭ ସଙ୍କେତ: ଜିଲ୍ଲାପାଳ



**ସୁବର୍ଣ୍ଣପୁର, ୧୩।୮ (ସଂଚାର ବ୍ୟୁରୋ):** ଆଜି ବୁଧବାର ଅପରାହ୍ନ ୫ ଘଣ୍ଟା ବେଳେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ , ପୌର ପ୍ରଶାସନ ଦ୍ୱାରା ଆୟୋଜିତ ଓ ସ୍ୱଚ୍ଛ ଭାରତ ସଙ୍ଗଠନ , ଯଶୋଦା ଦେବୀ ନର୍ସିଂ ସ୍କୁଲ, ସୋନପୁର କଲେଜ୍ ଏନ୍ ସି ସି, ଓ ବରିଷ୍ଠ ନାଗରିକ ସଂଘ ସହର ର ପ୍ରମୁଖ ସଂଗଠନ ର ମିଳିତ ସହଯୋଗ ରେ ସ୍ଥାନୀୟ ପୌର ପରିଷଦ ଅଫିସ୍ ସମ୍ମୁଖରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ କରାଯାଇଛି । ବିଜୁ ପଟ୍ଟନାୟକ ମହିଳା କଲେଜ, ଗଙ୍ଗା ଧର ମେହେର ଛକ ରାସ୍ତା ଦେଇ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଆସିଥିବା ଏହି ହର ଘର ତ୍ରିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅବସର ରେ ଏଇ ବିଶାଳ ତ୍ରିରଙ୍ଗା ,ଏକତା ଓ ଅଖଣ୍ଡତା ର ଶୋଭାଯାତ୍ରା କୁ ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାୟକ ଓ ଏ ଡି ଏମ୍ ରାଜେନ୍ଦ୍ର ମାଝୀ ଶୁଭାରମ୍ଭ କରି ଶୋଭାଯାତ୍ରାରେ ସାମିଲ୍ ଥିଲେ । ପରେ ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପରାଜ ସାହୁ ମଧ୍ୟ ଏହି କାର୍ଯ୍ୟକ୍ରମ ରେ ସାମିଲ୍ ହୋଇ ଉପସ୍ଥିତ ଶତାଧିକ ସ୍ୱେଚ୍ଛାସେବୀ ଦେଶ ପ୍ରେମୀ ମାନଙ୍କ ସହ ପୌର ପରିଷଦ ଅଫିସ୍ ଯାଏ ପହଞ୍ଚି ଥିଲେ । ଏଠାରେ ଅନୁଷ୍ଠିତ ଏକ ସଭାରେ ଆଜି ସୁବର୍ଣ୍ଣପୁର ରେ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରା ରେ ସବୁ ବର୍ଗ ର ଲୋକେ ସାମିଲ୍ ହୋଇ ଏହା ଏକ ମହୋତ୍ସବ ରେ ଆନ୍ଦୋଳନ ରେ ପରିଣତ ହୋଇଛି ଯାହାକି ଦେଶ ପାଇଁ ଏହା ଏକ ଶୁଭ ସଙ୍କେତ ବୋଲି ଜିଲ୍ଲାପାଳ ଡଃ ସାହୁ କହିଥିଲେ । ଏବଂ ଆମେ ସମସ୍ତେ ଏକ ହୋଇ ଜିଲ୍ଲା ର ଦେଶ ର ଉନ୍ନତି କରିବା କୁ ପରାମର୍ଶ କରିଥିଲେ ।

## ଏକକାଳୀନ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



**ବୈଶିଙ୍ଗା, ୧୩।୮ (ସଂଚାର ବ୍ୟୁରୋ):** କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ହେମପୁର ର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ନେତୃତ୍ୱ ରେ କ୍ରୀଡା ଶିକ୍ଷକ ଶରତ ବେହେରା ଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟ ରେ ୨୦୧୪ ରୁ ଦୀର୍ଘ ଏଗାର ବର୍ଷ ଧରି କ୍ରୀଡା ଶିକ୍ଷକ ଭାବେ କାର୍ଯ୍ୟ କରିଆସିଛନ୍ତି ଶ୍ରୀ ବେହେରା। ବର୍ତ୍ତମାନ ସେ ନିଜ ଜିଲ୍ଲା ପୁରୀ ର ଉତ୍କଳମଣି ସ୍ମୃତି ନୋଡାଲ ବିଦ୍ୟାପୀଠ, କୋଠସାହି କୁ ବଦଳି ହୋଇ ଯାଇଛନ୍ତି ଏବଂ ପ୍ରତିବଦଳରେ ଉକ୍ତ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ବିନ୍ନି ସଞ୍ଜୀବନ ବେହେରା ହେମପୁର ରେ ଯୋଗ ଦେଇଛନ୍ତି କ୍ଷଶିକ୍ଷକ ତୁଷାର କାନ୍ତ ପାତ୍ର ଓ ଚନ୍ଦନ କୁମାର ଦାସ, ଶିକ୍ଷୟତ୍ରୀ ପ୍ରଭାତୀ ପ୍ରଧାନ, ଜୟଶ୍ରୀ ପାଢ଼ୀ, ରାଜନନ୍ଦିନୀ ପାତ୍ର, ସବିତା ବାରିକ ପ୍ରମୁଖ ବିଦାୟୀ ଶିକ୍ଷକ ଙ୍କ ସହିତ ନିଜର ସ୍ମୃତି ଏବଂ ବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ କୁ ମନେ ପକାଇ ବକ୍ତବ୍ୟ ରଖିବା ସହିତ ନୂତନ ଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ବିଦାୟୀ ଶିକ୍ଷକ ଶରତ ବେହେରା ନିଜ ବକ୍ତବ୍ୟ ରେ ବିଦ୍ୟାଳୟ ର ସମସ୍ତ ଷ୍ଟାଫ୍, ପିଲା, ଅଭିଭାବକ, ଗ୍ରାମବାସୀ ସର୍ବୋପରି ମୟୁରଭଞ୍ଜବାସୀଙ୍କର ଆପଣାର କରିନେବା ସ୍ୱଭାବ ତାଙ୍କ ପାଇଁ ଅପାଶୋରା ରହିବ ବୋଲି କହିଥିଲେ। ବିଦ୍ୟାଳୟ ତରଫରୁ ତାଙ୍କୁ ଶ୍ରଦ୍ଧା ଉପହାର ପ୍ରଦାନ କରାଯାଇଥିଲା ଏବଂ ନୂତନ କ୍ରୀଡା ଶିକ୍ଷକ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ରେ ଜଗନ୍ନାଥ ମହାନ୍ତ ସହଯୋଗ କରିଥିଲେ ।

# ରଙ୍ଗୁ ପ୍ରଧାନଙ୍କୁ କେବେ ମିଳିବ ବର୍ଦ୍ଧିତ ଭତ୍ତା



**ଫିରିଙ୍ଗିଆ, ୧୩।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଗୁନ୍ଦରଗାଁ ଗ୍ରାମର ରଙ୍ଗୁ ପ୍ରଧାନ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସରକାର ଭତ୍ତା ପାଇଁ ଧାର୍ଯ୍ୟ ବୟସ ସୀମା ୬୦ କରିଥିବା ବେଳେ କ ନୂଆଗାଁ ବ୍ଲକର ବହୁ ହିତାଧିକାରୀ ଏହି ବୟସ ସୀମା ଟପି ଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ଭତ୍ତା ମିଳିପାରି ନାହିଁ କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଗୁନ୍ଦରଗାଁ ଗ୍ରାମର ରଙ୍ଗୁ ପ୍ରଧାନ ଛ ମାସ ହେବ ଭତ୍ତା ପାଇଁ ଦରଖାସ୍ତ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ହିତାଧିକାରୀ ସୂଚୀରେ ସାମିଲ ହୋଇନାହାନ୍ତି ଭତ୍ତା ଟଙ୍କା ପାଇବା ସକାଶେ ସେ ବାରମ୍ବାର ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ଏଥିରେ ତାଙ୍କୁ ଅଦ୍ୟାବଧି ସଫଳତା ମିଳିପାରି ନାହିଁ ଦୁଇ ଛ ମାସ ତଳୁ ହିତାଧିକାରୀ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ କେଉଁ କାରଣ ପାଇଁ ରଙ୍ଗୁ ପ୍ରଧାନଙ୍କୁ ଆଜି ପର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତାରୁ ବ୍ଲକ ପ୍ରଶାସନ ବଞ୍ଚିତ ରଖିଛନ୍ତି ତାହା ବୁଝା ପଡୁନାହିଁ ପଞ୍ଚାୟତ ତଥା ପଞ୍ଚାୟତ ସମିତିରେ ବହୁ ବାର ଦରଖାସ୍ତ କରିଥିଲେ ମଧ୍ୟ ସେ ନିରାଶ ହୋଇ ପଡ଼ିଛନ୍ତି ସେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ପଞ୍ଚାୟତ ସମିତି ସ୍ତରରେ ଦରଖାସ୍ତ କରିଥିଲେ ତାଙ୍କୁ କେଉଁ କାରଣରୁ ବର୍ଦ୍ଧିତ ଭତ୍ତା ଦିଆଯାଉ ନଥିବା ନିଜେ ରଙ୍ଗୁ ପ୍ରଧାନ ଅଭିଯୋଗ କରିଛନ୍ତି ତୁରନ୍ତ ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ରଙ୍ଗୁ ପ୍ରଧାନଙ୍କୁ ବର୍ଦ୍ଧିତ ଭତ୍ତା ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବା ସକାଶେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କୁ ବ୍ଲକ କର୍ମଚାରୀଙ୍କ ଦୁର୍ବ୍ୟବହାର

**ବୈଶିଙ୍ଗା, ୧୩।୮ (ସଂଚାର ବ୍ୟୁରୋ):** ଲୋକଙ୍କ ସରକାରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିନଥିବା ଆମ୍ବାଗଡ଼ିଆ ପଞ୍ଚାୟତର ଜଣେ ବୟସ୍କା ମହିଳା ହିତାଧିକାରୀଙ୍କୁ ସମ୍ପୃକ୍ତ ପଞ୍ଚାୟତର ଜିଆରଏସ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ କେତେକ ଅଧିକାରୀ ସମ୍ପୃକ୍ତ ହିତାଧିକାରୀଙ୍କୁ ସରକାରୀ ବାସ ଗୃହ କାହିଁକି ନିର୍ମାଣ କରିନାହାନ୍ତି ବୋଲି ପଚାରିଥଲେ।, ମହିଳା ଜଣକ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ କିପରି ମିଳିତ ଭାବେ ଧମକ ଦେଉଛନ୍ତି ତାହା ସୋସିଆଲ ମିଡିଆରେ ଘୁରି



ବୁଲିବା ପରେ ସମ୍ପୃକ୍ତ ପଞ୍ଚାୟତର ଜିଆରଏସ ଅନିମା ମଞ୍ଜରୀ ଦାସ ଙ୍କ ସହ ତାଙ୍କ ମୋବାଇଲ ନଂ ରେ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନଥିଲେ। ହିତାଧିକାରୀ ମହିଳାଙ୍କ ନାମରେ ଆବାସ ଘର ମଞ୍ଜୁରୀ ହେବାପରେ ସେ ପ୍ରଥମ କିସ୍ତି ଅର୍ଥ ନେଇଥିଲେ ମଧ୍ୟ ଘର କରିନଥିଲେ। ଉକ୍ତ ଅଧିକାରୀ ମାନେ ତାଙ୍କୁ ଘର କରିବାକୁ କହିଥିଲେ ମାତ୍ର ଭାଷାଗତ ତ୍ରୁଟି ପରିଲକ୍ଷିତ ହୋଇଥିଲା ଓ ଧମକ ଦେଇ ତାଙ୍କର ଭତ୍ତା ଓ ଚାଉଳ ପ୍ରଦାନ ବନ୍ଦ କରିଦେବେ ବୋଲି ଜୋର ପାଟିରେ କହିବା ଫଳରେ ମହିଳା ଜଣକ ଭୟ ପାଇ ଶୀଘ୍ର ଘରକାମ କରିବେ ବୋଲି ପ୍ରକାଶ କରିଥିଲେ। ଜଣେ ବୟସ୍କା ମହିଳାଙ୍କୁ ଏଭଳି ବ୍ୟବହାର ସରକାରୀ ଅଧିକାରୀ ଓ କର୍ମଚାରୀ ମାନେ କରିବା ଫଳରେ ଅନ୍ୟ ହିତାଧିକାରୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମାଥିଲି ପୁଲିସ୍ ନାଁରେ ସାଂଘାତିକ ଅଭିଯୋଗ, ଅଭିଯୁକ୍ତକୁ ଧରିବାରେ ବିଫଳ

**ମାଲକାନଗିରି, ୧୩।୮ (ସଂଚାର ବ୍ୟୁରୋ):** ଜିଲ୍ଲା ମାଥିଲି ପୁଲିସ୍ ନାଁରେ ସାଂଘାତିକ ଅଭିଯୋଗ। ନିଜ ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ସମାନ ନାଁର ଅନ୍ୟ ଜଣେ ଗାଁ ଲୋକଙ୍କୁ ବାନ୍ଧି ଆଣିଲା ପୁଲିସ । ଆଉ ମାଲକାନଗିରି ଦୌରାଜଜଙ୍କ ଅଦାଲତ ସମ୍ପୃକ୍ତ ଲୋକଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପରେ ବି ପୁଲିସ୍ ତାଙ୍କୁ ହଇରାଣ କରୁଥିବା ଆସିଛି ଅଭିଯୋଗ । ଯାହାକୁ ନେଇ ଓଡ଼ିଶା ମାନବାଧିକାର କମିସନର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । କିଛି ଦୋଷ ନକରି ୩ ମାସ ଜେଲ୍ ଦଣ୍ଡ ଭୋଗି ଫେରିଛନ୍ତି ବଳରାମ । ୨୦୦୫ରେ ଜମିଜମା ଗଣ୍ଡଗୋଳରେ ମାଥିଲି ଥାନାରେ ୬୯ ଜଣଙ୍କ ନାଁରେ ସଂଘବଦ୍ଧ ଆକ୍ରମଣ ମାମଲା ରୁଜୁ ହୋଇଥିଲା । ଆଉ ଅଭିଯୁକ୍ତଙ୍କ ତାଲିକାରେ ଥିଲା ମେକା ପଞ୍ଚାୟତ ଦାମାପଡ଼ା ଗାଁର ବଳରାମ ପୂଜାରୀଙ୍କ ନାମ । ହେଲେ ଅସଲ ବଳରାମଙ୍କୁ ନପାଇ ୨୦୨୩ ଡିସେମ୍ବର ୨୭ରେ ପଙ୍ଗାମ ପଞ୍ଚାୟତ କୁପଲିଗୁଡ଼ା ଗାଁର ବଳରାମ ପୂଜାରୀଙ୍କୁ ବାନ୍ଧିନେଲା ମାଥିଲି ପୁଲିସ। ମାଲକାନଗିରି ଉପକାରଗାରରେ ୩ ମାସ ଜେଲ୍ ଦଣ୍ଡ ଭୋଗିବା ପରେ ମାଲକାନଗିରି ଜିଲ୍ଲା ଓ ଦୌରାଜଜ ତାଙ୍କୁ ମେ' ମାସରେ ନିର୍ଦ୍ଦୋଷର ଖଲାସ କରିଛନ୍ତି ।

# ଜିଲ୍ଲାପାଳଙ୍କୁ ଭେଟିଲେ ଖରସ୍ରୋତା ପୁସ୍ତକ ମେଳା କମିଟିର ପ୍ରତିନିଧି ମଣ୍ଡଳୀ



**ବିଞ୍ଝାରପୁର, ୧୩।୮ (ସଂଚାର ବ୍ୟୁରୋ):** ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ଶ୍ରୀଯୁକ୍ତ ପଦ୍ମାକର ଗୁରୁଙ୍କ ନେତୃତ୍ୱରେ ଏକ ଏଗାର ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଶ୍ରୀଯୁକ୍ତ ଅମ୍ବର କୁମାର କର ଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦୀର୍ଘ ପନ୍ଦର ମିନିଟ୍ ରୁ ଊର୍ଦ୍ଧ୍ୱ ସାକ୍ଷାତ୍ ଆଲୋଚନା କରିଥିଲେ। ଗତବର୍ଷ ଦ୍ୱିତୀୟ ଖରସ୍ରୋତା ପୁସ୍ତକ ମେଳା ବିଞ୍ଝାରପୁର ବ୍ଲକ୍ ର ଅବିଭକ୍ତ ଫତେପୁର ଗ୍ରାମ ପଞ୍ଚାୟତର ମଲ୍ଲିଆ ଯଜ୍ଞ ପଡ଼ିଆରେ ସଫଳତାର ସହ ଅନୁଷ୍ଠିତ ହୋଇ ଥିବାର ଖବର ଶୁଣି ଜିଲ୍ଲାପାଳ ଖୁସି ହୋଇଥିଲେ। ପ୍ରକାଶକମାନେ ଆୟୋଜକ ମାନଙ୍କୁ ସହଯୋଗ କରୁଥିବାରୁ ଗ୍ରାମାଞ୍ଚଳରେ ଏହି ପୁସ୍ତକ ମେଳା ଦୁଇ ବର୍ଷ ଧରି ଅନୁଷ୍ଠିତ ହେଉଅଛି। ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟ ର ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକ ମାନେ ସରକାରୀ ଅର୍ଥରେ ଅଧିକରୁ ଅଧିକ ବହି କିପରି ପୁସ୍ତକ ମେଳା ରୁ କିଣିପାରିବେ, ସେଥିପ୍ରତି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମିଳିଲେ ଖରସ୍ରୋତା ପୁସ୍ତକ ମେଳା କମିଟି ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ସଂସ୍କୃତି ପରିଷଦରୁ ଓ ଅନ୍ୟାନ୍ୟ ଉତ୍ସରୁ ଆର୍ଥିକ ସହଯୋଗ ସହ ଜିଲ୍ଲା ଓ ବ୍ଲକ୍ ପ୍ରଶାସନର ମିଳିତ ସହଯୋଗରେ କିପରି ତୃତୀୟ ପୁସ୍ତକ ମେଳା ଚଳିତ ଡିସେମ୍ବର୍ ଷୋହଳ ରୁ ବାଇଶି ରିଖ ସାତ ଦିନ ବ୍ୟାପୀ ସୁରୁଖୁରୁରେ ଆୟୋଜିତ ହେବ ଓ ସାତଦିନ ଧରି ପ୍ରତିଷ୍ଠିତ ସାହିତ୍ୟିକ, ପ୍ରଶାସକ, ଲବ୍ଧ ପ୍ରତିଷ୍ଠିତ ସାରସ୍ୱତ ପ୍ରେମୀ ଓ ରାଜ୍ୟସ୍ତରୀୟ ସାଂସ୍କୃତିକ ଦଳ ଯୋଗ ଦେବେ, ସେଥିଲାଗି ଜିଲ୍ଲାପାଳ ଙ୍କ ଶୁଭଦୃଷ୍ଟି ନିରନ୍ତର ଆବଶ୍ୟକ ବୋଲି ପୁସ୍ତକ ମେଳା କମିଟିର ସଭାପତି ଶ୍ରୀଯୁକ୍ତ ଗୁରୁ ଜିଲ୍ଲାପାଳ ଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଗତ ପୁସ୍ତକ ମେଳାର ନିମନ୍ତ୍ରଣ ପତ୍ର ସହ ସମସ୍ତ କାର୍ଯ୍ୟକ୍ରମ ଉପରେ ଟିକ୍ ନିକ ବୁଝିବା ସହ ସମସ୍ତ ପ୍ରକାର ସହଯୋଗ କରିବାକୁ ପୁସ୍ତକ ମେଳା କମିଟି କୁ ଜିଲ୍ଲାପାଳ ଶ୍ରୀଯୁକ୍ତ କର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

## ରାଜ୍ୟରେ ରୋଗିଣା ପାଲଟିଯାଇଛି ରୋଗୀସେବା

● ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି

**କଣ୍ଟାପଡ଼ା, ୧୩।୮ (ସଂଚାର ବ୍ୟୁରୋ):** ପୂରା ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ସ୍ୱାସ୍ଥ୍ୟସେବା । ରାଜ୍ୟର ଅଧାରୁ ଅଧିକ ଡାକ୍ତର ପଦବୀ ଫାଙ୍କା ପଡ଼ିଛି । ଖାଲି ଡାକ୍ତର ନୁହେଁ, ନର୍ସ, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ କର୍ମଚାରୀଙ୍କର ବି ଜିଲ୍ଲାରେ ଅଭାବ ରହିଛି । ଫଳରେ ରୋଗୀ ଚିକିତ୍ସା ପାଇଁ ହନ୍ତସନ୍ତ ହେଉଛନ୍ତି। ଠିକ ସମୟରେ ଚିକିତ୍ସା ନପାଇ ଅନେକଙ୍କ ଜୀବନ ଚାଲିଯାଉଥିବା ଅଭିଯୋଗ ଆସୁଛି । ଆଉ କେଉଁଠି ବେଡ୍ ନଥିବାରୁ ରୋଗୀ ବାହାରେ ପଡ଼ି ଚିକିତ୍ସା ହେଉଥିବାର ଦେଖିବାକୁ ମିଳୁଛି । କଣ୍ଟାପଡ଼ା, ମୋହନା ଓ ସୁକିନ୍ଦାରେ ଆସିଥିବା ଏ ଚିତ୍ର ଏହାର ଜ୍ୱଳନ୍ତ ଉଦାହରଣ । ଏନେଇ ବାରମ୍ବାର ଅଭିଯୋଗ ପରେ ବି ସ୍ୱାସ୍ଥ୍ୟ ବିଭାଗର ଏଥିପ୍ରତି ନଜର ପଡୁନି । ରାଜ୍ୟରେ ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ କରିବା ସହ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେବା ଜରୁରୀ ।